

# ଉତ୍କଳ ପ୍ରସଙ୍ଗ

ପଞ୍ଚଦଶ ଭାଗ—ଦ୍ୱିତୀୟ ସଂଖ୍ୟା

୧୫, ସେପ୍ଟେମ୍ବର ୧୯୫୮ ] [ ଭାଦ୍ର ୨୪ ଦିନ ୧୮୮୦ ଶକାବ୍ଦ

ସମ୍ପାଦକ
ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସମ୍ପାଦକ
ଶ୍ରୀ ବିଜୁଳିଚରଣ ପଟ୍ଟନାୟକ, ବି. ଏଲ୍.

ଟେଲିଗ୍ରାମ—ପବ୍ଲିସିଟି, ଭୁବନେଶ୍ୱର
ଟେଲିଫୋନ—୧୧ ଓ ୪୦ ଭୁବନେଶ୍ୱର

ଡିରେକ୍ଟର [ଲୋକସମ୍ପର୍କ] ବିଭାଗ, ଓଡ଼ିଶା

ନୂଆ ରାଜଧାନୀ ଭୁବନେଶ୍ୱର

ପ୍ରତି ଖଣ୍ଡର ମୂଲ୍ୟ—୧୨ ନୂ. ପ.

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା

# ସୂଚୀପତ୍ର


| | | |
|---|---|---|
| ୧ । | ସ୍ୱାଧୀନତା ପରେ ଭାରତରେ ଶସ୍ୟ ପରିବର୍ଦ୍ଧନ ... ... | ୧ |
| ୨ । | ଓଡ଼ିଶାରେ କୃଷିଋଣ ସମବାୟ ସମିତି ... ... | ୫ |
| ୩ । | ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଦାନ ... ... | ୮ |
| ୪ । | ଯୋଜନା-ଯୁଗର ସାକ୍ଷୀ ... ... ... | ୧୧ |
| ୫ । | ଓଡ଼ିଶାରେ ମୃତ୍ତିକା-ଶିଳ୍ପ ... ... ... | ୧୩ |
| ୬ । | ରାଉରକେଲା ଇସ୍ପାତ କାରଖାନା ନିର୍ମାଣର ଅଗ୍ରଗତି ... ... | ୧୭ |
| ୭ । | ଭାରତରେ ଜାତୀୟ ଐକ୍ୟ ପ୍ରତିଷ୍ଠାର ପନ୍ଥା ... ... | ୧୮ |
| ୮ । | ଆମର ଜନସଂଖ୍ୟା ସମସ୍ୟା ... ... ... | ୨୧ |
| ୯ । | ଭାରତରେ ସମୂହବିକାଶ ଯୋଜନାର ଅଗ୍ରଗତି ... ... | ୨୫ |
| ୧୦ । | ଆମ ରାଜ୍ୟ ... ... ... | ୨୭ |
| ୧୧ । | ସମସ୍ତଙ୍କ ଜାଣିବାପାଇଁ ... ... ... | ୩୧ |
| ୧୨ । | ଆମ ଦେଶ ... ... ... | ୪୧ |
| ୧୩ । | ବରନ୍ତ ଜଳର ଅଗ୍ରଗତି ... ... ... | ୪୪ |
| ୧୪ । | ହାତତନ୍ତ ଶିଳ୍ପ ଆଗେଇ ଚାଲିଛି ... ... ... | ୪୮ |



ମୁଦ୍ରାକର

ପଣ୍ଡିତ ଅନସୂୟା ପ୍ରସାଦ ପାଠକ

ରାଷ୍ଟ୍ରଭାଷା ସମବାୟ ପ୍ରେସ,

କଟକ-୨

# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା!
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ,
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ!
ଭାରତ-ଭାଗ୍ୟ-ବିଧାତା!
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ!

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

# ଓ

# ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୭.୪୧ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆଯିବ)।

୩। ପନ୍ଦରବର୍ଷିଆ ଆନ୍ୟୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷପାଇଁ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩୪ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨୪। ୨୫ ଟଙ୍କାଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୂର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟକର ଦେବାକୁ ପଡ଼ିବ ନାହିଁ।

ସ୍ମରଣ ରଖନ୍ତୁ :

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିଜପରି ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣ ପାଇଁ—

ଦି ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ।



ରାଜଭବନରେ ରାଜ୍ୟପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଇଣ୍ଡିଆନ୍ ଇନଷ୍ଟିଚିଉଟ୍ ଅଫ୍ ପବ୍ଲିକ ଆଡ୍‌ମିନିଷ୍ଟ୍ରେସନର
ଓଡ଼ିଶା ରାଜ୍ୟ ଶାଖାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ - ଡକ୍ଟର ହରେକୃଷ୍ଣ ମହତାବଙ୍କ ଭାଷଣ




ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ କଳାବିକାଶ କେନ୍ଦ୍ରର
କଟକଠାରେ ସ୍ୱତନ୍ତ୍ର ଭବନ ନିର୍ମାଣ ପାଇଁ ଭିତ୍ତି ସ୍ଥାପନ କରୁଅଛନ୍ତି



କଟକ ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଶା ସଙ୍ଗୀତ ନାଟକ ଗବେଷଣା ଏକାଡେମୀର ଉଦ୍‌ଘାଟନ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀମତୀ ରତ୍ନମଞ୍ଜରୀ ଦେବୀ



ସ୍ୱାଧୀନତା ଦିବସରେ ପୋଲିସ ଗ୍ରାଉଣ୍ଡରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ
ବାଳିକା ଏନ୍. ସି. ସି. ( ଗାର୍ଲ୍ ଗାଇଡ )ମାନଙ୍କ ଅଭିବାଦନ ଗ୍ରହଣ କରୁଅଛନ୍ତି



ସ୍ୱାଧୀନତା ଦିବସରେ ପୋଲିସ ଗ୍ରାଉଣ୍ଡରେ
ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ପ୍ରଥମ ବାଟାଲିଅନର ଅଭିବାଦନ ଗ୍ରହଣ କରୁଅଛନ୍ତି

# ଉତ୍କଳ ପ୍ରସଙ୍ଗ

ପଞ୍ଚଦଶ ଭାଗ—ଦ୍ୱିତୀୟ ସଂଖ୍ୟା | ଭାଦ୍ର ୨୪ ଦିନ, ୧୮୮୦ ଶକାବ୍ଦ | ସେପ୍ଟେମ୍ବର—ପନ୍ଦର, ୧୯୫୮

## ସ୍ୱାଧୀନତା ପରେ ଭାରତରେ ବିରାଟ ପରିବର୍ତ୍ତନ

ସ୍ୱାଧୀନତା ଦିବସ ଉପଲକ୍ଷେ

### ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ବେତାର ଭାଷଣ



**ସ୍ୱାଧୀନତା** ଦିବସ ଉପଲକ୍ଷେ ଆକାଶବାଣୀ, କଟକ କେନ୍ଦ୍ରରୁ ଭାଷଣ ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ କହିଥିଲେ, ସ୍ୱାଧୀନତା ଲାଭ ପରେ ଦେଶରେ ବିରାଟ ପରିବର୍ତ୍ତନ ଘଟିଛି । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଶେଷହେଲାବେଳକୁ ଭାରତ ଅନ୍ୟ ଯେ କୌଣସି ଦେଶ ସହ ସମକକ୍ଷ ହୋଇଥିବ ।

ଆଜି ଦିନଟି ବହୁ ଅତୀତର ଘଟଣା ମନେ ପକାଇ-ଦିଏ ଏବଂ ଗତ କେତେ ବର୍ଷ ମଧ୍ୟରେ ଯେଉଁ ସବୁ ବିରାଟ ପରିବର୍ତ୍ତନ ଘଟିଯାଇଛି, ସେସବୁକୁ ଚଳଚ୍ଚିତ୍ର ଭଳି ଆଖିଆଗରେ ନଚାଇ ଦିଏ । ୧୯୪୭ ଅଗଷ୍ଟ ପନ୍ଦର, ବେଶୀ ଦିନର କଥା ନୁହେଁ, ମୋଟେ ଏଗାର ବର୍ଷର କଥା । ତତ୍ପୂର୍ବରୁ କାହାରି ବିଶ୍ୱାସ ନ ଥିଲା—ସତେ ଇଂରେଜ ଏ ଦେଶରୁ ଯିବେ, ସତେ ଏ ଦେଶ ସ୍ୱାଧୀନ ହେବ ! ପୁଣି ସ୍ୱାଧୀନତା ପରେ ଏପରି ବିଶାଳ ପରିବର୍ତ୍ତନମାନ ଘଟିବ ବୋଲି କଳ୍ପନା ସୁଦ୍ଧା କେହି କରି ନ ଥିଲେ । ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ଆନ୍ଦୋଳନ କରୁଥିଲେ, ସେମାନେ ସେତେବେଳେ ଜେଲରୁ ମୁକ୍ତ ହୋଇଥିଲେ ମଧ୍ୟ ଆହୁରି ଏକ ବଡ଼

ଆନ୍ଦୋଳନ ପାଇଁ ଗୋପନରେ ହେଉ ବା ପ୍ରକାଶ୍ୟଭାବରେ ହେଉ, ନିଜ ନିଜ ଚନ୍ଦାରେ ପ୍ରସ୍ତୁତ ହେଉଥିଲେ । ସୁଭାଷ ବାବୁଙ୍କ ଜାତୀୟବାହିନୀ ପରାସ୍ତ ହୋଇଥିଲେ ମଧ୍ୟ ଭାରତୀୟ ସୈନ୍ୟମାନଙ୍କ ଉପରେ ତାର ପ୍ରଭାବ ଓ ପ୍ରତିକ୍ରିୟା ନାନାଭାବରେ ପ୍ରକାଶ ପାଉଥିଲା । ବିଶ୍ୱ-ଯୁଦ୍ଧ ପରେ ସମଗ୍ର ପୃଥିବୀ ଏକ ଅନିଶ୍ଚିତ ଅବସ୍ଥାରେ ପଡ଼ିଥାଏ । ସେ ଅନିଶ୍ଚିତତା ଭାରତରେ ବହୁଗୁଣରେ ପ୍ରକାଶ ପାଇଥାଏ । ଭାରତର ଶାସକ ଇଂଲଣ୍ଡ ତା'ର ପୂର୍ବଶକ୍ତି ହରାଇ ବସିଥାଏ । ଆମେରିକା ଓ ରୁଷିଆ ଦୁଇଟି ଦେଶ ପୃଥିବୀର ସର୍ବଶ୍ରେଷ୍ଠ ଶକ୍ତିଶାଳୀ ଦେଶ ହୋଇ ବାହାରିଥାନ୍ତି । ଦୁଇଟିଯାକ ଦେଶ ଭାରତର ସ୍ୱାଧୀନତା ପ୍ରତି ସହାନୁଭୂତି ପ୍ରକାଶ କରୁଥାନ୍ତି । ୧୯୪୨ ସାଲର 'ଭାରତ-ଛାଡ଼' ଆନ୍ଦୋଳନ ନାନା ଘାତପ୍ରତିଘାତ ଦେଇ କରି ୧୯୪୬-୪୭ ବେଳକୁ ଯେଉଁ ଅବସ୍ଥାରେ ପଡ଼ିଥାଏ, ତାକୁ ସମ୍ଭାଳିବା ପାଇଁ ଗାନ୍ଧିଜୀ ଆପ୍ରାଣ ଉଦ୍ୟମ କରୁଥାନ୍ତି । ଏହି ସମୟରେ ୧୯୪୭ ଅଗଷ୍ଟ ୧୫ ତାରିଖ ଭାରତର ସ୍ୱାଧୀନତା ଦିବସ ବୋଲି ତତ୍କାଳୀନ ଭାରତର ଇଂରେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ହେଲା । ଏ ଘୋଷଣା ପ୍ରତି କେତେକ ରାଜନୈତିକ ନେତା ସନ୍ଦେହ ପ୍ରକାଶ କରୁଥିଲେ । ମାତ୍ର ଅଗଷ୍ଟ ୧୫ ତାରିଖ ଦିନ ଭାରତ ବାସ୍ତବିକ ସ୍ୱାଧୀନତା ଲଭିଲା ।

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଓ ପରେ ଦେଶବ୍ୟାପୀ ଯେଉଁ ସାମ୍ପ୍ରଦାୟିକ ହିଂସାର ତାଣ୍ଡବଲୀଳା ଚାଲିଲା, ତାହା ମନେକଲେ ଆଜି ଦେହ ଶିହରି ଉଠେ । ଲକ୍ଷ ଲକ୍ଷ ଲୋକ ଆହତ, ନିହତ ଓ ଗୃହଶୂନ୍ୟ ହେଲେ । ମନେହେଲା, ଏହି ହିଂସାର ବନ୍ୟାରେ ଭାରତର ସ୍ୱାଧୀନତା କୁଆଡ଼େ ଭାସିଯିବ । କିନ୍ତୁ ସେ ଅଭୂତପୂର୍ବ ପରିସ୍ଥିତିକୁ ଭାରତର ଜାତୀୟ ସରକାର ଯେଉଁ ଦୃଢ଼ତା ଓ ବିଚକ୍ଷଣତା ସହ ସମ୍ଭାଳିଛନ୍ତି, ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଗତ ମହାଯୁଦ୍ଧରେ ଯେଉଁ ସବୁ ଦେଶ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା, ସେସବୁ ଦେଶର ଗୃହଶୂନ୍ୟ ଜନତାଙ୍କ ରକ୍ଷଣାବେକ୍ଷଣ ଆଜି ସୁଦ୍ଧା ବଡ଼ ବଡ଼ ଦେଶମାନେ କରି ପାରିନାହାନ୍ତି । କିନ୍ତୁ ଭାରତ ପଞ୍ଜାବ ଓ ବଙ୍ଗର ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ରକ୍ଷଣାବେକ୍ଷଣ କରି ନିଜ ଦକ୍ଷତାର ପ୍ରମାଣ ଦେଇପାରିଛି ।

ପ୍ରାଚୀନ ଭାରତ ୧୯୪୭ ଅଗଷ୍ଟ ୧୫ତାରିଖ ଦିନ ଏକ ନୂତନ ଦେଶରୂପେ ପୃଥିବୀ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେଲା । ଏହି ଅବସ୍ଥାରେ ବହୁ ଦେଶ; ଏପରିକି ଆମେରିକା, ରୁଷିଆ ପରି ବଡ଼ ବଡ଼ ଦେଶମାନଙ୍କୁ ମଧ୍ୟ ବର୍ଷ ବର୍ଷ କାଳ ଲାଗିଥିଲା ନୂତନ ଶାସନ ବିଧାନ ପ୍ରଣୟନ ପାଇଁ । କିନ୍ତୁ ଭାରତର ସ୍ୱାଧୀନତା ପରେ ପରେ ଭାରତର ରାଜନୈତିକ ନେତାମାନେ ୧୯୫୦ ସାଲ ଜାନୁୟାରୀ ମଧ୍ୟରେ ଶାସନବିଧାନ ପ୍ରଣୟନ କରିଦେଲେ । ଏ କ୍ଷେତ୍ରରେ ଯେଉଁ ଦ୍ରୁତତା ଭାରତ ପ୍ରଦର୍ଶନ କରିଛି, ତାହା ପୃଥିବୀର ଅନ୍ୟ କୌଣସି ଦେଶରେ କେବେହେଲେ ଘଟିନାହିଁ । କିନ୍ତୁ ଶାସନବିଧାନ ପ୍ରଣୟନ ପୂର୍ବରୁ ଓ ପରେ ଅତି କ୍ଷିପ୍ରତାରେ ଯେଉଁ ବୈପ୍ଳବିକ ପରିବର୍ତ୍ତନମାନ ଘଟିଗଲା, ତାହା ପୃଥିବୀର ଅନ୍ୟ ଯେ କୌଣସି ଦେଶର ଇତିହାସରେ ବିରଳ । ୧୯୪୮ ସାଲ ଶେଷବେଳକୁ ଗଡ଼ଜାତ ରାଜ୍ୟମାନ ଲୋପ ପାଇଲା । ଯେଉଁମାନେ ନିଜ ନିଜର କ୍ଷୁଦ୍ର ଅଞ୍ଚଳମାନଙ୍କରେ ଶତ ଶତ ବର୍ଷଧରି ସାର୍ବଭୌମ କ୍ଷମତା ବିସ୍ତାର କରି ଆସୁଥିଲେ, ସେମାନେ ଅବସ୍ଥାର ଚାପରେ ସ୍ୱତଃପ୍ରବୃତ୍ତ ହୋଇ ନିଜର ସମସ୍ତ କ୍ଷମତା ପରିହାର କଲେ । ସମଗ୍ର ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକଶାସନାଧୀନ ହେଲା । ଏଭଳି ପରିବର୍ତ୍ତନ ଆଣିବା ପାଇଁ ଇଂଲଣ୍ଡକୁ ଶହ ଶହ ବର୍ଷ ଅପେକ୍ଷା କରିବାକୁ ହୋଇଥିଲା

ଫ୍ରାନ୍ସ ଓ ରୁଷିଆକୁ ରକ୍ତନଦୀ ବୁହାଇବାକୁ ପଡ଼ିଥିଲା। ଅନ୍ୟ କେତେକ ଦେଶରେ ଆଜିସୁଦ୍ଧା ଏ ପ୍ରଶ୍ନର ସମାଧାନ ହୋଇ ପାରିନାହିଁ। ସେଥିପାଇଁ ମଝିରେ ମଝିରେ ଇଜିପ୍ଟ ଓ ଇରାକ ଘଟଣା ପରି ରୋମାଞ୍ଚକର ଘଟଣାମାନ ଘଟିବାରେ ଲାଗିଛି। ଗଡ଼ଜାତ ରାଜ୍ୟମାନଙ୍କ ମିଶ୍ରଣ ସାଙ୍ଗକୁ ଅନ୍ୟ ଅଞ୍ଚଳରେ ପ୍ରତିଷ୍ଠିତ ହୋଇ ରହିଥିବା ଜମିଦାରୀ ପ୍ରଥା ମଧ୍ୟ ଲୋପ ପାଇଲା। ଗଡ଼ଜାତ ବା ପ୍ରଦେଶମାନଙ୍କରେ ସାଧାରଣ ଜନତା ଯେଉଁ ପ୍ରଥାମାନଙ୍କ ସହିତ ଶହ ଶହ ବର୍ଷକାଳ ଅଭ୍ୟସ୍ତ ହୋଇ ଆସିଥିଲେ, ସେ ସବୁ ଦେଖୁଁ ଦେଖୁଁ କୁଆଡ଼େ ଲୋପ ପାଇଗଲା। ଆନ୍ତର୍ଜାତିକ କ୍ଷେତ୍ରରେ ଭାରତ ପୃଥିବୀର ଏକ ସର୍ବଶ୍ରେଷ୍ଠ ଦେଶରୂପେ ବିବେଚିତ ହେଲା ସ୍ୱାଧୀନତା ଲାଭର ଅବ୍ୟବହିତ ପରେ।

ଯେଉଁ ଭାରତ ସ୍ୱାଧୀନତା ପୂର୍ବରୁ ଏକ ଅନୁନ୍ନତ ଦେଶ ବୋଲି ଉପେକ୍ଷା ଓ ଦୟାର ପାତ୍ର ହୋଇଥିଲା, ସେହି ଭାରତ ସହସା ଏକ ଶ୍ରେଷ୍ଠ ଦେଶ ହିସାବରେ ସମଗ୍ର ପୃଥିବୀର ଦୃଷ୍ଟି ଆକର୍ଷଣ କରିବା ଇତିହାସରେ ଏକ ରୋମାଞ୍ଚକର ଘଟଣା।

କେବଳ ରାଜନୀତି ଓ ଶାସନକ୍ଷେତ୍ରରେ ନୁହେଁ, ବିକାଶ ଦିଗରେ ମଧ୍ୟ ଗତ ଦଶ ଏଗାର ବର୍ଷ ମଧ୍ୟରେ ଯାହା ଏ ଦେଶରେ ସମ୍ଭବ ହୋଇଛି, ସେପରି ବିକାଶ ବିଗତ ଦୁଇଶହ ବର୍ଷରେ ଭାରତରେ ତ ହୋଇ ନ ଥିଲା;—ସମ ଅବସ୍ଥାରେ ଏପରି ଅନ୍ୟ କୌଣସି ଦେଶରେ ମଧ୍ୟ ଆଜି ସୁଦ୍ଧା ସାଧିତ ହୋଇନାହିଁ। ସମ୍ବଲପୁର, ରାଉରକେଲା, ରାଜଗାଙ୍ଗପୁର, ଚୌଦ୍ୱାର ଆଜି ଆଧୁନିକ ସହର, ଯେଉଁଠି ହଜାର ହଜାର ଶ୍ରମଜୀବୀ ଜୀବିକା ଉପାର୍ଜନ କରିବା ସଙ୍ଗେ ସଙ୍ଗେ ଦେଶର ଉତ୍ପାଦନ ବଢ଼ାଇବାରେ ଲାଗିଛନ୍ତି। ଆଜି ଖାଲି କଲିକତା, ବମ୍ବେ, ମାନ୍ଦ୍ରାଜ ଏହି ତିନୋଟି ଶିଳ୍ପ କେନ୍ଦ୍ର ନୁହେଁ, ଭାରତ ସାରା ନୂଆ ନୂଆ ଶିଳ୍ପକେନ୍ଦ୍ରମାନ ଗଢ଼ିଉଠୁଛି। ଅତଏବ ଏ ଦେଶ ଯେ ଏକ ଶିଳ୍ପପ୍ରଧାନ ସମୃଦ୍ଧିଶାଳୀ ଦେଶରେ ପରିଣତ ହେବ, ଏଥିରେ ସନ୍ଦେହ ନାହିଁ। କୃଷି ପାଇଁ ଜଳ ଯୋଗାଇବା—ଆଗେ କେବଳ କଥାର କଥା ହୋଇଥିଲା; ଏପରିକି କଟକ କେନାଲ ପରି ବଡ଼ କେନାଲ 'ଲାଭଜନକ ନୁହେଁ' ବୋଲି ଉପେକ୍ଷିତ ହୋଇ ରହିଥିଲା। ଆଜି ଲାଭ-କ୍ଷତି ପ୍ରତି ଦୃଷ୍ଟି ନ ରଖି କୃଷିପାଇଁ ଜଳ ଯୋଗାଇବାକୁ ହେବ, ଏହି ସିଦ୍ଧାନ୍ତ କାର୍ଯ୍ୟକାରୀ କରାଯାଉଛି। ସମ୍ବଲପୁରରେ ହୀରାକୁଦଯୋଗେ ଯେପରି ହଜାର ହଜାର ଏକର ଜମିରେ ଜଳ ଯୋଗାଯାଉଛି, ସେହିପରି ସର୍ବତ୍ର ଛୋଟ ବଡ଼ ଜଳସେଚନ ଯୋଜନାର କାର୍ଯ୍ୟ ନିରବଚ୍ଛିନ୍ନ ଭାବରେ ଚାଲିଛି। ପୂର୍ବେ ବିଦ୍ୟୁତ୍‌ଶକ୍ତି କଟକ ପରି ସହରରେ ମଧ୍ୟ ଦୁର୍ଲଭ ଥିଲା। ଆଜି ସୁଦୂର ପଲ୍ଲୀ 'ଅନ୍ତରଙ୍ଗ' ପରି ହଜାର ହଜାର ଗ୍ରାମ ଓ ଛୋଟ ସହରମାନଙ୍କରେ ଲୋକେ ବିଦ୍ୟୁତ୍‌ଶକ୍ତି ବ୍ୟବହାର କରି ପାରୁଛନ୍ତି। ଗ୍ରାମ ଓ ସହର ନିର୍ବିଶେଷରେ ବିଦ୍ୟୁତ୍ ସରବରାହ ଯୋଜନା ଦେଶରେ ଏକ ବିରାଟ ପରିବର୍ତ୍ତନ ଆଣି ଦେଇଛି।

ସମଗ୍ର ଦେଶ ବ୍ଲକମାନଙ୍କରେ ବିଭକ୍ତ ହୋଇ ସମଗ୍ରଭାବରେ ଉନ୍ନୟନ କାର୍ଯ୍ୟ କରିବାର ଯୋଜନା ଦ୍ରୁତଗତିରେ ଆଗେଇ ଚାଲିଛି। ଏହାର ଫଳରେ ଗ୍ରାମ-ଜୀବନ ସମ୍ପୂର୍ଣ୍ଣ ପରିବର୍ତ୍ତିତ। ଯେଉଁଠି ଡାକ୍ତର କହିଲେ ବୁଝାଉଥିଲା ସହରର ଜଣେ ବଡ଼ ଅଫିସର, ସେଠି ଆଜି ପ୍ରଥମ ଶ୍ରେଣୀର ଡାକ୍ତର, ପଶୁଡାକ୍ତର, କୃଷି ବିଭାଗର କର୍ମଚାରୀ, ସମବାୟ ବିଭାଗର କର୍ମଚାରୀ ପହଞ୍ଚି କାମ କରୁଛନ୍ତି।

ପ୍ରଥମ ପଞ୍ଚବାର୍ଷିକ ଯୋଜନା କାମ ଶେଷ ହୋଇଛି। ଦ୍ୱିତୀୟ ଯୋଜନା ବର୍ତ୍ତମାନ ଚାଲିଛି। ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷହେଲାକୁ ଭାରତ ଅନ୍ୟ ଯେ କୌଣସି ଉନ୍ନତ ଦେଶ ସହ ସମକକ୍ଷ ହେବ। ଏହା କେବଳ ଆଶା ନୁହେଁ, ଆଜି ଏହା ଦୃଢ଼ ବିଶ୍ୱାସର ବିଷୟ ହୋଇଛି।

ପରିବର୍ତ୍ତନ ସହିତ ନିଜକୁ ଖାପ ଖୁଆଇ ନେବା ବର୍ତ୍ତମାନର ବଡ଼ ସମସ୍ୟା । ଆଜି ଭଳି ଦିନରେ ସେ ସମସ୍ୟା ପ୍ରତି ମଧ୍ୟ ଦୃଷ୍ଟିଦେବା ଆବଶ୍ୟକ । ବିପ୍ଳବ ଉପୁଯୁକ୍ତ ହେଲେ ପରିବର୍ତ୍ତନ ଘଟେ । କିନ୍ତୁ ସେ ପରିବର୍ତ୍ତନକୁ ନିଜର କରି ନ ପାରିଲେ ସେହି ପ୍ରତିକ୍ରିୟା ଘଟେ ତାହାର ଫଳରେ ସମୟେ ସମୟେ ବିପ୍ଳବ ମଧ୍ୟ ବ୍ୟର୍ଥ ହୋଇଥାଏ । ଲୋକଶାସନରେ ସମସ୍ତଙ୍କର ସମାନ ଅଧିକାର; ଆଇନଦୃଷ୍ଟିରୁ, ଶାସନ ଦୃଷ୍ଟିରୁ ସମସ୍ତେ ସମାନ । ଏ ମତଟିକୁ ନିଜର କରି ନେବାକୁ ହେବ । ସମାଜବାଦ ପ୍ରବର୍ତ୍ତନ ସଙ୍ଗେ ସଙ୍ଗେ ସେହିଁ ସାମାଜିକ ପରିବର୍ତ୍ତନ ଦରକାର, ତାକୁ ଗ୍ରହଣ କରିନେବାକୁ ହେବ । ଗ୍ରାମ ଓ ସହର ଭିତରେ ଭେଦ କ୍ରମଶଃ ଲୋପ ପାଇ ସେହିଁ ଶିଳ୍ପସଭ୍ୟତାର ବିସ୍ତାର ଘଟୁଛି, ସେଥିରେ ପୁରାତନ ବିଶ୍ୱାସ ଓ ସଂସ୍କାରକୁ ସ୍ୱତଃପ୍ରବୃତ୍ତ ହୋଇ ବଦଳାଇ ଦେବାକୁ ପଡ଼ିବ । ମୋର ବିଶ୍ୱାସ, ହଜାର ହଜାର ବର୍ଷର ଅଭିଜ୍ଞତା ଅର୍ଜନ କରିଥିବା ଏ ଦେଶ ସବୁ ପରିବର୍ତ୍ତନକୁ ନିଜର କରି, ପୂର୍ବ-ଗୌରବକୁ ଅନୁସରଣ କରି ଶ୍ରୀ ଓ ସମୃଦ୍ଧି ପଥରେ ଅଗ୍ରସର ହେବ । ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ । *

## କେତୋଟି ଜାଣିବା କଥା

ଭାରତର ଚଟକଲଗୁଡ଼ିକରେ ୭୨,୩୭୫ଟି ଯନ୍ତ୍ର ରହିଛି । ସମଗ୍ର ପୃଥିବୀର ଝୋଟ କାରଖାନାଗୁଡ଼ିକରେ ଯେତେ ଯନ୍ତ୍ର ରହିଛି, ଏହା ତାହାର ଶତକଡ଼ା ୫୩ ଭାଗ ।

ଭାରତରେ ୧୧୨ଟି ଝୋଟକଳ ରହିଛି । ଏଥିରୁ ପଶ୍ଚିମ-ବଙ୍ଗରେ ୧୦୧ଟି, ଆନ୍ଧ୍ରରେ ୭ଟି, ବିହାରରେ ୩ଟି, ଉତ୍ତର-ପ୍ରଦେଶରେ ୩ଟି ଏବଂ ମଧ୍ୟ-ପ୍ରଦେଶରେ ଗୋଟିଏ କଳ ଅଛି । ପଶ୍ଚିମବଙ୍ଗର ଝୋଟକଳଗୁଡ଼ିକ କଲିକତାରେ କିମ୍ବା ତାହାର ଆଖପାଖ ଅଞ୍ଚଳରେ ହୁଗୁଳୀ ନଦୀର ଉଭୟ ତୀରରେ ଅବସ୍ଥିତ । ଏହି ୧୧୨ଟି ଝୋଟକଳ ୮୨ଟି କମ୍ପାନୀଦ୍ୱାରା ପରିଚାଳିତ ହୁଏ ।

# ଓଡ଼ିଶାରେ କୃଷି ଋଣ ସମବାୟ ସମିତି

**ଶ୍ରୀ ଶାନ୍ତନୁକୁମାର ଦାସ,**

ସମବାୟ ଓ ମତ୍ସ୍ୟପାଳନ ବିଭାଗ ଉପମନ୍ତ୍ରୀ

ଆଜକୁ ପ୍ରାୟ ୫୦ ବର୍ଷ ତଳେ ଆମ ଦେଶରେ କୃଷି ଋଣ ସମବାୟ ସମିତି ପ୍ରଥମେ ଆରମ୍ଭ କରା ଯାଇଥିଲା । କିନ୍ତୁ ଏ ପର୍ଯ୍ୟନ୍ତ ସେଥିରୁ ଆଶାନୁରୂପ ଫଳ ଲବ୍ଧ କରାଯାଇ ପାରିନାହିଁ । ଅଳ୍ପଦିନ ତଳେ ଭାରତର ରିଜର୍ଭ ବ୍ୟାଙ୍କ ଗୋଟିଏ ଗ୍ରାମ୍ୟ-ଋଣ ତଦନ୍ତ କମିଟି ବସାଇଥିଲେ । ଉକ୍ତ କମିଟିର ରିପୋର୍ଟରୁ ଜଣାଯାଏ ଯେ ଆମ ଭାରତବର୍ଷରେ ସମବାୟ କୃଷି ଋଣ ସମିତି ଜରିଆରେ ଶତକରା ମୋଟେ ୩ଜଣ କୃଷୀ



ଋଣ ପାଇ ପାରୁଛନ୍ତି । ଅନେକ ସ୍ଥଳରେ ସମିତିର ପରିଚାଳନା ତ୍ରୁଟି ଯୋଗୁ କୃଷୀମାନେ ଉପକାର ପାଇବା ଦୂରେ ଥାଉ, କ୍ଷତିଗ୍ରସ୍ତ ମଧ୍ୟ ହୋଇଛନ୍ତି । ଏହି ସବୁ ବିଷୟ ପୁଙ୍ଖାନୁପୁଙ୍ଖରୂପେ ଅନୁସନ୍ଧାନ କରି ଉକ୍ତ ଗ୍ରାମ୍ୟ ଋଣ ତଦନ୍ତ କମିଟି କେତେଗୁଡ଼ିଏ ମୂଲ୍ୟବାନ ଉପଦେଶ ଦେଇଛନ୍ତି । ସେମାନେ କହୁଛନ୍ତି ଯେ ଯଦିଓ ଅତୀତରେ କୃଷିଋଣ ସମବାୟ ସମିତି ଆଶାନୁରୂପ ସଫଳତା ଲାଭ କରି ପାରିନାହିଁ, ତଥାପି ଗାଁଗହଳର କୃଷୀମାନଙ୍କୁ ଆବଶ୍ୟକୀୟ ଋଣ ଯୋଗାଇବା ପାଇଁ ତାହା ଛଡ଼ା ଆଉ ଉତ୍କୃଷ୍ଟ ପନ୍ଥା ନାହିଁ । ସେଥିପାଇଁ ଆମର ସମବାୟ ଆନ୍ଦୋଳନକୁ ପୁନର୍ଗଠିତ କରି ସବଳ କରିବାକୁ ହେବ ।

ଅତୀତର ଅନୁଭୂତିରୁ ଦେଖାଯାଏ ଯେ ଆମର ସମବାୟ ସମିତିଗୁଡ଼ିକ ନିତାନ୍ତ କ୍ଷୁଦ୍ର ହୋଇଥିବାରୁ ସେଥିର ଉତ୍କୃଷ୍ଟ ପରିଚାଳନା ସମ୍ଭବପର ହୋଇ ପାରୁନାହିଁ । ସେଥିପାଇଁ ଗ୍ରାମ୍ୟ ଋଣ ତଦନ୍ତ କମିଟି ସୁପାରିଶ କରିଥିଲେ ଯେ ଋଣ ସମିତିଗୁଡ଼ିକୁ ବଡ଼ ବଡ଼ ଆକାରରେ ଗଠିତ କରିବାକୁ ହେବ । ଏହା ଅନୁଯାୟୀ ଆମ ଓଡ଼ିଶାରେ ୫୦୦ ଗୋଟି ବଡ଼ ଆକାରର କୃଷି-ଋଣ ସମବାୟ ସମିତି ସ୍ଥାପନ କରାଯିବା ପରିକଳ୍ପନା ମଧ୍ୟରୁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ପୂର୍ବରୁ ପାଇଲଟ୍ ପ୍ରୋଜେକ୍ଟ ଭାବରେ ୧୯୫୫-୫୬ ମସିହାରେ ବଲାଙ୍ଗୀର ଓ ଗଞ୍ଜାମ ଜିଲ୍ଲାରେ ୫୦ ଗୋଟି, ୧୯୫୬-୫୭ ମସିହାରେ ୧୦୦ ଗୋଟି ଓ ୧୯୫୭-୫୮ ମସିହାରେ ୧୫୦ ଗୋଟି ବୃହତ୍ ଆକାର କୃଷିଋଣ ସମବାୟ ସମିତି ଓଡ଼ିଶାରେ ସ୍ଥାପିତ ହୋଇ ସାରିଛି । ଏହିପରି ସର୍ବମୋଟ ୩୦୦ ଗୋଟି ବୃହତ୍ ଆକାର ସମବାୟ ସମିତି ସ୍ଥାପିତ ହୋଇଅଛି । ଏହି ସମିତିମାନଙ୍କ ଜରିଆରେ ୨୫,୯୩୪ କୃଷିଜୀବୀ ସଭ୍ୟଙ୍କୁ ୩୦,୬୨,୪୬୭ ଟଙ୍କା ଋଣ ସ୍ୱରୂପ ଦିଆଯାଇଅଛି । ଚଳିତ ବର୍ଷ ଯୋଜନା ଅନୁସାରେ ୨୦୦ ଗୋଟି ବୃହତ

ଆକାର ସମବାୟ ସମିତି ସ୍ଥାପନ ପରିକଳ୍ପନା ମଧ୍ୟରୁ Planning Commissionଙ୍କ ନିର୍ଦ୍ଦେଶମତେ ୫୦ ଗୋଟି ସମିତି ସ୍ଥାପନ କରାଯିବାର ସ୍ଥିର ହୋଇଅଛି ।

ଗ୍ରାମ୍ୟଋଣ ତଦନ୍ତ କମିଟୀଙ୍କ ସୁପାରିଶ ଅନୁସାରେ ଏହି ବୃହତ୍ ସମିତିମାନଙ୍କୁ ସରକାର ୧୦ ହଜାର ଟଙ୍କା ଅଂଶଧନ ଯୋଗାଇ ଦେଇଛନ୍ତି । ଗୋଦାମ ଘର ନିର୍ମାଣ ପାଇଁ ସରକାର ମଧ୍ୟ ପ୍ରତ୍ୟେକ ଗୋଦାମକୁ ୧୦ ହଜାର ଟଙ୍କା ଦେଇଛନ୍ତି । ୧୯୫୬-୫୭ ଓ ୧୯୫୭-୫୮ ମସିହାରେ ଯଥାକ୍ରମେ ୪୫ ଓ ୭୫ ଗୋଟି ଗୋଦାମ ପାଇଁ ଅର୍ଥ ଦିଆଯାଇଅଛି । ଚଳିତ ବର୍ଷ ୬୦ଟି ଗୋଦାମ ନିର୍ମାଣ ପାଇଁ ପ୍ରସ୍ତାବ ଅଛି । ଏହାଛଡ଼ା ପ୍ରତ୍ୟେକ ବୃହତ୍ ସମବାୟ ସମିତି ପରିଚାଳନା ପାଇଁ ସରକାର ୧୦୦୦ ଟଙ୍କା କରି subsidy ଦେଇଛନ୍ତି ।

ଗ୍ରାମ୍ୟଋଣ ତଦନ୍ତ କମିଟୀ ନିର୍ଦ୍ଦେଶ ଦେଇଛନ୍ତି ଯେ କୃଷୀମାନଙ୍କୁ ଅର୍ଥ ଯୋଗାଇବା ସଙ୍ଗେ ସଙ୍ଗେ ଫସଲ ଉତ୍ପାଦନ କରିବା ପାଇଁ ସେମାନଙ୍କର ଆବଶ୍ୟକୀୟ ସାର, ବିହନ, ଯନ୍ତ୍ରପାତି ଇତ୍ୟାଦି ମଧ୍ୟ ଯୋଗାଇ ଦେବାକୁ ହେବ ଓ ସେମାନଙ୍କର ଉତ୍ପାଦିତ ଫସଲକୁ ମଧ୍ୟ ନ୍ୟାଯ୍ୟ ଦରରେ ବିକ୍ରୟ କରିବାର ବ୍ୟବସ୍ଥା କରିବାକୁ ହେବ । ଏଥିପାଇଁ ଓଡ଼ିଶାରେ ୩୦ଟି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ସ୍ଥାପନ ପରିକଳ୍ପନା ମଧ୍ୟରୁ ୩ଟି ୧୯୫୫-୫୬ରେ ପାଇଲଟ୍-ପ୍ରୋଜେକ୍ଟରେ, ୧୯୫୬-୫୭ରେ ୧୧ଟି ଏବଂ ୧୯୫୭-୫୮ରେ ୧୬ ଗୋଟି ବାଣିଜ୍ୟ ସମିତି ସ୍ଥାପିତ ହୋଇଅଛି । ପାଇଲଟ୍ ସ୍କିମ୍ ସମୟରେ ୩ ଗୋଟି ଗୋଦାମ ଘର ଓ ପରବର୍ତ୍ତୀ ବର୍ଷମାନଙ୍କରେ ୧୦ ଗୋଟି ଗୋଦାମ ଘର ନିର୍ମାଣ ପାଇଁ ଆବଶ୍ୟକୀୟ ଅର୍ଥ ଦିଆଯାଇଅଛି । ପ୍ରତ୍ୟେକ ଆଞ୍ଚଳିକ ବାଣିଜ୍ୟ ସମିତିକୁ ସରକାର ୨୫ ହଜାର ଟଙ୍କା ଅଂଶଧନ ଯୋଗାଇ ଦେଇଛନ୍ତି ଓ ଗୋଦାମ ଘର ନିର୍ମାଣ ପାଇଁ ୨୫ ହଜାର ଟଙ୍କା ଦେଇଛନ୍ତି । ଏହାଛଡ଼ା ପ୍ରତ୍ୟେକ ସମିତିକୁ ପରିଚାଳନା ଖର୍ଚ୍ଚ ପାଇଁ ୬ ହଜାର କରି ଟଙ୍କା ଦିଆଯାଇଅଛି । ଆଞ୍ଚଳିକ ବାଣିଜ୍ୟ ସମିତିମାନଙ୍କର କାର୍ଯ୍ୟରେ ସମନ୍ୱୟ ଆଣିବା ପାଇଁ ଗୋଟିଏ ସର୍ବୋଚ୍ଚ ବାଣିଜ୍ୟ ସମବାୟ ସମିତି ସ୍ଥାପିତ ହୋଇଅଛି । ଉକ୍ତ ସର୍ବୋଚ୍ଚ ସମିତିକୁ ସରକାର ଏକ ଲକ୍ଷ ଟଙ୍କା ଅଂଶ ଋଣ ଦେଇଛନ୍ତି ଓ ଗୋଦାମ ଘର ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଋଣ ମଞ୍ଜୁର ଦେଇଛନ୍ତି । ଉକ୍ତ ସମିତିର ପରିଚାଳନା ଖର୍ଚ୍ଚ ପାଇଁ ୫୫ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଇଅଛି ।

ଏହି ବାଣିଜ୍ୟ ସମିତିମାନଙ୍କ ଜରିଆରେ କୃଷୀମାନଙ୍କୁ ଏମୋନିୟମ ସଲଫେଟ୍, ସୁପର୍ ଫସଫେଟ୍ ପ୍ରଭୃତି ରସାୟନିକ ସାର ଯୋଗାଇ ଦେବାର ବ୍ୟବସ୍ଥା ହୋଇଅଛି । ଆଗରୁ ଆମ ପ୍ରଦେଶରେ ଗୋଟିଏ ବ୍ୟବସାୟୀ ପ୍ରତିଷ୍ଠାନ ଏହି କାର୍ଯ୍ୟ କରୁଥିଲେ । ଚଳିତ ବର୍ଷଠାରୁ ଏହି ସାର ବଣ୍ଟନର ପୂର୍ଣ୍ଣ ଦାୟିତ୍ୱ ଓଡ଼ିଶା ରାଜ୍ୟ ବାଣିଜ୍ୟ ସମିତିକୁ ଦିଆଯାଇଅଛି ।

ବୃହତ୍ ଆକାର ଋଣ ସମବାୟ ସମିତି ଛଡ଼ା ଆମ ପ୍ରଦେଶରେ ଶସ୍ୟଗୋଲା ସମବାୟ ସମିତି ନାମକ ଏକ ଋଣ ସମବାୟ ସମିତି ମଧ୍ୟ ପ୍ରଚଳିତ ଅଛି । ପ୍ରତି ଗ୍ରାମପଞ୍ଚାୟତରେ ଏହିପରି ଏକ ସମିତି ସ୍ଥାପନ ପ୍ରସ୍ତାବ ଅଛି । ଏ ପର୍ଯ୍ୟନ୍ତ ପ୍ରାୟ ୧୪୦୦ ସମବାୟ ଶସ୍ୟଗୋଲା ସମିତି ସ୍ଥାପିତ ହୋଇଅଛି । ଏହି ସମିତି କୃଷୀମାନଙ୍କୁ ନିଅଣ୍ଟ ସମୟରେ ଧାନ ଋଣ ଦେବା ସଙ୍ଗେ ସଙ୍ଗେ ସାର ଓ ବିହନ ମଧ୍ୟ ଯୋଗାଇଦେ । କେତେକ ସ୍ଥଳରେ ଏହି ସମିତି ଟଙ୍କା ଋଣ ମଧ୍ୟ ଯୋଗାଇ ଥାଆନ୍ତି ।

ଆମ ପ୍ରଦେଶରେ କୃଷୀମାନଙ୍କୁ ଆବଶ୍ୟକୀୟ ବୃତ୍ତି ଋଣ ଯୋଗାଇବା ପାଇଁ ଭାରତର ରିଜର୍ଭ ବ୍ୟାଙ୍କ ୭୫ ଲକ୍ଷ ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଏହି ଟଙ୍କା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ

ନାମକ ଏକ ସର୍ବୋଚ୍ଚ ବ୍ୟାଙ୍କ ଜରିଆରେ ଆମ ପ୍ରଦେଶକୁ ଆସେ । ତା'ପରେ ସମଗ୍ର ଓଡ଼ିଶାରେ ଥିବା ୧୭ ଗୋଟି ସଂଗଠିତ ସମବାୟ କେନ୍ଦ୍ର ବ୍ୟାଙ୍କ ଜରିଆରେ ଉକ୍ତ ଋଣ ଓ କୃଷିଋଣ ସମବାୟ ସମିତି-ମାନଙ୍କୁ ଯୋଗାଇ ଦିଆଯାଏ । ଏହି ବ୍ୟାଙ୍କମାନଙ୍କୁ ସରକାର ଏ ପର୍ଯ୍ୟନ୍ତ ୮ ଲକ୍ଷ ୯୦ ହଜାର ଟଙ୍କା ଅଂଶଧନରୂପେ ଦେଇଛନ୍ତି । ତାହାଛଡ଼ା ୧ ଲକ୍ଷ ୭୦ ହଜାର ଟଙ୍କା ପରିଚାଳନା ଖର୍ଚ୍ଚ ପାଇଁ ଦେଇଛନ୍ତି । ସର୍ବୋଚ୍ଚ ରାଜ୍ୟ ସମବାୟ ବ୍ୟାଙ୍କକୁ ୪ ଲକ୍ଷ ଟଙ୍କା ଅଂଶ ସ୍ୱରୂପ ଓ ୮ ଲକ୍ଷ ଟଙ୍କା ଋଣ ଦିଆଯାଇଅଛି । ତାହାଛଡ଼ା ପ୍ରତି ବର୍ଷ ୭ ହଜାର ଟଙ୍କା କରି Subsidy ଦିଆଯାଇଅଛି ।

ଉପରୋକ୍ତ ବ୍ୟାଙ୍କ ଜରିଆରେ କୃଷୀମାନଙ୍କୁ ସ୍ୱଳ୍ପ ମିଆଦି ଓ ମଧ୍ୟବର୍ତ୍ତିକାଳୀନ ଋଣ ଦିଆଯାଏ । ଦୀର୍ଘକାଳୀନ ଋଣ ଦେବା ପାଇଁ ଓଡ଼ିଶା ଭୂ-ବନ୍ଧକ ବ୍ୟାଙ୍କ ନାମକ ଗୋଟିଏ ଅନୁଷ୍ଠାନ ଅଛି । ଉକ୍ତ ବ୍ୟାଙ୍କର କାର୍ଯ୍ୟ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଫଳରେ କେବଳ ଗଞ୍ଜାମ, ପୁରୀ ଓ କଟକ ଜିଲ୍ଲାର କେତେକାଂଶରେ ଆବଦ୍ଧ ନ ରହି, ସମଗ୍ର ଓଡ଼ିଶାରେ ବ୍ୟାପକ ଭାବରେ ପ୍ରସାର କରାଯାଇଅଛି । ଉକ୍ତ ଅନୁଷ୍ଠାନକୁ ସରକାର ୪ ଲକ୍ଷ ଟଙ୍କା ଅଂଶ ଓ ପରିଚାଳନା ଖର୍ଚ୍ଚ ପାଇଁ ୭୩ହଜାର ଟଙ୍କା ଦେଇଛନ୍ତି । ଗତ ବର୍ଷ ଉକ୍ତ ବ୍ୟାଙ୍କ ୧୭ ଲକ୍ଷ ଟଙ୍କା ଋଣ ଦେଇଛନ୍ତି ।

୧୯୫୬-୫୭ ମସିହାର ବାର୍ଷିକ ବିବରଣୀରୁ ଦେଖାଯାଏ ଯେ ଆମ ଓଡ଼ିଶାରେ ଏ ପର୍ଯ୍ୟନ୍ତ ମୋଟ ୧୧୭୭ ସମବାୟ ସମିତି ମଧ୍ୟରୁ ୭୭୮ କୃଷି ସମବାୟ ସମିତି ଅଛି । ଉକ୍ତ ସମିତିରେ ୩ ଲକ୍ଷ ୫୧ ହଜାର ୪୫୭ ଜଣ କୃଷୀ ସଭ୍ୟ ଅଛନ୍ତି ଓ ଉକ୍ତ ବର୍ଷ କୃଷୀମାନଙ୍କୁ ୧ କୋଟି ୩୭ ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା । ଏହି ସମିତିମାନଙ୍କର କାର୍ଯ୍ୟକାରୀ ମୂଳଧନ ୩ କୋଟି ୩ ଲକ୍ଷ ଟଙ୍କା । ଯଦି ପ୍ରତ୍ୟେକ ସଭ୍ୟଙ୍କର ପରିବାରରେ ୫ ଜଣ ହିସାବରେ ଲୋକ ଧରାଯାଏ, ତେବେ ମୋଟରେ ୧୭ ଲକ୍ଷ ଲୋକ ବର୍ତ୍ତମାନ ସମବାୟ ସମିତିରେ ଋଣ କାରବାର କରୁଛନ୍ତି । ଆମ ପ୍ରଦେଶରେ ପ୍ରଚଳିତ କୃଷିଋଣ ସହଯୋଗ ସମିତିର ଯେଉଁ ମୋଟାମୋଟି ଚିତ୍ର ଦିଆଗଲା, ସେଥିରୁ ଦେଖାଯିବ ଯେ ଆମ୍ଭେମାନେ ଏ ପର୍ଯ୍ୟନ୍ତ ଯାହା କରିଛୁ, ତାହା ଦେଶର ଜନସଂଖ୍ୟା ତୁଳନାରେ କଦାପି ଯଥେଷ୍ଟ ନୁହେଁ । ଖାଲି ସମବାୟ ସମିତି ଗଢ଼ିଦେଲେ ହେବ ନାହିଁ; ଉକ୍ତ ସମିତି କିପରି ଭଲଭାବରେ ପରିଚାଳିତ ହେବ, ତାହାର ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ । ସେଥିପାଇଁ ଭଲ ଲୋକ ବାଛି ସମବାୟର ପରିଚାଳନା ଭାର ଦେବାକୁ ପଡ଼ିବ । ପ୍ରତ୍ୟେକ ସମବାୟ ସମିତିର ହିସାବ-ପତ୍ର ଯେପରି ଭଲଭାବରେ ରଖାଯାଏ, ସେଥିପ୍ରତି ମଧ୍ୟ ସତର୍କ ରହିବାକୁ ହେବ । ଯଦି ସରକାରୀ ଓ ବେ-ସରକାରୀ ଉଭୟ ଶ୍ରେଣୀର ଲୋକେ ଏହି ଗୁରୁଦାୟିତ୍ୱ ବହନ କରିବାକୁ ଅଗ୍ରସର ହୁଅନ୍ତି, ତାହାହେଲେ ନିଶ୍ଚୟ ଆମ ସମବାୟ ଆନ୍ଦୋଳନ ସଫଳ ହେବ ଓ ଆମର କୃଷିକୁଳ ଉପଯୁକ୍ତ ସମୟରେ ଆବଶ୍ୟକୀୟ ଯନ୍ତ୍ରପାତି, ସାର ଓ ବିହନ ଇତ୍ୟାଦି ପାଇ ଅଧିକ ଫସଲ ଉତ୍ପାଦନ କରିବାକୁ ସକ୍ଷମ ହେବେ ଏବଂ ସେମାନଙ୍କର ବଳକା କୃଷିଜାତ ଦ୍ରବ୍ୟ ଉପଯୁକ୍ତ ସମୟରେ ଏହି ସମବାୟ ଅନୁଷ୍ଠାନ ଜରିଆରେ ବିକ୍ରୀ କରିବାର ସୁଯୋଗ ପାଇ ଅଧିକ ଲାଭବାନ ହେବେ ।

# ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଦାନ

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

**କବିତା,** ସଙ୍ଗୀତ ଓ ନାଟକଠାରୁ ଆରମ୍ଭ କରି କଥିତ ଭାଷା ପର୍ଯ୍ୟନ୍ତ ସାହିତ୍ୟର ବିଭିନ୍ନ ବିଷୟକୁ ନେଇ ଆକାଶବାଣୀ କାର୍ଯ୍ୟକ୍ରମ ଗଠିତ । ତେବେ ସାଧାରଣ ଶ୍ରୋତାପ୍ରତି ଆକାଶବାଣୀର କଥିତ ଭାଷା କାର୍ଯ୍ୟକ୍ରମ ସର୍ବାପେକ୍ଷା କମ ଶ୍ରୁତି-ମଧୁର; କାରଣ ଏହା କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଥାଏ ଏବଂ ଅନେକ ସମୟରେ ବିଶେଷ ପାଣ୍ଡିତ୍ୟପୂର୍ଣ୍ଣ ଓ ଜଟିଳ ହୋଇ ପଡ଼ିଥାଏ । ସାଧାରଣତଃ ଏହି କାର୍ଯ୍ୟକ୍ରମ ମାତ୍ର ଗୋଟିଏ ସ୍ୱରରେ ପ୍ରସାରିତ ହୋଇଥାଏ । ସ୍ୱର ଓ ପରିବେଷଣ ଶୈଳୀରେ ବିଭିନ୍ନତାର ଅଭାବଯୋଗୁଁ ଏହି କାର୍ଯ୍ୟକ୍ରମର ଶ୍ରୋତା-ସଂଖ୍ୟା ବିଶେଷ କମ୍ ହୋଇଥାଏ ।

କଥିତ ଭାଷା କାର୍ଯ୍ୟକ୍ରମଗୁଡ଼ିକ ଅଧିକ ହୃଦୟଗ୍ରାହୀ କରିବା ଉଦ୍ଦେଶ୍ୟରେ ଏହାକୁ ଭିନ୍ନ ଆକାରରେ ପରିବେଷଣ କରିବାପାଇଁ ନୂତନ ପଦ୍ଧତିମାନ ଉଦ୍ଭାବନ କରାଯାଇଛି । ପ୍ରତ୍ୟକ୍ଷ କଥାବାର୍ତ୍ତାର ଅସୁବିଧା ଦୂର କରିବାପାଇଁ ବିଚାର-ଆଲୋଚନା, ରୂପକ-ଆଲୋଚନା, ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର, ସାକ୍ଷାତ-ଆଲୋଚନା ପ୍ରଭୃତି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ଏ ଦିଗରେ କଟକ ବେତାର କେନ୍ଦ୍ରର କେତେକ ପରୀକ୍ଷା ସଫଳ ହୋଇଛି । ଆଲୋଚନା-ଚକ୍ର, ସାକ୍ଷାତ-ଆଲୋଚନା ଓ ବିଚାର-ଆଲୋଚନା କାର୍ଯ୍ୟକ୍ରମଗୁଡ଼ିକ ବିଶେଷ ଲୋକପ୍ରିୟ ହୋଇଛି ।

ରେଡ଼ିଓ ସପ୍ତାହରେ କଥିତ ଭାଷାର ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା । ଜଣେ ବିଖ୍ୟାତ କବିଙ୍କଦ୍ୱାରା ରଚିତ ଏକ କବିତା ଆବୃତ୍ତିକ୍ରମେ ଏହି 'ସପ୍ତାହ'ର ଉଦ୍‌ଘାଟନ କରାଯାଇଥିଲା । ରେଡ଼ିଓ ସପ୍ତାହର ପ୍ରତ୍ୟେକ ସନ୍ଧ୍ୟାରେ ସୁପରିଚିତ ଲେଖକ-ଲେଖିକାଙ୍କଦ୍ୱାରା ରଚିତ ଗୋଟିଏ ଲେଖାଏଁ ନୂତନ କ୍ଷୁଦ୍ର ଗଳ୍ପ ତାଲିମପ୍ରାପ୍ତ ଆବୃତ୍ତିକାରଙ୍କ କଣ୍ଠରେ ପ୍ରସାର କରାଯାଇଥିଲା । ଓଡ଼ିଶାର ସାଂସ୍କୃତିକ କ୍ଷେତ୍ରର ପ୍ରତିଷ୍ଠାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ସାହିତ୍ୟ ସମାରୋହ, କବି-ସମ୍ମେଳନ ଓ ଜନପଦ - କବି-ଗୋଷ୍ଠୀମାନ ଅନୁଷ୍ଠିତ ହୋଇ ଆସିଛି ।

ନୂଆଦିଲ୍ଲୀରେ ବର୍ଷକୁ ବର୍ଷ କବି-ସମ୍ମେଳନ ଅନୁଷ୍ଠିତ ହେଉଛି । ଏହି ସମ୍ମେଳନମାନଙ୍କରେ ଡକ୍ଟର ମାୟାଧର ମାନସିଂହ, ଶ୍ରୀ ସଚ୍ଚି ରାଉତରାୟ ଓ ଶ୍ରୀ ଅନନ୍ତ ପଟ୍ଟନାୟକ ଓଡ଼ିଶାର ଯଥାର୍ଥ ପ୍ରତିନିଧିତ୍ୱ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ସାହିତ୍ୟ-ସମାରୋହରେ ଶ୍ରୀ କାଳୀଚରଣ ପଟ୍ଟନାୟକ, ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଶ୍ରୀ ପ୍ରହ୍ଲାଦ ପ୍ରଧାନ, ଶ୍ରୀ ସୁରେନ୍ଦ୍ରନାଥ ମହାନ୍ତି, କୁମାରୀ ବସନ୍ତକୁମାରୀ ପଟ୍ଟନାୟକ, ଶ୍ରୀ ରାମଚନ୍ଦ୍ର ମିଶ୍ର ଓ ଶ୍ରୀ ରାଜକିଶୋର ପଟ୍ଟନାୟକ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି ।

କବି-ସମ୍ମେଳନ ଓ ସାହିତ୍ୟ-ସମାରୋହମାନଙ୍କରେ ଯେଉଁ କବି, ଔପନ୍ୟାସିକ, ନାଟ୍ୟକାର ଓ ସମୀକ୍ଷକମାନେ ଯୋଗ ଦେଇଛନ୍ତି, ସେମାନଙ୍କର କବିତା, ଗଳ୍ପ, ନାଟକ ଓ ସମୀକ୍ଷାମାନ ଆକାଶବାଣୀ ଦ୍ୱାରା ପ୍ରକାଶିତ ପୁସ୍ତକରେ କିମ୍ବା ପତ୍ରପତ୍ରିକାରେ ପ୍ରକାଶ ପାଇଛି । କବିତାଗୁଡ଼ିକ ଏହାର ହିନ୍ଦୀ ପ୍ରକରଣ ସହ ଆକାଶବାଣୀଦ୍ୱାରା ପ୍ରକାଶିତ "କାବ୍ୟସଙ୍ଗମ୍"ରେ ପ୍ରକାଶ ପାଇଛି । କ୍ଷୁଦ୍ର ଗଳ୍ପଗୁଡ଼ିକ ଭାରତରେ

ପ୍ରଧାନ ଭାଷାରେ ଅନୂଦିତ ହୋଇ ବିଭିନ୍ନ ବେତାର କେନ୍ଦ୍ରରୁ ପ୍ରସାରିତ ହୋଇଛି । ବାସ୍ତବିକ ଓଡ଼ିଆ ସାହିତ୍ୟକୁ ଆକାଶବାଣୀ କଟକ କେନ୍ଦ୍ରର ଦାନ ନଗଣ୍ୟ ନୁହେଁ ।

ନିଜ ନିଜର ଭାଷା ଓ ସଙ୍ଗୀତର ଭୂମିକାବଳରେ ଜନସାଧାରଣଙ୍କୁ ପ୍ରେରଣା ଦେଉଥିବା ଆଧୁନିକ କବି ଓ ଗ୍ରାମ୍ୟ ଗୁଣିମାନଙ୍କ ପାଇଁ ବିଭିନ୍ନ ସମୟରେ କବି-ସମ୍ମେଳନମାନ ଅନୁଷ୍ଠିତ ହେଉଛି ।

'ସାହିତ୍ୟ-ସଂପଦ' ନାମକ ମାସିକ ସାହିତ୍ୟିକ କାର୍ଯ୍ୟକ୍ରମ ଉକ୍ତ ଭାଷା କାର୍ଯ୍ୟକ୍ରମର ଅନ୍ୟ ଏକ ବିଶେଷତ୍ୱ । କ୍ଷୁଦ୍ର ଗଳ୍ପ, କବିତା ଏବଂ ବ୍ୟାଖ୍ୟାମୂଳକ ଆଲୋଚନାକୁ ନେଇ ଏହି କାର୍ଯ୍ୟକ୍ରମଟି ରଚିତ । ଏଥିରେ ଲେଖକମାନେ ନିଜ ନିଜର ଲେଖାଗୁଡ଼ିକୁ ନିଜେ ପଢ଼ି ଶୁଣାନ୍ତି । ପ୍ରାଚୀନ ଓଡ଼ିଆ ସାହିତ୍ୟର କେତେକ ଅବିନଶ୍ୱର ବିଷୟବସ୍ତୁ ସହ ପ୍ରଚଳିତ ଓଡ଼ିଆ ସାହିତ୍ୟର କେତେକ ନିଦର୍ଶନ ପରିବେଷଣ କରିବାହିଁ ଏ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ।

ଅଳ୍ପଦିନ ତଳେ ବଲାଙ୍ଗୀରପାଟଣାରେ ଏକ କବି-ସମ୍ମେଳନର ଆୟୋଜନ କରାଯାଇଥିଲା । କଟକ ବାହାରେ ଆକାଶବାଣୀର କବି-ସମ୍ମେଳନ ଅନୁଷ୍ଠିତ ହେବା ଏହାହିଁ ପ୍ରଥମ । ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାର କବିମାନେ ଏ ସମ୍ମିଳନୀରେ ଯୋଗ ଦେଇ ରୁଚିଗ୍ରାହୀ ବିରାଟ ଦର୍ଶକମଣ୍ଡଳୀ ସମକ୍ଷରେ ନିଜ ନିଜର କବିତାମାନ ଆବୃତ୍ତି କରିଥିଲେ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ପ୍ରକାର ସମ୍ମେଳନମାନ ଅନୁଷ୍ଠିତ ହେବ ବୋଲି ଅନୁଭବ କରାଯାଇଥିଲା । ୧୯୫୭ ମସିହା ଅକ୍ଟୋବର ମାସରୁ ୧୯୫୮ ମସିହା ଜାନୁଆରୀ ମାସ ପର୍ଯ୍ୟନ୍ତ ଏକ ମୂର୍ତ୍ତିଙ୍କ ଉପନ୍ୟାସ ପ୍ରତି ସପ୍ତାହରେ ଧାରାବାହିକଭାବେ ପ୍ରସାରିତ ହୋଇଛି । ଗତ ମହାଯୁଦ୍ଧ ଯୋଗୁ ଜନସାଧାରଣଙ୍କ ଜୀବନ ଉପରେ ଯେଉଁ ପ୍ରଭାବ ପଡ଼ିଥିଲା ଏବଂ ସ୍ୱାଧୀନତାର ପରବର୍ତ୍ତୀ କାଳରେ ସେମାନେ ଯେପରିଭାବେ ଜୀବନ କଟାଇଲେ, ତାହାର ରୂପ ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି ।

ଗତବର୍ଷ ଓଡ଼ିଆରେ "ଆକାଶବାଣୀ ପ୍ରସାରିକା"ର ଦୁଇଟି ସଂସ୍କରଣ ପ୍ରକାଶ କରାଯାଇଛି । ସଂବାଦପତ୍ରମାନଙ୍କଦ୍ୱାରା ପ୍ରଶଂସିତ ଉପାଦେୟ ପ୍ରସାର-ବିଷୟବସ୍ତୁ ଏହି ପୁସ୍ତକରେ ସ୍ଥାନ ପାଇଛି । ଗତବର୍ଷ ମଧ୍ୟରେ ଆକାଶବାଣୀର ଏହା ଏକ ସାଫଲ୍ୟ । ଆଧୁନିକ ଓଡ଼ିଶାର ବିଖ୍ୟାତ କ୍ଷୁଦ୍ର-ଗଳ୍ପ ଲେଖକଙ୍କ କେତେକ ଶ୍ରେଷ୍ଠ କ୍ଷୁଦ୍ରଗଳ୍ପ ଏବଂ ବରିଷ୍ଠ କବିଙ୍କ ଶ୍ରେଷ୍ଠ କବିତାଗୁଚ୍ଛ ଛଡ଼ା 'ପ୍ରସାରିକା'ର ଦୁଇଟି ସଂସ୍କରଣରେ ଧର୍ମ, ଦର୍ଶନ, ବିଜ୍ଞାନ, ଇତିହାସ, କଳା, ସାହିତ୍ୟ ପ୍ରଭୃତି ବିଷୟରେ କେତେକ ମନନଶୀଳ ରଚନା ପ୍ରକାଶ ପାଇଛି । ଏହି ଲେଖାଗୁଡ଼ିକ ବରିଷ୍ଠ ଗୁରୁ ଓ ବିଶେଷଜ୍ଞମାନଙ୍କଦ୍ୱାରା ଲିଖିତ ।

ସଂସ୍କୃତହିଁ ଆମ ସାହିତ୍ୟର ମୌଳିକ ଉତ୍ସ ହୋଇଥିବାରୁ ସଂସ୍କୃତ ସାହିତ୍ୟର ସୁସମୃଦ୍ଧ ଭଣ୍ଡାରରୁ ଜ୍ଞାନ ଆହରଣ କରିବା ଉଦ୍ଦେଶ୍ୟରେ ଆକାଶବାଣୀ କଥିତ ଭାଷା କାର୍ଯ୍ୟକ୍ରମଗୁଡ଼ିକ ପରିଚାଳିତ ହୋଇଛି । ସଂସ୍କୃତ ଛାତ୍ର ଓ ପଣ୍ଡିତମାନଙ୍କ ଦ୍ୱାରା ସଫଳତା-ସହକାରେ ସଂସ୍କୃତ ନାଟକମାନ ଅଭିନୀତ ହୋଇଛି । କିଛିଦିନ ତଳେ ପୁରୀର ସଂସ୍କୃତ କଲେଜ ଛାତ୍ରମାନଙ୍କ ଦ୍ୱାରା ସଂସ୍କୃତରେ ଏକ ଏକାଙ୍କିକା ପ୍ରସ୍ତୁତ ଓ ଅଭିନୀତ ହୋଇଥିଲା ।

ଆକାଶବାଣୀର କଟକ କେନ୍ଦ୍ର ଏହିପରିଭାବେ ବିଭିନ୍ନ ଦିଗରେ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶରେ ସାହାଯ୍ୟ କରିଛନ୍ତି । ଅତୀତର ଅମର-ସଙ୍ଗୀତକୁ ମଧ୍ୟ ସର୍ବୋପଯୁକ୍ତ ଗୁରୁତ୍ୱ ଦିଆଯାଉଛି । ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଜଣାଣ ଓ ଭଜନ ଆଦି ପ୍ରାୟ ପ୍ରତିଦିନର କାର୍ଯ୍ୟକ୍ରମରେ ସ୍ଥାନ ପାଉଛି । ଏହାଛଡ଼ା ଚମ୍ପୂ ପରମ୍ପରା ଓ ଉତ୍କଳର ନିଜସ୍ୱ ସଙ୍ଗୀତ ଓ ସାହିତ୍ୟର ଅପୂର୍ବ ସମ୍ଭାର ପରିବେଷଣ କରାଯାଇଛି ।

କଟକ ବେତାର କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ଓଡ଼ିଶାର ଗ୍ରାମ୍ୟ ଓ ପାରମ୍ପରିକ ସଙ୍ଗୀତ ୯୦ ମିନିଟ୍‌ବ୍ୟାପୀ କାର୍ଯ୍ୟକ୍ରମ "ଜାତୀୟ କାର୍ଯ୍ୟକ୍ରମ"ରେ ପରିବେଷଣ କରାଯାଇଥିଲା ଏବଂ ଭାରତର ସବୁ ବେତାର କେନ୍ଦ୍ର ଦ୍ୱାରା ରିଲେ କରାଯାଇଥିଲା । ସର୍ବଭାରତୀୟ "ବିବିଧ ଭାରତୀ" ପର୍ଯ୍ୟାୟରେ ଓଡ଼ିଆରେ ୩୦ ମିନିଟ୍‌ବ୍ୟାପୀ ସାହିତ୍ୟିକ କାର୍ଯ୍ୟକ୍ରମ ପ୍ରତି ପକ୍ଷରେ ଥରେ ଲେଖାଏଁ ବମ୍ବେ ଓ ମାଦ୍ରାଜ ବେତାର କେନ୍ଦ୍ରରୁ ସନ୍ଧ୍ୟା ସାଢ଼େ ଛଅଟା ବେଳେ ପ୍ରଚାର କରାଯାଉଛି ।

"ମଲ୍ଲ ଜହ୍ନ", 'ବୋଉ', 'ଅମଡ଼ା ବାଟ', 'କୋଣାର୍କ', 'ଶ୍ରୀମନ୍ଦିର', 'ସ୍ଥଳ ସ୍ୱଜନ', 'ଖାରବେଳ', 'ମୁକ୍ତାଗଡ଼ର କ୍ଷୁଧା', 'ମାଟିର ମଣିଷ', 'ଭରସା', 'ପହିଲି ରଜ', 'ନଷ୍ଟ ମଢ଼', 'ଘର ସଂସାର' ପରି ଓଡ଼ିଆ ଉପନ୍ୟାସ ଓ ନାଟକର ବିଷୟବସ୍ତୁର ଅବଲମ୍ବନରେ ଚମତ୍କାର ରେଡ଼ିଓ ଲେଖାମାନ ପ୍ରସ୍ତୁତ କରାଯାଇପାରେ । ଓଡ଼ିଶାର ନାଟ୍ୟକାରମାନେ ରେଡ଼ିଓ ନାଟିକା ରଚନାର ଶୈଳୀ ଖୁବ୍ କମ୍ ସମୟରେ ଶିକ୍ଷା କରିଛନ୍ତି ଏବଂ ବର୍ତ୍ତମାନ ରେଡ଼ିଓ ନାଟିକା ଲେଖକ-ଲେଖିକାସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ ହେଲଣି । ୧୯୫୯ ମସିହାଠାରୁ ଅନୁଷ୍ଠିତ ହୋଇଥିବା ରେଡ଼ିଓ ନାଟିକା ପ୍ରତିଯୋଗିତା ଏବଂ ନିମନ୍ତ୍ରିତ ଦର୍ଶକମଣ୍ଡଳୀ ସମକ୍ଷରେ ଅନୁଷ୍ଠିତ ବାର୍ଷିକ ନାଟ୍ୟ ଉତ୍ସବମାନ ଉଦୀୟମାନ ନାଟ୍ୟକାରମାନଙ୍କୁ ଅଧିକ ଉତ୍ସାହ ଦେଉଛି । ସ୍ୱର୍ଗୀୟ ରାମଶଙ୍କର ରାୟଙ୍କ 'କାଞ୍ଚିକାବେରୀ' ଜାତୀୟ ନାଟକ କାର୍ଯ୍ୟକ୍ରମରେ ପରିବେଷଣ କରାଯାଇଥିଲା ଏବଂ ଭାରତର ୧୩ଟି ପ୍ରଧାନ ଭାଷାରେ ଅନୂଦିତ ହୋଇ ବିଭିନ୍ନ ବେତାର କେନ୍ଦ୍ରଦ୍ୱାରା ପ୍ରସାରିତ ହୋଇଥିଲା । ବୁଦ୍ଧଜୟନ୍ତୀ ଉପଲକ୍ଷେ ରଚିତ "ଧଉଳି" ନାମକ 'ରୂପକ' ଜାତୀୟ କାର୍ଯ୍ୟକ୍ରମରେ ସ୍ଥାନ ପାଇଥିଲା ଏବଂ ୧୩ଟି ଭାରତୀୟ ଭାଷାରେ ପ୍ରସାରିତ ହୋଇଥିଲା । ଆକାଶବାଣୀ ଜରିଆରେ ପ୍ରସାରିତ କେତେକ ପାଣ୍ଡିତ୍ୟ ଓ ତଥ୍ୟପୂର୍ଣ୍ଣ ଭାଷଣ ଏକ ପୁସ୍ତକ ଆକାରରେ ପ୍ରକାଶ କରିବାର ପ୍ରସ୍ତାବ ରହିଛି । ଏହି ପୁସ୍ତକଟି ଖୁବ୍ ନିକଟରେ ପ୍ରକାଶିତ ହେବ । ସମସାମୟିକ ସାହିତ୍ୟକୁ ଆକାଶବାଣୀର ଦାନର ଏହା ହେବ ଅନ୍ୟ ଏକ ପ୍ରମାଣ ।

ଆକାଶବାଣୀ କଟକ କେନ୍ଦ୍ରରୁ କେତେକ ହୃଦୟଗ୍ରାହୀ 'ରୂପକ' ପ୍ରଚାର କରାଯାଉଛି । ଓଡ଼ିଶାର କେତେକ ମହାନ୍ ବ୍ୟକ୍ତିଙ୍କ ଜୀବନୀ ମଧ୍ୟ 'ରୂପକ' ଆକାରରେ ପ୍ରସାରିତ ହୋଇଛି । ଫକୀରମୋହନ ସେନାପତି, ବିଶ୍ୱନାଥ କର, ଗୋକୁଳ ଶ୍ରୀଚନ୍ଦନ ଓ ମଧୁସୂଦନ ଦାସ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟତମ ।

ଓଡ଼ିଶାର କଳା ଓ ସାହିତ୍ୟର ବିଭିନ୍ନ ବିଷୟରେ ଆଲୋଚନା ଓ ପ୍ରଚାର କରିବାକୁ ରାଜ୍ୟର ସୁପରିଚିତ ଓ ସ୍ୱଳ୍ପ ପରିଚିତ ପ୍ରତ୍ୟେକ ଲେଖକ, କବି, ନାଟ୍ୟକାର, ଔପନ୍ୟାସିକ, ପ୍ରାବନ୍ଧିକ ଓ ସଂପାଦକଙ୍କୁ ଯେପରି ଅନୁରୋଧ କରାଯାଏ, ସେ ଦିଗରେ ଯଥାସମ୍ଭବ ସମସ୍ତ ଉଦ୍ୟମ କରାଯାଉଛି । ଆନନ୍ଦର କଥା ଯେ କଥିତ ଭାଷାର କାର୍ଯ୍ୟକ୍ରମଗୁଡ଼ିକ ଶ୍ରୋତାମାନଙ୍କ ପାଇଁ ହୃଦୟଗ୍ରାହୀ କରିବା ଦିଗରେ କଟକ ବେତାର କେନ୍ଦ୍ର ସେମାନଙ୍କର ସହାନୁଭୂତି ଓ ସହଯୋଗ ଲାଭ କରିଛନ୍ତି ।

# ଯୋଜନା-ଯୁଗର ଯାତ୍ରୀ

**ଶ୍ରୀ ହରବନ୍ଧୁ ଶତପଥୀ**
ଜିଲ୍ଲା ଲୋକସମ୍ପର୍କ ଅଫିସର୍, ବାଲେଶ୍ୱର

**ବର୍ତ୍ତମାନ** ଯୋଜନା-ଯୁଗ । ସବୁ ରାଜ୍ୟ ପାଇଁ ସବୁ ବିଷୟରେ ଯୋଜନା ଗଢ଼ାଯାଇଛି ଓ ଯାଉଛି ମଧ୍ୟ । ଏଥିରୁ କେତେକ ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳ ଭିତରେ ରୂପରେଖ ପାଇଅଛି । ଅନ୍ୟାନ୍ୟଗୁଡ଼ିକର ରୂପରେଖ ଦେବା ଲାଗି ଦେଶବ୍ୟାପୀ ଉଦ୍ୟମ ହେଉଅଛି । ସଫଳତା ବା ବିଫଳତା ଏହି ଉଦ୍ୟମ ଉପରେ ପୂର୍ଣ୍ଣ ନିର୍ଭର କରେ ।

## ଆଗ ଚେତନା; ପଛେ ଉଦ୍ୟମ

ସବୁ ବିଷୟ ପର ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆଗ ଚେତନା ଜାଗ୍ରତ ହେବା ଆବଶ୍ୟକ । ଉଦ୍ୟମ ଏହି ଚେତନାରୁ ଜନ୍ମଲାଭ କରିବ । କିନ୍ତୁ ସେ ଭଳି ଚେତନା ଆମ୍ଭମାନଙ୍କ ଭିତରେ ଜାଗ୍ରତ ହୋଇଛି କି ? ସ୍ୱାଧୀନତା ପରେ ଦେଶକୁ ନବକଳେବର ଦେବାକୁ ହେବ, ଲକ୍ଷ୍ୟସ୍ଥଳରେ ନିଜେ ପହଞ୍ଚିବୁ ଓ ଦେଶବାସୀଙ୍କୁ ପହଞ୍ଚାଇବୁ—ଏହି ଚେତନା ଆମ୍ଭମାନଙ୍କୁ ଉଦ୍‌ବୁଦ୍ଧ କରିଛି କି ? ଆମ୍ଭେମାନେ ଯେ ଯୋଜନା-ଯୁଗର ଜଣେ ଜଣେ ଯାତ୍ରୀ—ଏହା କେତେ ଜଣଙ୍କୁ ବା ଜଣାଛି ?

ପ୍ରତ୍ୟେକ ଯାତ୍ରାର ଲକ୍ଷ୍ୟ ଅଛି । ଏଥିପାଇଁ ଆୟୋଜନ ଓ ସମ୍ଭାର ଲୋଡ଼ା । ଯେ କୌଣସି ଯାତ୍ରୀ ଏଥିପାଇଁ ପ୍ରସ୍ତୁତ ହୋଇ ରହେ ଏବଂ ଯାତ୍ରାକାଳରେ ସେ ଏହି କାର୍ଯ୍ୟ ନିଷ୍ଠାର ସହିତ କଲେ ଲକ୍ଷ୍ୟଭ୍ରଷ୍ଟ ହୁଏ ନାହିଁ । ବର୍ତ୍ତମାନ ଆମ୍ଭେମାନେ ସେହି ଯାତ୍ରୀଭାବରେ ଲକ୍ଷ୍ୟ ସାଧନ ପାଇଁ ଯାହା ପ୍ରୟୋଜନ, ତାହା ଯଥା-ଶକ୍ତି କରୁଛୁ କି ? ସେହି ଆନ୍ତରିକତା, ନିଷ୍ଠା ଯଦି ଅଛି ଓ ସେହିଠାରେ ଅଛି, ସଫଳତା ଅବଶ୍ୟମ୍ଭାବୀ । ଯଦି ଚେତନା ନାହିଁ କି ଉଦ୍ୟମ ନାହିଁ, ତେବେ ସେ ଯାତ୍ରା ନିଶ୍ଚୟ ବିଫଳ ହେବ ।

## ଯୋଜନାର ସଫଳତା ଏକ ମହାଯାତ୍ରା ସ୍ୱରୂପ

ଯୋଜନାର ସଫଳତା ଦେଶପକ୍ଷରେ ଯେପରି ଅତି ଗୁରୁତ୍ୱପୂର୍ଣ୍ଣ; ଦେଶବାସୀଙ୍କ ପକ୍ଷରେ ସେହିପରି ଏକ ମହାଯାତ୍ରା ସ୍ୱରୂପ । ଏଥିରେ ଅଗ୍ରଗତି ଛଡ଼ା ପଛଘୁଞ୍ଚା ନାହିଁ । ମହାଭାରତ ଯୁଗରେ ଏକ ମହାଯାତ୍ରା ଆରମ୍ଭ ହୋଇଥିଲା; ସ୍ୱାଧୀନତା ହାସଲ ପରେ ଅନ୍ୟ ଏକ ମହାଯାତ୍ରା ଆରମ୍ଭ ହୋଇଅଛି । ପୂର୍ବ ମହାଯାତ୍ରାରେ ୭ ଜଣ ଯୋଗ ଦେଇଥିଲେ; ବର୍ତ୍ତମାନ ଯୁଗର ମହାଯାତ୍ରାରେ ୩୭ କୋଟି ଯୋଗ ଦେଇ ଅଛନ୍ତି । ପୌରାଣିକ ମହାଯାତ୍ରୀଙ୍କୁ ଭାରତବାସୀ ଅଭିନନ୍ଦନ ଜଣାଉଥିଲେ; ଆଧୁନିକ ମହାଯାତ୍ରୀକୁ ସମଗ୍ର ବିଶ୍ୱ ଅଭିନନ୍ଦନ ଜଣାଉଛି । ଏ କଅଣ କମ୍ ଗୁରୁତ୍ୱପୂର୍ଣ୍ଣ ?

ଏହାର ଗୁରୁତ୍ୱ ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ବ୍ୟକ୍ତି ଉପଲବ୍ଧି କରିବା ଉଚିତ । ଏଥିପାଇଁ କେହି କାହାକୁ ଅପେକ୍ଷା କରିବା ଦରକାର ହେବ ନାହିଁ । ଅନ୍ୟର ଆଦର୍ଶକୁ ଅପେକ୍ଷା ନ କରି ନିଜେ ଅନ୍ୟକୁ ଆଦର୍ଶ ଦେଖାଇବା ପାଇଁ ଅଗ୍ରସର ହେବା ଆବଶ୍ୟକ ।

## ଏ ଦେଶର ଶକ୍ତିସମ୍ବଳ ଅଭାବ ନାହିଁ

ଏ ଦେଶକୁ ପ୍ରକୃତିର ଦାନ ଯଥେଷ୍ଟ ବେଶି । କୃଷି ପାଇଁ ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ଅଛି, ନଦୀର ମାତୃଶକ୍ତି ଏହାକୁ ସବଳ କରିବାକୁ ପ୍ରସ୍ତୁତ । ସୁନା ଫଳେ ବୋଲି

ଏ ଦେଶରେ ପ୍ରବାଦ ଅଛି । କାମ କରିବାକୁ କୋଟି କୋଟି ହାତ ଅଛି । କିନ୍ତୁ କୃଷି-ମହାଯାଗରେ କିସ୍ତା ନାହିଁ ? ଉନ୍ନତ ଧରଣର ବୀହନ ମିଳିଲା, ସବୁଜସାର ଏ ଦେଶରେ ଅଛି, ଯନ୍ତ୍ର ମଧ୍ୟ ନୂଆ ସାର ଯୋଗାଇଲା, ଅନ୍ୟ ଦେଶର ପ୍ରଣାଳୀ ମଧ୍ୟ ଆମ ଆଗରେ ଥୁଆହେଲା; କିନ୍ତୁ ଆମର ଯଥାର୍ଥ ଲକ୍ଷ୍ୟ ସାଧିତ ହେଲା ନାହିଁ । କାରଣ ସାର୍ବିକଭାବରେ ଆମ୍ଭମାନଙ୍କର ଯାହା କର୍ତ୍ତବ୍ୟ, ତାହା ଠିକ୍‌ଭାବରେ ଉପଯୋଗ ନ କରିବା ଯୋଗୁ ଉପଯୁକ୍ତ ଫଳ ମିଳିଲା ।

ଚାଷ ଉନ୍ନତି ଶବ୍ଦ—ଏବେ ମଧ୍ୟ ନେତୃବୃନ୍ଦ କାହାଣୀକୁ ବଦଳି ଯାଇନାହିଁ । ଯୋଜନାର ସେହି ସବୁ କଥା ଅଛି—ଆଦର୍ଶ କେବେହେଲେ ଖଣ୍ଡ ହୁଏ ନାହିଁ । ଯାହାରେ ଯେ ଆମ୍ଭେମାନେ ପଛପୁଞ୍ଜା ଦେଇଛୁ, ତାହା ନୁହେଁ; ମାତ୍ର ଅଗ୍ରଗତି ସନ୍ତୋଷଜନକ ବୋଲି କୁହାଯିବ ନାହିଁ । ବର୍ତ୍ତମାନ ଏହି ଚେତନା ଆମର ଜାଗ୍ରତ ହେବା ଆବଶ୍ୟକ ଏବଂ ତାହା ସଙ୍ଗେ ସଙ୍ଗେ ପ୍ରବଳ ଉଦ୍ୟମ ମଧ୍ୟ ଲୋଡ଼ା ।

## ଶିଳ୍ପ-ସମୃଦ୍ଧି ଏକମାତ୍ର କାମ୍ୟ

ପୁଣି କୃଷିର ବହୁବିଧ ଉନ୍ନତି ସଙ୍ଗେ ସଙ୍ଗେ ଶିଳ୍ପର ବିକାଶ ଲାଗି ଯୋଜନା ଆବଶ୍ୟକ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଏହାକୁ ମୁଖ୍ୟ ସ୍ଥାନ ଦିଆଯାଇଅଛି । ଶିଳ୍ପ କହିଲେ—ଉଭୟ ଯନ୍ତ୍ର ଶିଳ୍ପ ଓ କୁଟୀର ଶିଳ୍ପକୁ ବୁଝାଏ । କେତେ ଯନ୍ତ୍ରଶିଳ୍ପକୁ ଅବଜ୍ଞା କରାଯାଉଥିଲା; ମାତ୍ର ଏହି ଯାନ୍ତ୍ରିକ ଯୁଗରେ ସେ ଅବଜ୍ଞା ଆମ୍ଭମାନଙ୍କର ଆର୍ଥିକ ସମ୍ବଳ ବୃଦ୍ଧି କରି ପାରିବ ନାହିଁ । ଏହି ଆର୍ଥିକ ସମ୍ବଳ ବଢ଼ାଇବା ହିଁ ଯୋଜନାର ଲକ୍ଷ୍ୟ । ଯନ୍ତ୍ରଶିଳ୍ପର ପ୍ରତିଷ୍ଠା ଲାଗି ସ୍ପୃହା ସମସ୍ତଙ୍କର ନାହିଁ । ତଥାପି ସମବାୟ ସୂତ୍ରରେ ତାହା ସମ୍ଭବପର ଏବଂ ସେଭଳି ଉଦ୍ୟମ ଯେ ଦେଶ ମଧ୍ୟରେ ବିକାଶ ଲାଭ ନ କରୁଛି, ତାହା ନୁହେଁ । ବିଦ୍ୟୁତ୍‌ଶକ୍ତିର ସରବରାହ, ନଦୀବନ୍ଧ ଯୋଜନା ଏବଂ କଞ୍ଚା ମାଲର ଅଧିକ ଉତ୍ପାଦନ ଏହାର ସାହାଯ୍ୟକାରୀ ହୋଇଅଛି ।

ଯନ୍ତ୍ରଶିଳ୍ପର ପ୍ରତିଷ୍ଠା ସଙ୍ଗେ ସଙ୍ଗେ କୁଟୀର ଶିଳ୍ପର ପୁନରୁତ୍‌ଥାନ, ଶ୍ରୀବୃଦ୍ଧି, ସବୁ ଦିଗରେ ଉଦ୍ୟମ ପାଇଁ କ୍ଷେତ୍ର ଏ ଦେଶରେ ଅଛି । ପରାଧୀନତା ଯେତେ କଠୋର ହୋଇଥିଲେ ମଧ୍ୟ ଶିଳ୍ପୀ ତାହାର ପ୍ରାଚୀନ କଳାପାଟବ ପାସୋରି ନାହିଁ । କାରିଗରର ପାଷାଣ ଦେହରେ ଜୀବନଦାନର ଦକ୍ଷତା ଆଜି ମଧ୍ୟ ଅଛି । ଶାଢ଼ୀର ଅଞ୍ଚଳରେ କୋଣାର୍କ, ଭୁବନେଶ୍ୱରର କଳା ଆଜି ମଧ୍ୟ ତନ୍ତ ଓ ତନ୍ତୀର ହାତ ଅଙ୍କନ କରିପାରୁଛି । ବର୍ତ୍ତମାନ ଏହା ତ କଳ୍ପନା ନୁହେଁ, ବାସ୍ତବ ସତ୍ୟ । ଏହି କଳାବିଭବ ବିକାଶଲାଗି ସରକାର ଯେପରି ଉଦ୍‌ଗ୍ରୀବ, କାରିଗର ଓ ଜନତା ସେହିପରି ଉଦ୍ୟମୀ ହେବା ଆବଶ୍ୟକ ।

ଦେଶ ଓ ଜାତିସଂଗଠନ ଏକ ବିରାଟ ଓ ମହତ୍ କାର୍ଯ୍ୟ । ଏହି କାର୍ଯ୍ୟରେ ବ୍ୟକ୍ତି, ଗୋଷ୍ଠୀ, ସଂପ୍ରଦାୟ—ସମସ୍ତଙ୍କର ସାହାଯ୍ୟ, ସହାନୁଭୂତି ଆବଶ୍ୟକ । ଦେଶରେ ପ୍ରଗତିପଥର ଯାତ୍ରୀ ପ୍ରତ୍ୟେକ । ଯାତ୍ରୀଭାବରେ ଯାହାର ଯେତିକି କର୍ତ୍ତବ୍ୟ, ତାହା କଲେ ଲକ୍ଷ୍ୟ ସାଧନ ସହଜ ହେବ । ଆମ୍ଭେମାନେ ଦଶବର୍ଷ ମଧ୍ୟରେ ଯେତିକି ଅଗ୍ରସର ହୋଇଛୁ, ତାହାକୁ ଅଭିନନ୍ଦନ ଜଣାଉଛୁ ଏବଂ ସତୃଷ୍ଣନୟନରେ ଚାହିଁ ରହିଛୁ ଏହାର ଅଧିକ ପ୍ରଗତି, ଶ୍ରୀବୃଦ୍ଧି ଓ ଦୀପ୍ତି ନେଇ ରହିବୁ । ବର୍ତ୍ତମାନ ଆମ୍ଭେମାନେ ଆଉ ଫେରି ପାରିବୁ ନାହିଁ—ଯାତ୍ରୀ ଅଟେ ଯାହାକଲେ ଫେରେ ନାହିଁ । ଯାତ୍ରୀ ଜଣେ ନୁହେଁ, କୋଟି କୋଟି । ଏହି କୋଟି କୋଟି ଯାତ୍ରୀଙ୍କଠାରେ ଚେତନା ଜାଗ୍ରତ ହେଲେ, ସମସ୍ତେ ଦେଶପ୍ରାଣତାରେ ଉଦ୍‌ବୁଦ୍ଧ ହେଲେ ଯୋଜନାର ସଫଳତା 'ହସ୍ତେ ଧାବତି ଧାବତି'।

# ଓଡ଼ିଶାରେ ମୃତ୍ତିକା ଶିଳ୍ପ

**ମାଟିପାତ୍ର** ଆମ ଦୈନନ୍ଦିନ ଜୀବନର ଗୋଟିଏ ବିଶେଷ ଦରକାରୀ ପଦାର୍ଥ । ଏଥିରେ ଖାଦ୍ୟ ପଦାର୍ଥ ଉତ୍ତମରୂପେ ରନ୍ଧାଯାଇପାରେ ଓ ବହୁ ସମୟ ଧରି ରଖିଲେ ମଧ୍ୟ ଖରାପ ହୁଏ ନାହିଁ । ଘିଅ, ତେଲ, ଲୁଣ, ଚଟଣୀ, ଆଚାର, ଦହି ଓ ପାଣି ଇତ୍ୟାଦି ଏହି ପାତ୍ରରେ ରଖିଲେ ଉକ୍ତ ଜିନିଷର ସ୍ୱାଦୁ ଇତ୍ୟାଦିରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଲକ୍ଷ ଲକ୍ଷ ଗରିବ ଲୋକଙ୍କ ପାଇଁ ବିଶେଷତଃ ଗ୍ରାମବାସୀଙ୍କ ନିମନ୍ତେ ମାଟିପାତ୍ରର ବିଶେଷ ସୁବିଧା ରହିଛି ।

## ମୃତ୍ତିକାଶିଳ୍ପର ମୁଖ୍ୟ ଉଦ୍ଦେଶ୍ୟ

କେବଳ ହାଣ୍ଡି ମାଠିଆ ଇତ୍ୟାଦି ଗଢ଼ିବା ମୃତ୍ତିକା ଶିଳ୍ପର ଉଦ୍ଦେଶ୍ୟ ନୁହେଁ; ଏହାଦ୍ୱାରା ହଜାର ହଜାର ଗରିବ ଗାଇଁଲି ଲୋକଙ୍କୁ ଧନ୍ଦା ଯୋଗାଇବା ସଙ୍ଗେ ସଙ୍ଗେ ସେମାନଙ୍କର ଅର୍ଥନୈତିକ ଉନ୍ନତି ଘଟାଇବା ଓ ସେମାନଙ୍କର ଅନ୍ତର୍ନିହିତ କାରିଗରୀ ଶକ୍ତିର ବିକାଶ ସାଧନ କରିବାକୁ ସୁବିଧା ଦେବା ଏହି ଶିଳ୍ପର ଅନ୍ୟତମ ଉଦ୍ଦେଶ୍ୟ । ବିଶେଷତଃ ମାଟିର ଅଭାବ ନାହିଁ ଓ ଏହି ମାଟିରୁ ପାତ୍ର ନିର୍ମାଣ କେବଳ କୁମ୍ଭାରମାନେ କରୁଥିଲେ । ମାତ୍ର ଏହି କୌଶଳ ଯେ ଶିଖିବ ସେ ମଧ୍ୟ ନାନାପ୍ରକାର ପାତ୍ର ନିର୍ମାଣ କରି ନିଜ ନିଜର ରୋଜଗାର ବଢ଼ାଇ ପାରିବ । ଏଣୁ ଏହାଦ୍ୱାରା ଜାତି-ଧର୍ମ-ନିର୍ବିଶେଷରେ ଯେ କୌଣସି ଲୋକ ଯେକୌଣସି ପେଷା ଅବଲମ୍ବନ କରି ନିଜ ନିଜର ଅବସ୍ଥା ସୁଧାରି ପାରିବ । ଭାରତର ଲୋକେ ସାଧାରଣତଃ ଶିକ୍ଷା ଓ ଅର୍ଥନୈତିକ ଦିଗରେ ସେତେ ଅଗ୍ରଗତି କରିନାହାନ୍ତି । ବୈଜ୍ଞାନିକ କଳକବ୍‌ଜାର ପ୍ରସାର ଦ୍ୱାରା ଭାରତୀୟ କୁମ୍ଭାର, କୃଷୀ ଇତ୍ୟାଦି ସମସ୍ତେ ନିଜ ନିଜର ଗତାନୁଗତିକ ପନ୍ଥାରେ କ୍ଷତିଗ୍ରସ୍ତ ହୋଇ ଏଣେ ତେଣେ ନିଜ ନିଜର ପେଟ ପୋଷିବା ପାଇଁ ଧନ୍ଦା ଖୋଜି ବୁଲିଲେ । ହଜାର ହଜାର ଗାଇଁଲି ଶିଳ୍ପୀ କ୍ରମେ ରୋଜଗାରଶୂନ୍ୟ ହୋଇ ବେକାର ଭାବରେ ସହର ଅଞ୍ଚଳକୁ ଧାଇଁଲେ ଓ ନିରାଶ ହେଲେ । ମୃତ୍ତିକା ଶିଳ୍ପ ଦ୍ୱାରା ସେମାନଙ୍କୁ ସାହାଯ୍ୟ କରିଯାଇ ପାରିବ ବୋଲି ବର୍ତ୍ତମାନ ପୂର୍ଣ୍ଣ ବିଶ୍ୱାସ ହୋଇଛି । ଓଡ଼ିଶା ଖଦି ବୋର୍ଡ଼ ଏହି ମୃତ୍ତିକା ଶିଳ୍ପପାଇଁ ଆର୍ଥିକ ସାହାଯ୍ୟ, ଋଣ ଇତ୍ୟାଦି ସମବାୟ ସମିତିର ସଭ୍ୟମାନଙ୍କୁ ଦେଉଅଛନ୍ତି ।

## କୁମ୍ଭାରମାନଙ୍କୁ ବର୍ଷସାରା କାମ ଯୋଗାଇବା ବ୍ୟବସ୍ଥା

ଗୋଟିଏ କୁମ୍ଭାର ପରିବାର ମାସକୁ ଟ୭୦୲ ମୂଲ୍ୟର ଜିନିଷ ତିଆରି କରିପାରେ । ମାଟି ଓ ଜାଳରେ ପ୍ରାୟ ତାହାର ଟ୨୦୲ ଖର୍ଚ୍ଚ ହୋଇଯାଏ । ବାକି ଟ୫୦୲ ତାର ମାସିକ ଆୟ ହୁଏ । ମୃତ୍ତିକା-ନିର୍ମିତ ପାତ୍ରର ଚାହିଦା, କଞ୍ଚାମାଲ ଚଢ଼ିବା ଏବଂ କୁମ୍ଭାରର କାର୍ଯ୍ୟ-କୁଶଳତା ଉପରେ ତାହାର ଆମଦାନି ପରିମାଣ ବଢ଼ିପାରେ ବା କମିପାରେ । କୁମ୍ଭାରମାନଙ୍କୁ ବର୍ଷସାରା କାମ ଯୋଗାଇବାକୁ ହେଲେ ଉପଯୁକ୍ତ ସ୍ଥାନ ଏବଂ ଟଙ୍କା ଆବଶ୍ୟକ । ଯେଉଁ କୁମ୍ଭାରମାନଙ୍କର ଚାଷଜମି ଅଛି, ସେମାନେ ବର୍ଷାଋତୁରେ ଚାଷ କରନ୍ତି ଓ ଯେଉଁମାନଙ୍କର ତାହା ନାହିଁ, ସେମାନେ ସେହି ଋତୁରେ ଅନ୍ୟ କୌଣସି ପ୍ରକାର ଧନ୍ଦା କରି ଜୀବିକା ନିର୍ବାହ କରନ୍ତି । ଯଦି ସେମାନେ ନିଜର କାର୍ଯ୍ୟ ପରିଚାଳନା ନିମନ୍ତେ ଉପଯୁକ୍ତ ସାହାଯ୍ୟ ସୁବିଧା ଓ ସୁଯୋଗ ପାଆନ୍ତି, ତେବେ ବର୍ଷା ଋତୁରେ ମଧ୍ୟ ସେମାନେ ନିଜ କାର୍ଯ୍ୟ କରିପାରନ୍ତେ ।

## ଖଦୀ ବୋର୍ଡ଼ ପକ୍ଷରୁ ବିଭିନ୍ନ ପ୍ରକାର ସାହାଯ୍ୟ ପାଇଁ ବ୍ୟବସ୍ଥା

ବୋର୍ଡ଼ ତରଫରୁ ସାହାଯ୍ୟ ଦିଆଯାଉଥିବା ଉନ୍ନତ ଧରଣର ଚକଦ୍ୱାରା ବିଭିନ୍ନ ପ୍ରକାର ଉନ୍ନତ ଧରଣର ସରଞ୍ଜାମଗୁଡ଼ିକ ନିର୍ମିତ କରାଯାଉଛି; ଯାହାକି ନିତ୍ୟୋପଯୋଗୀ ବୋଲି ପ୍ରମାଣିତ। ପୂର୍ବେ ଆମ୍ଭ ଗାଁଗାଁର କୁମ୍ଭକାରମାନେ ବିଶେଷତଃ ହାଣ୍ଡି ମାଠିଆ, ସରା, ଦୀପ, ତେଲ୍‌ଣିକଳା ଏବଂ ଚଟାଣ ଟାଇଲ, ଘର ଟାଇଲ ପ୍ରଭୃତି ତିଆରି କରି ସେମାନଙ୍କ ଜୀବିକା ନିର୍ବାହ କରୁଥିଲେ। ସେତିକି ସେମାନଙ୍କ ପକ୍ଷରେ ଅତି ଅଳ୍ପ, କହିଲେ ଅତ୍ୟୁକ୍ତି ହେବ ନାହିଁ; କିନ୍ତୁ ଆଜିକାଲି ଏହି ଉନ୍ନତ ଧରଣର ଚକଗୁଡ଼ିକଦ୍ୱାରା ସୁନ୍ଦର ସୁନ୍ଦର ଜିନିଷ ପ୍ରସ୍ତୁତ କରାଯାଉଛି ଏବଂ ସେହି ଜିନିଷଗୁଡ଼ିକ ବିଭିନ୍ନ ପ୍ରକାର ଧାତୁର ମିଶ୍ରଣ କରାଯାଇ ଏବଂ ରଖାଯାଇ ନିର୍ମିତ ପାତ୍ରଗୁଡ଼ିକ ପାଲିସ କରାହୋଇ ସେହି ମିଶ୍ରଣ ଧାତୁଦ୍ୱାରା ଉତ୍ତାଇ ଦିଆଯାଉଛି। ତା ପରେ ପାତ୍ରଗୁଡ଼ିକ ବିଭିନ୍ନ ରଙ୍ଗର ଆକାର ଧାରଣ କରିବା ସଙ୍ଗେ ସଙ୍ଗେ ଦେଖିବା ପାଇଁ ସୁନ୍ଦର ହେଉଛି ଏବଂ କଠିନ ମଧ୍ୟ ହେଉଛି; ଯାହାଦ୍ୱାରା କି ସହଜରେ ଭାଙ୍ଗିବାର ଭୟ ନାହିଁ। ତେଣୁ ଜିନିଷଗୁଡ଼ିକ ଲୋକଙ୍କର ଆଦରଣୀୟ ହେଉଛି ଏବଂ ମୂଲ୍ୟ ସାଧାସିଧା ଜିନିଷ ଅପେକ୍ଷା ଟିକିଏ ବେଶି ବଢ଼ିଯାଇଛି। ତା ଦ୍ୱାରା କୁମ୍ଭକାର ସମାଜର ଆୟ ଅପେକ୍ଷାକୃତ ବଢ଼ି ଚାଲିଛି। ଆଶା କରାଯାଉଛି, ଉନ୍ନତ ଧରଣର ଜିନିଷଗୁଡ଼ିକୁ ପୂର୍ଣ୍ଣମାତ୍ରାରେ ରୂପରେଖ ଦିଆଗଲେ କୁମ୍ଭକାର ସମାଜର ଉନ୍ନତି ଦ୍ରୁତଗତିରେ ଆଗେଇ ଚାଲିବ। ଆଜିକାଲି ଯେପରି ଆଲମୋନିୟମ କାରଖାନା ଖୋଲାଯାଇ ସେତେ ପ୍ରକାର ଅନେକ-ଜାତୀୟ ପଦାର୍ଥ ନିର୍ମିତ କରାହେଉଛି, ମାଟିରେ ମଧ୍ୟ ସେହିଭଳି ପାତ୍ର ନିର୍ମାଣ କରାଯାଇ ପାରିବ। ଯଦିଓ ଆଲ-ମୋନିୟମ ପାତ୍ରଗୁଡ଼ିକ ମାଟି ପାତ୍ର ଅପେକ୍ଷା ବେଶୀ ଦିନ ସ୍ଥାୟୀ ହୋଇ ପାରିବ, ତଥାପି ମାଟି ତିଆରି ପାତ୍ରଗୁଡ଼ିକ ଭଳି ସୁନ୍ଦର ସୁଡ଼ୌଲ ହୋଇ ପାରିବ ନାହିଁ। ବିଶେଷତଃ ମୃତ୍ତିକା ପାତ୍ରକୁ ସୁବର୍ଣ୍ଣ ପାତ୍ର ବୋଲି ନାମକରଣ କରାହୋଇଛି, କାରଣ ସେଥିର ପୃଷ୍ଠ ଦେହରେ କୌଣସି ପ୍ରକାର କଳଙ୍କ ଲାଗି ରହିବାର ଆଶଙ୍କା ନାହିଁ, ମାଟି ପାତ୍ରରେ ମଧ୍ୟ ସେହିଭଳି କୌଣସି ପ୍ରକାର ରୋଗର ଜୀବାଣୁ ବଞ୍ଚିରହି ପାରନ୍ତି ନାହିଁ, ତେଣୁ ମୃତ୍ତିକା ପାତ୍ର ସବୁଠାରୁ ଶୁଦ୍ଧଶୁଚି ଅଟେ। ଖାଲି ଯେ ମୃତ୍ତିକାଦ୍ୱାରା ପାତ୍ରର ନିର୍ମାଣ କରାହୁଏ ତା ନୁହେଁ, ଆମର ବିଭିନ୍ନ ପ୍ରକାର ଗୃହ ସଜାଇବାର ଜିନିଷ ମଧ୍ୟ ପ୍ରସ୍ତୁତ କରାହୋଇଥାଏ, ଯଥା :—ବିଭିନ୍ନ ପ୍ରକାର ଖେଳନା, ଫୁଲଦାନୀ, ଦୀପ, ପେପରୱେଟ୍, ସିଗାରେଟ୍ ଆସ୍ଟ୍ରେ, ଧୂପଦାନୀ ପ୍ରଭୃତି।

ଆମର ବୋର୍ଡ଼ ତରଫରୁ ଉନ୍ନତ ଧରଣର ଚକ ଯୋଗାଇବା ସଙ୍ଗେ ସଙ୍ଗେ ରାଣୀଗଞ୍ଜ ଟାଇଲ ମେସିନ ମଧ୍ୟ ଯୋଗାଇ ଦିଆଯାଏ। ଏଇ ଟାଇଲ ମେସିନର ଦାମ ହେଉଛି ଟ୮୦୦୲। ଏହାଦ୍ୱାରା ଟାଇଲ ପ୍ରସ୍ତୁତ କରାହୋଇ ବିଭିନ୍ନ ସ୍ଥାନକୁ ମଧ୍ୟ ରପ୍ତାନି କରାହୁଏ ଏବଂ କୁମ୍ଭକାର ସମାଜର ଏହା ଏକ ବଡ଼ ସୁଖ-ଜନକ କାର୍ଯ୍ୟ। ଏହାଦ୍ୱାରା ଆୟର ପରିମାଣ ଅଧିକ ହେବା ସଙ୍ଗେ ସଙ୍ଗେ ବହୁଲୋକଙ୍କୁ ଘରପୋଡ଼ିରୁ ମଧ୍ୟ ରକ୍ଷା କରିଥାଏ ଏବଂ ଏହି ଟାଇଲ ଘରର ଚନ୍ଦା କୋଠାର ଛାତ ଉପରେ ଦିଆଗଲେ ବହୁଦିନ ଧରି ସ୍ଥାୟୀ ଦମ୍ଭ ରହେ, ଘରର ସୌନ୍ଦର୍ଯ୍ୟ ବୃଦ୍ଧିପାଏ, ଘରପୋଡ଼ିରୁ ରକ୍ଷା ମିଳେ।

## କି କି ଆକାରରେ କୁମ୍ଭକାର ସମିତିଗୁଡ଼ିକୁ ସାହାଯ୍ୟ ଦିଆଯାଏ

ଅଖିଳ ଭାରତ ଖଦୀ ଗ୍ରାମୋଦ୍ୟୋଗ କମିଶନଙ୍କ ପ୍ରସ୍ତୁତ କାର୍ଯ୍ୟକ୍ରମ ଦ୍ୱାରା ମୃତ୍ତିକା ଶିଳ୍ପର ଉନ୍ନତି ସୁନିଶ୍ଚିତ। ଏହି ସାହାଯ୍ୟ କିପରି ଭାବରେ ଓଡ଼ିଶା

ଏହି ବୋର୍ଡ଼ ଜରିଆରେ କରାଯାଏ, ତାହାର ବିବରଣୀ ନିମ୍ନରେ ଦିଆଗଲା ।

(କ) ୱାର୍କ ସେଡ୍ ବା କାର୍ଯ୍ୟ କରିବା ସ୍ଥାନ:—ମୃତ୍ତିକା କାମ ନିମନ୍ତେ ଓ ଆର୍ଦ୍ର ପାତ୍ରକୁ ଶୁଖାଇବା ନିମନ୍ତେ ଛାୟାପୂର୍ଣ୍ଣ ସ୍ଥାନର ଆବଶ୍ୟକ । ଏଥି ସକାଶେ ସମବାୟ ସଙ୍ଘରେ ୱାର୍କସ ସେଡ୍ ନିର୍ମିତ ହେଉଛି । ନିର୍ମାଣ ନିମନ୍ତେ ଟ୯୦୦୦ ସାହାଯ୍ୟ ଦିଆହୁଏ । ଏହା ଅଧା ସାହାଯ୍ୟ, ଅଧା ଋଣ ଆକାରରେ ମିଳେ । କାମ କରିବା ସ୍ଥାନ ୱାର୍କ ସେଡ୍‌ର କ୍ଷେତ୍ରଫଳ ୪,୫୦୦ ବର୍ଗଫୁଟ ହେବା ଉଚିତ । ଏଥିରେ ଅନ୍ତତଃ ୧୫ ଜଣ ପର୍ଯ୍ୟନ୍ତ କାର୍ଯ୍ୟ କରି ପାରିବେ । ସେମାନଙ୍କ ନିମନ୍ତେ ଘାଟି ଆର୍ଦ୍ର ମୃତ୍ତିକା ଏବଂ ଧୋଇବା ଟାଙ୍କି ଇତ୍ୟାଦି ସେହି ସ୍ଥାନରେ ତିଆରି ହେବା ଉଚିତ ।

(ଖ) ବ୍ୟବସାୟ ନିମନ୍ତେ ପୁଞ୍ଜି:—ଏଥି ନିମନ୍ତେ ଋଣ ଦେବାର ବ୍ୟବସ୍ଥା ହୋଇଛି । ଏହି ଋଣ ୩ ବର୍ଷରେ ଫେରସ୍ତ ଦେବାକୁ ହେବ । ପ୍ରଥମ ବର୍ଷ କୌଣସି ସୁଧ ନାହିଁ ଓ ୨ୟ, ୩ୟ ବର୍ଷ ଶତକଡ଼ା ଟ୩ ହିସାବରେ ସୁଧ ଦେବାକୁ ପଡ଼େ । କେବଳ ମଞ୍ଜୁରୀପ୍ରାପ୍ତ ସଂସ୍ଥା ଓ ସମବାୟ ସମିତି ଏପ୍ରକାର ସାହାଯ୍ୟ ପାଇବାରେ ହକ୍‌ଦାର ଅଟନ୍ତି । ସେମାନଙ୍କୁ ଟ୩,୦୦୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ଋଣ ମିଳିବାର ବନ୍ଦୋବସ୍ତ ଅଛି ।

(ଗ) ଉନ୍ନତ ଧରଣର ସରଞ୍ଜାମ ଖରିଦ କରିବା ନିମନ୍ତେ ଅଧା ଋଣ ଓ ଅଧା ସାହାଯ୍ୟ ଆକାରରେ ନିମ୍ନଲିଖିତରୂପେ ଅର୍ଥ ସାହାଯ୍ୟ ଦିଆଯାଏ ।

| | |
|---|---|
| ୧ । ଚକ ଲଗାଇବା ଖର୍ଚ୍ଚ | ଟ ୬୦ |
| ୨ । କୁମ୍ଭାର ଚକ | ଟ ୧୨୦ |
| ୩ । ଚେନ୍‌ଲଗା ଚକ | ଟ ୧୫୦ |
| ୪ । ରଣୀଗଞ୍ଜ ଟାଇଲ ପ୍ରେସ | ଟ ୮୦୦ |
| ୫ । କାଠ ଛାଞ୍ଚ | ଟ ୧୨୦ |
| ୬ । ଭାଟି ଘର | ଟ ୨୦୦ |

(ଘ) ଆଦର୍ଶ ଉତ୍ପାଦନ କେନ୍ଦ୍ର ଖୋଲିବା ନିମନ୍ତେ ଟ୫,୦୦୦ ମୂଳଧନର ଋଣ ବ୍ୟତୀତ ସଂସ୍ଥାପନ ଖର୍ଚ୍ଚ ପାଇଁ ଟ୨୭୬୦ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟ୫୧୫୦ ସାହାଯ୍ୟ ଦିଆଯାଏ ।

(ଙ) ପ୍ରତ୍ୟେକ କାରିଗରଙ୍କୁ ସମିତିର ସଭ୍ୟ ହେବା ପାଇଁ ସୁବିଧା ଦେବା ନିମନ୍ତେ ଋଣସୂତ୍ରରେ ଅର୍ଥ ସାହାଯ୍ୟ ଦିଆଯାଇଥାଏ ।

(ଚ) ଖଦି ବିକ୍ରୀ କେନ୍ଦ୍ର:—ଖଦି ବିକ୍ରୀ କେନ୍ଦ୍ର ଖୋଲିବା ନିମନ୍ତେ ଟ୧୫୦୦ ସାହାଯ୍ୟ ଦିଆଯାଏ ।

ରାଜ୍ୟ ମଧ୍ୟରେ ଆଜ ସୁଦ୍ଧା ୧୩ଟି କୁମ୍ଭକାର ସମିତିକୁ ଅର୍ଥ ସାହାଯ୍ୟ କରାଯାଇ ଅଛି । ଟ୨୯,୨୭୦ ସାହାଯ୍ୟ ଓ ଟ୨୭,୩୦୦ ଋଣ ଆକାରରେ ଦିଆଯାଇଅଛି । ପୁରୀରେ ଗୋଟାଏ ଆଦର୍ଶ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ଖୋଲିବା ନିମନ୍ତେ ଟ୫୨୭୬ ସାହାଯ୍ୟ ଓ ଟ୫୦୦୦ ଋଣ ଦିଆଯାଇଅଛି ।

ରାଜ୍ୟ ଖଦି ବୋର୍ଡ଼ ଅଧୀନରେ ଏକ ଶିକ୍ଷାଳୀ ଦଳ ଅଛନ୍ତି । ଏମାନେ ବିଭିନ୍ନ କୁମ୍ଭକାର ସମବାୟ ସମିତି ନିକଟକୁ ଯାଇ ସେମାନଙ୍କୁ ଆଧୁନିକ ଧରଣର ପାତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ପାତ୍ର ପ୍ରସ୍ତୁତ କରିବାର ପ୍ରଣାଳୀ ଶିକ୍ଷା ଦିଅନ୍ତି ।

ଏହା ଭିନ୍ନ ଖାନାପୁରରେ ତାଲିମ ପାଇବା ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ମାସିକ ଟ୪୦ ବୃତ୍ତିରେ ଏଠାରୁ ପଠାଯାଏ । ସେମାନଙ୍କର ଯିବା ଆସିବା ଖର୍ଚ୍ଚ ବୋର୍ଡ଼ ବହନ କରେ । ଆଜଯାଏଁ ୩ଟି କୁମ୍ଭକାର ସମବାୟ ସମିତିର କାର୍ଯ୍ୟ ନିମ୍ନଲିଖିତ ରୂପେ ଅଗ୍ରଗତି କରିଅଛି ।

| | |
|---|---|
| ଇଟା ପ୍ରସ୍ତୁତ ... | ଟ ୨୩୬୧ |
| ପାତ୍ର ଓ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ | ଟ ୮୧,୮୯୯ |

ଏହି ଯୋଜନା କାର୍ଯ୍ୟକାରୀ ହେବା ହେତୁ ୧୦୨ ଜଣ ପୂର୍ଣ୍ଣ ସମୟ ପାଇଁ ଓ ୪୨୪ ଜଣ ସାମୟିକ କାର୍ଯ୍ୟ ପାଇ ପାରିଛନ୍ତି ।


## ଗୋଟିଏ ଆଦର୍ଶ କୁମ୍ଭକାର ସମିତିର ଦୃଷ୍ଟାନ୍ତ

ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ତରଫରୁ ଓଡ଼ିଶା ଭିତରେ ଥିବା ବିଭିନ୍ନ ଜିଲ୍ଲାରେ ବିଭିନ୍ନ ସ୍ଥାନକୁ ମୃତ୍ତିକା ଶିଳ୍ପର ପ୍ରସାର ପାଇଁ ସହଯୋଗ ସମିତି ଜରିଆରେ ସାହାଯ୍ୟ ଦିଆଯାଇଛି । ତା ମଧ୍ୟରୁ ପୁରୀ କୁମ୍ଭାରପଡ଼ା କୁମ୍ଭକାର ସହଯୋଗ ସମିତି ଅନ୍ୟତମ । ଏହି ପୁରୀ ସହରଟି ଓଡ଼ିଶା ମଧ୍ୟରେ ପ୍ରଧାନ ତୀର୍ଥସ୍ଥଳୀ ଏବଂ ବର୍ଷ ସାରା ଏହି ସ୍ଥାନରେ ଭାରତର ବିଭିନ୍ନ ସ୍ଥାନରୁ ଲୋକଙ୍କର ସମାଗମ ହୋଇଥାଏ ।


କୁମ୍ଭକାରମାନେ କେବଳ ପୁରୀ ମନ୍ଦିର ଯୋଗୁଁ ନିଜ ନିଜର ଜୀବିକା ସ୍ୱଚ୍ଛନ୍ଦରେ ନିର୍ବାହ କରୁଥାନ୍ତି । ପ୍ରାୟ ପ୍ରତିବର୍ଷ ଏହି ମନ୍ଦିରରେ ଜଗନ୍ନାଥ ଜୀଉଙ୍କର ଭୋଗ ପ୍ରସ୍ତୁତ ହେବାଲାଗି ଟ ୫୦,୦୦୦୲ ର ହାଣ୍ଡି, କୁଡ଼ୁଆ ଦରକାର ହୋଇଥାଏ । କୁମ୍ଭକାରମାନେ ଏହି ହାଣ୍ଡି, କୁଡ଼ୁଆଗୁଡ଼ିକ ମନ୍ଦିରକୁ ଯୋଗାନ୍ତି । ତାର ଉପଯୁକ୍ତ ମୂଲ୍ୟ କର୍ତ୍ତୃପକ୍ଷଙ୍କଠାରୁ ନିଅନ୍ତି । ଜଗନ୍ନାଥ ମନ୍ଦିରର ସ୍ଥାପନକାଳରୁ କୁମ୍ଭକାରମାନେ ହାଣ୍ଡି ପ୍ରସ୍ତୁତ ଯୋଗାଇ ଆସୁଛନ୍ତି, ତେଣୁ ଉକ୍ତ ବ୍ୟବସାୟଟି ଦୃଢ଼ ରଖିବା ପାଇଁ ଏବଂ ନିଜର ଧନ୍ଦାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏହି କୁମ୍ଭକାରମାନେ ଗୋଟିଏ ସହଯୋଗ ସମିତି ଗଠନ କରି ଅଛନ୍ତି । ଏହି ସମିତି ୭୦ ଜଣ ସଭ୍ୟଙ୍କୁ ନେଇ ୧୯୫୫ରେ ଗଠନ କରା-ହୋଇଥିଲା ଏବଂ କେତେ ଜଣ କର୍ମଚାରୀଙ୍କ ଦ୍ୱାରା ଏହା ପରିଚାଳିତ ହେଉଅଛି । ଏହାଙ୍କ ତତ୍ତ୍ୱାବଧାନରେ ଜିନିଷଗୁଡ଼ିକ ବାହାରକୁ ରପ୍ତାନି କରାଯାଏ । କେବଳ ଯେ ହାଣ୍ଡି, କୁଡ଼ୁଆ ପ୍ରସ୍ତୁତ କରାହେଉଛି ତା ନୁହେଁ, ତା ସଙ୍ଗେ ସଙ୍ଗେ କେତେ ଗୁଡ଼ିଏ ଉନ୍ନତ ଧରଣର ମାଟି ପାତ୍ର ପ୍ରସ୍ତୁତ କରାହେଉଛି; ଯାହା କି ଲୋକଙ୍କର ନିତିନୈମିତ୍ତିକ ବ୍ୟବହାର ନିମନ୍ତେ ଏବଂ ଘରେ ସାଇତି ରଖିବା ନିମନ୍ତେ । ଆଜି ମଧ୍ୟ ବିଭିନ୍ନ ପ୍ରକାର ଟାଇଲ ପ୍ରସ୍ତୁତ କରାହୋଇ ବିଭିନ୍ନ ସ୍ଥାନକୁ ଯୋଗାଇ ଦିଆଯାଏ । ଏହି ଟାଇଲଗୁଡ଼ିକ ୪ ପ୍ରକାର ପ୍ରସ୍ତୁତ ହୁଏ; ଯଥା :—ରାଣୀଗଞ୍ଜ ଟାଇଲ, ଛାତ ଟାଇଲ, ତଟାଣ ଟାଇଲ, ଦେଶୀ ବା ବାଙ୍କ ଟାଇଲ । ଏହି ଟାଇଲଗୁଡ଼ିକ ବିଶେଷତଃ ସମିତିର ଲାଭଜନକ ବ୍ୟବସାୟ ।

ଉକ୍ତ ସମିତିର ବ୍ୟବସାୟଟିକୁ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିବା ନିମନ୍ତେ ସମିତିକୁ ଗୋଟିଏ ସାଧାରଣ କାର୍ଯ୍ୟାଳୟ ପାଇଁ ଟ ୯,୦୦୦୲ ଏବଂ ମାଟି ଘର ପାଇଁ ଟ ୨୦୦୲ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ତରଫରୁ ସାହାଯ୍ୟ ଦିଆଯାଇଛି । ମୋଟ ଉପରେ ଏହି ସମିତି ଋଣ ଆକାରରେ ଟ ୧୩,୩୩୧୲ ଏବଂ ସାହାଯ୍ୟ ଆକାରରେ ଟ ୧୧,୦୦୦୲ ପାଇଛି । ବର୍ତ୍ତମାନ ଏହି ସାଧାରଣ କାର୍ଯ୍ୟାଳୟ ଓ ଭାଟି ଘର ତିଆରି କରାଯାଇ ଏଥିରେ ୧୦ ଜଣ ଲୋକ କାର୍ଯ୍ୟ କରୁଛନ୍ତି । ଏହି ଉନ୍ନତ ଧରଣର କାର୍ଯ୍ୟ କରିବା ନିମନ୍ତେ ଆଧୁନିକ କଳମାନ ଯୋଗାଇ ଦିଆଯାଇଛି ଏବଂ ଯନ୍ତ୍ରପାତି ମଧ୍ୟ ଦିଆଯାଇଛି । ସେମାନଙ୍କର ଉନ୍ନତ ଧରଣର ଶିକ୍ଷାର ପରିସର ବଢ଼ାଇବା ନିମନ୍ତେ ୨ ଜଣ ତାଲିମପ୍ରାପ୍ତ ଶିକ୍ଷକ ଯୋଗାଇ ଦିଆଯାଇଛି । ଏହି ତାଲିମପ୍ରାପ୍ତ ଶିକ୍ଷକ-ମାନଙ୍କ ମଧ୍ୟରୁ ଜଣେ ସୁପରଭାଇଜର ଓ ଅନ୍ୟ ଜଣକ ମାଷ୍ଟର ପଟର୍ । ଉକ୍ତ କର୍ମଚାରୀ ଦୁଇଜଣଙ୍କୁ ମଧ୍ୟ ସରକାରଙ୍କ ତରଫରୁ ଷ୍ଟାଇପେଣ୍ଡ ଦିଆଯାଇ ତାଲିମ ଦିଆଯାଇଛି । ଏହି ସମିତିର ପ୍ରଧାନ ଲକ୍ଷ୍ୟ ହେଉଛି, ବିଭିନ୍ନ ପ୍ରକାର ଉନ୍ନତ ଧରଣର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଟାଇଲ ଏବଂ ଇଟା ପ୍ରସ୍ତୁତ କରି ସମିତିକୁ ପୂର୍ଣ୍ଣାଙ୍ଗ କରିବା ।


ଏହି ସମିତି ୧୯୫୬ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧,୦୦୦୦୦ ଇଟା ମୂଲ୍ୟ ପ୍ରାୟ ଟ ୪,୦୦୦୲, ଦେଉଳର ହାଣ୍ଡି କୁଡ଼ୁଆ ଟ୧୦୦୦୦୲ମୂଲ୍ୟର, ଅନ୍ୟାନ୍ୟ ପାତ୍ର ଟ ୧୦୦୦୦୲ ମୂଲ୍ୟର ପ୍ରସ୍ତୁତ କରି ଅଛନ୍ତି । ହାରାହାରି ଉକ୍ତ ସମିତିର ମାସିକ ଆୟ ଟ ୩୦୦ରୁ ଟ୪୦୦୲ ପର୍ଯ୍ୟନ୍ତ ହୋଇଥାଏ ।



ସମ୍ବଡ଼ା ଫେରୋମାଙ୍ଗାନିଜ୍ କାରଖାନା



ରଉରକେଲାରେ କର୍ମୀବୃନ୍ଦଙ୍କ ଅବସ୍ଥାନ ପାଇଁ ନୂଆ ସହର



ରଉରକେଲ୍ ଇସ୍ପାତ୍ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ୍



ରାଉରକେଲା ଇସ୍ପାତ୍ କାରଖାନାର କୋକ୍ ଓଭେନ୍

# ରାଉରକେଲା
# ଇସ୍ପାତ କାରଖାନା ନିର୍ମାଣର ଅଗ୍ରଗତି

ହିନ୍ଦୁସ୍ଥାନ ଲୁହା କମ୍ପାନିର ରେସିଡେଣ୍ଟ ଡାଇରେକ୍ଟର ଶ୍ରୀ ଏମ୍. ଗଣପତି ନିକଟରେ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ, ରାଉରକେଲା ଲୁହାକାରଖାନାର ପ୍ରଥମ ଦଫା କାମ ଏହି ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ । ଏ ବର୍ଷ ଶେଷବେଳକୁ ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସ୍ କାମ ଆରମ୍ଭ କରିବ । ୧୧୫ ଫୁଟ ଉଚ୍ଚ ପ୍ରକାଣ୍ଡ ଇସ୍ପାତ୍ ନିର୍ମିତ କାର୍ଯ୍ୟ ଉପରେ ଚୂଡ଼ା ସ୍ଥାପିତ ହେବ । ଏ କାରଖାନାର ପୂର୍ବ କାମର ଶତକଡ଼ା ୫୦ ଭାଗ ଶେଷ ହେବା ଉପରେ ପହଞ୍ଚିଲାଣି । ଆଗାମୀ ଡିସେମ୍ବର ମାସବେଳକୁ ହିନ୍ଦୁସ୍ଥାନ ଇସ୍ପାତ୍ କମ୍ପାନି ଯୋଜନାର ମୋଟ ବ୍ୟୟର ଅଧା ପ୍ରାୟ ଏକ ଶହ କୋଟି ଟଙ୍କା ଖର୍ଚ୍ଚ କରି ସାରିଥିବେ । ବ୍ଲାଷ୍ଟ ଫର୍ଣ୍ଣେସ୍‌କୁ ପବନ ଯୋଗାଇବାଲାଗି ଆବଶ୍ୟକ ୭୯ ହଜାର କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନକ୍ଷମ ଥର୍ମାଲ ପ୍ଲାଣ୍ଟ୍ ପ୍ରତିଷ୍ଠିତ ହେଉଛି । ବ୍ଲାଷ୍ଟ ଫର୍ଣ୍ଣେସ୍ ସଙ୍ଗେ ସଙ୍ଗେ ଗୋଟିଏ କୋକ୍ ଓ ଭେନ୍ ବ୍ୟାଟେରି ଏବଂ ପାୱାର ପ୍ଲାଣ୍ଟ୍ ଓ ବାଇ-ପ୍ରଡକ୍ଟ ପ୍ଲାଣ୍ଟ୍ ଦୁଇଟି କାର୍ଯ୍ୟାରମ୍ଭ କରିବେ ।

ଶ୍ରୀ ଗଣପତି କହିଥିଲେ ଯେ, ସେ ସମ୍ପୃକ୍ତ ସମସ୍ତଙ୍କଠାରୁ ଚରମ ସହଯୋଗ ପାଉଛନ୍ତି । ମାଲ ପରିବହନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ହେବାରୁ ସେ କହିଲେ ଯେ, ଜର୍ମାନୀରୁ କାରଖାନାପାଇଁ ଆସିଥିବା ୪ ହଜାର ଟନ୍ ମାଲ ଏବେ ମଧ୍ୟ କଲିକତା ବନ୍ଦରଠାରେ ପଡ଼ି ରହିଛି । ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସ୍ ନିର୍ମାଣ କାମ ପାଇଁ ଏଗୁଡ଼ିକ ନିହାତି ଦରକାର । ରେଳବେ ଅନୁ ବେଳେକାଳ ହେଲେ କଲିକତାରୁ ମାଲ ବୋହି ଆଣିବାଲାଗି ଅଧିକ ଭଡ଼ା ମିଳୁଥିବାର ଦେଖାଯାଉଛି । କାମ ସାରିବା ଦିଗରେ ଜର୍ମାନ ଇଞ୍ଜିନିଅରମାନଙ୍କ କାମର ପ୍ରଶଂସା କରି ସେ କହିଲେ ଯେ, କାମ ଠିକ୍ କେବେ ସରିବ ତାହା ଧାର୍ଯ୍ୟ କରି କହିବା ବଡ଼ କଷ୍ଟକର । ମାତ୍ର ବର୍ଷ ଶେଷ ହେବା ପୂର୍ବରୁ ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସ୍ ଯେପରି କାମରେ ଲାଗେ, ସେଥିପାଇଁ ଆମେ ସଙ୍କଳ୍ପବଦ୍ଧ । ଅଂଶୀଦାର ଜର୍ମାନ ଫାର୍ମର ୩୭ ବର୍ଷ ବୟସ୍କ ଚିଫ୍ ନିର୍ମାଣ-ଇଞ୍ଜିନିଅର ଥିଓବର କହିଲେ ଯେ, ଏ ଇସ୍ପାତ୍ କାରଖାନା ନିର୍ମାଣଲାଗି ମିଳିତ ପ୍ରଚେଷ୍ଟାରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଭାରତୀୟମାନେ ଯେ ଏ କାମ ପାଇଁ କେବଳ ସମର୍ଥ ତା ନୁହେଁ, ଏମାନେ ଉତ୍ତରୋତ୍ତର ଉନ୍ନତ କାରିଗରି କୌଶଳ ଅବଲମ୍ବନ କରି ଜର୍ମାନ କାରିଗରମାନଙ୍କ ସହ ମିଳିତ ଉଦ୍ୟମରେ କାମ ଆଗେଇ ନେବାକୁ ସମର୍ଥ ହେବେ ।

**ଜାଣନ୍ତି କି ?**

୧୯୫୫-୫୬ରୁ କୁକୁଡ଼ାପାଳନ ବ୍ୟବସାୟକୁ ବଢ଼ାଇବା ପାଇଁ ବିଶେଷ ଦୃଷ୍ଟି ଦିଆଯାଉଛି । ପରୀକ୍ଷାସ୍ୱରୂପ ଗୋଟିଏ ଯୋଜନା ସ୍ଥିର୍ କରାଯାଇଛି ଓ ୩୩ଟି କେନ୍ଦ୍ର ଖୋଲାଯାଇଛି ।

× × ×

ଦ୍ୱିତୀୟ ଯୋଜନାରେ ୫ଟି ଉତ୍ପାଦନ ଫାର୍ମ ଓ ୩୦୦ଟି ପ୍ରଦର୍ଶନ ତଥା ସମ୍ପ୍ରସାରଣ କେନ୍ଦ୍ର ଖୋଲାଯିବ । ଏଥିରେ ଟ ୨,୬୮,୧୦,୦୦୦୯ ଖର୍ଚ୍ଚ ହେବ । ଏଥିରୁ ଟ ୪୨,୨୦,୦୦୦୯ ଉତ୍ପାଦନ କେନ୍ଦ୍ରରେ ଖର୍ଚ୍ଚ ହେବ ଓ ଏହା କେନ୍ଦ୍ର ସରକାର ଦେବେ ।

# ଭାରତରେ ଜାତୀୟ ଐକ୍ୟ ପ୍ରତିଷ୍ଠାର ପନ୍ଥା

## ଐକ୍ୟ ପ୍ରତିଷ୍ଠା ଆଲୋଚନା ଚକ୍ରର ସୁପାରିଶ

**କେଉଁ** ସ୍ମରଣାତୀତ ଯୁଗରୁ ଭାରତ ଗୋଟିଏ ଦେଶରୂପେ ପରିଚିତ ହୋଇ ଆସିଛି । ଭୌଗୋଳିକ ପରିସ୍ଥିତି ଦୃଷ୍ଟିରୁ ଭାରତ ହିମାଳୟ ପର୍ବତଶ୍ରେଣୀ ଦ୍ୱାରା ଏସିଆର ଅନ୍ୟାନ୍ୟ ଅଞ୍ଚଳଠାରୁ ପୃଥକ ହେବାଫଳରେ ପ୍ରାକୃତିକ ପରିସ୍ଥିତି ହିଁ ଏହାକୁ ଏକ ସ୍ୱତନ୍ତ୍ର ଦେଶରେ ପରିଣତ କରିଛି । ଏ ଦେଶର ସୁଦୀର୍ଘ ଇତିହାସରେ ବହୁ ରାଜନ୍ୟ ଓ ସାମ୍ରାଜ୍ୟର ଉତ୍ଥାନ ପତନ ଦେଖିବାକୁ ମିଳିଥାଏ । ଯୁଗ ଯୁଗ ଧରି ବାହାରୁ ମଧ୍ୟ ବହୁପ୍ରକାର ସାଂସ୍କୃତିକ, ଧାର୍ମିକ ଓ ମାନବଜାତି ସମ୍ବନ୍ଧୀୟ ପ୍ରଭାବ ଏ ଦେଶ ଉପରେ ପଡ଼ିଛି । ତେଣୁ ଭାରତର ଐତିହ୍ୟ ବହୁ ନିର୍ଝରିଣୀର ସମ୍ମିଶ୍ରଣଫଳରେ ଏକ ଜାତୀୟ ରୂପରେ ପରିଣତ ହୋଇଛି । ଭାରତରେ ବିଭିନ୍ନ ଭାଷାଭାଷୀ, ବିଭିନ୍ନ ଜାତି ଓ ବିଭିନ୍ନ ଧର୍ମବିଶ୍ୱାସର ଲୋକେ ବାସ କରୁଥିଲେ ମଧ୍ୟ ସମସ୍ତେ ନିଜକୁ ଅଭିନ୍ନ ବୋଲି ମନେ କରନ୍ତି ।

୧୯୪୭ ମସିହାରେ ସ୍ୱାଧୀନତା ଲାଭ କରିବା ପର୍ଯ୍ୟନ୍ତ ଭାରତ ରାଜନୈତିକ ଦୃଷ୍ଟିରୁ ଗୋଟିଏ ରାଷ୍ଟ୍ରରେ ପରିଣତ ହୋଇ ନ ଥିଲା । ସ୍ୱାଧୀନତା ଲାଭ ସଙ୍ଗେ ସଙ୍ଗେ ଭାରତୀୟମାନଙ୍କର ରାଜନୈତିକ ଜାତୀୟତାବୋଧ ଜାଗ୍ରତ ହେଲା । ଭାରତର ଜାତୀୟ ଜୀବନରେ ବହୁ ବୈଷମ୍ୟ ରହିଥିଲେ ମଧ୍ୟ ସେ ସବୁକୁ ଏକତ୍ର ବାନ୍ଧିବା ପାଇଁ ବହୁ ଉପାଦାନ ମଧ୍ୟ ରହିଛି— ଏହା ଭାରତର ବଡ଼ ସୌଭାଗ୍ୟ ।

ଯେଉଁସବୁ ଉପାଦାନ ଆମର ଐକ୍ୟ ଓ ମିଳିତ ଉଦ୍ଦେଶ୍ୟକୁ ଦୁର୍ବଳ କରି ପକାଉଛି, ସେସବୁ ଆମର ସମସାମୟିକ ଜୀବନରେ ଗ୍ରହଣ ନ କରିବା ଉଚିତ । ଭାଷା ଏବଂ ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସ୍ୱାର୍ଥ ଭଳି ଉପାଦାନମାନ ଆମର ଏକତାର ସ୍ୱାର୍ଥବିରୋଧୀ ହେଉଥିବାର ଦେଖାଯାଉଛି । କେତେକ କ୍ଷେତ୍ରରେ ଆଞ୍ଚଳିକତା ମୁଣ୍ଡ ଟେକୁଛି । ଆମର ଜାତୀୟ ଜୀବନରେ ଯାହାସବୁ ଅନ୍ତରାୟ ସୃଷ୍ଟି କରୁଛି, ସେ ସବୁ ଦୂର କରିବା ଏବଂ ଯାହାସବୁ ଆମମାନଙ୍କୁ ଏକତା ବନ୍ଧନରେ ବାନ୍ଧିବ, ସେ ସବୁକୁ ଶକ୍ତିଶାଳୀ କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ତଥା ଅନ୍ୟାନ୍ୟ ଉପାୟରେ ଭାରତର ଜାତୀୟ ଐକ୍ୟକୁ କିପରି ଶକ୍ତିଶାଳୀ କରିବାକୁ ହେବ, ତାହା ଆଲୋଚନା କରିବା ପାଇଁ ଭାରତୀୟ ଐକ୍ୟ ସମ୍ପର୍କରେ ଏକ ଆଲୋଚନା ଚକ୍ର ଆହୂତ ହୋଇଥିଲା । ଏହି ଆଲୋଚନା ଚକ୍ର ତିନୋଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଆଲୋଚନାଚକ୍ର ଦ୍ୱାରା ଗୃହୀତ ହୋଇଥିବା ପ୍ରଧାନ ପ୍ରଧାନ ସୁପାରିଶମାନ ନିମ୍ନରେ ପ୍ରଦତ୍ତ ହେଲା—

୧ । ସାମାଜିକ ଓ ଅର୍ଥନୈତିକ ଅସମତା ଜାତୀୟ ଐକ୍ୟର ବିରୋଧୀ ବୋଲି ସ୍ୱୀକୃତ ହୋଇଥିବ । ଏହି ଅସମତା ଦୂର କରିବାକୁ ହେଲେ ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଅଭାବ ଓ ସମ୍ପଦ ମଧ୍ୟରେ ରହିଥିବା ଅସମତା ଦୂର କରିବା ପାଇଁ ବ୍ୟବସ୍ଥାମାନ ଗ୍ରହଣ କରାଯିବା ଉଚିତ ।

ଦେଶରେ ସାର୍ବଜନୀନ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତିତ ନ ହେଲେ ଏବଂ ଉଚ୍ଚତମ

ଶିକ୍ଷାପାଇଁ ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ସରକାରୀ ବୃତ୍ତି ଯୋଗାଇ ଦିଆ ନ ଗଲେ ଏଭଳି ସମତା ଆଣିବା ସମ୍ଭବ ନୁହେଁ ।

୨ । ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନ ଉପରେ ବିଶେଷ ଜୋର ଦେଇ ଭାରତ ଇତିହାସ ଅଧ୍ୟୟନ କରାଯିବା ଉଚିତ । ଦେଶର ବିଭିନ୍ନ ଅଞ୍ଚଳ ସମାଜତାତ୍ତ୍ୱିକ ପରିସ୍ଥିତି ସମ୍ପର୍କରେ ଗବେଷଣା କରିବା ପାଇଁ ବିଶ୍ୱବିଦ୍ୟାଳୟମାନଙ୍କ ପକ୍ଷରୁ କାର୍ଯ୍ୟକ୍ରମମାନ ଗ୍ରହଣ କରାଯିବା ଆବଶ୍ୟକ । ସାମାଜିକ, ମାନବଜାତିତତ୍ତ୍ୱ ସମ୍ପର୍କୀୟ ଏବଂ ମନସ୍ତାତ୍ତ୍ୱିକ ସମସ୍ୟାଗୁଡ଼ିକର ଗବେଷଣା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଉଚିତ ।

୩ । ଦେଶର ବିଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ଲାଗି ଅନୁବାଦ ମାଧ୍ୟମରେ ଏବଂ ବିଶ୍ୱବିଦ୍ୟାଳୟମାନଙ୍କରେ ଭାଷା ବିଭାଗମାନ ସ୍ଥାପନ କରି ଭାରତର ସମସ୍ତ ଜାତୀୟ ଭାଷାର ବିକାଶ ଉଦ୍ଦେଶ୍ୟରେ ସୁପରିକଳ୍ପିତ ଯୋଜନା ପ୍ରଣୟନ କରାଯିବା ଉଚିତ । ଗୋଟିଏ ଭାଷାର ପୁସ୍ତକମାନ ଅନ୍ୟାନ୍ୟ ସମସ୍ତ ଭାରତୀୟ ଭାଷାରେ ଅନୁବାଦ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରଣୟନ କରାଯିବା ଦରକାର । ପ୍ରତ୍ୟେକ ଭାଷାର ଶହେଖଣ୍ଡି ଉତ୍କୃଷ୍ଟ ପୁସ୍ତକ ଅନ୍ୟାନ୍ୟ ଭାଷାରେ ଅନୂଦିତ ହେଉ ବୋଲି ପ୍ରସ୍ତାବ କରାଯାଇଛି । ଏଭଳି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସାହାଯ୍ୟ କମିଶନ, ଜାତୀୟ ପୁସ୍ତକ ଟ୍ରଷ୍ଟ, ସାହିତ୍ୟ ଏକାଡେମୀ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ବିଶେଷ ଭାଗ ନେବା ଉଚିତ । ବିଶ୍ୱବିଦ୍ୟାଳୟମାନଙ୍କ ପକ୍ଷରୁ ଅନୁବାଦକମାନଙ୍କୁ ତାଲିମ କରିବାର ବ୍ୟବସ୍ଥା ହେବା ଆବଶ୍ୟକ ।

୪ । ଜାତୀୟ ଐକ୍ୟବୋଧ ଜାଗ୍ରତ କରିବା ଦୃଷ୍ଟିରୁ ବିଭିନ୍ନ ରାଜ୍ୟରେ ପାଠ୍ୟପୁସ୍ତକ ନିର୍ବାଚନ କାଳରେ ବିଶେଷ ସାବଧାନ ହେବା ଦରକାର । ଏହି ଉଦ୍ଦେଶ୍ୟରେ ବିଭିନ୍ନ ରାଜ୍ୟରୁ ପ୍ରସିଦ୍ଧ ପଣ୍ଡିତ ଓ ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କୁ ନେଇ ଗୋଟିଏ ଜାତୀୟ ଉପଦେଷ୍ଟା ବୋର୍ଡ଼ ଗଠନ କରାଯାଇପାରେ ।

୫ । ବିଭିନ୍ନ ଭାରତୀୟ ଭାଷାଗୁଡ଼ିକର ବ୍ୟାକରଣକୁ ସରଳ କରିବା ଲାଗି ସୁବ୍ୟବସ୍ଥିତ ପ୍ରଚେଷ୍ଟା ହେବା ଆବଶ୍ୟକ । ଏହାଫଳରେ ଗୋଟିଏ ଭାଷାର ଲୋକ ଅନ୍ୟ ଭାଷା ଶିଖିବା ସହଜ ହେବ । ସେହିପରି ଦେଶରେ ପ୍ରଚଳିତ ବହୁବିଧ ଲିପି ପରିବର୍ତ୍ତେ ଖୁବ ଅଳ୍ପ ପ୍ରକାରର ଲିପି ଚଳିବା ପାଇଁ ବ୍ୟବସ୍ଥା କରିବା ଦରକାର । ଦୋଭାଷୀ, ତିଭାଷୀ ଓ ବହୁଭାଷୀ ଅଭିଧାନମାନ ସଙ୍କଳନ କରାଯିବା ଦରକାର । ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ସର୍ବଭାରତୀୟ ଭିତ୍ତିରେ ଏଭଳି ଅଭିଧାନମାନ ସଙ୍କଳନ କରାଯାଇପାରେ ।

୬ । ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ଭାଷା ବ୍ୟତୀତ ଅନ୍ତତଃ ଆଉ ଗୋଟିଏ ଭାରତୀୟ ଭାଷା ଶିକ୍ଷା ଦିଆଯାଉ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଭାରତୀୟ ବିଶ୍ୱବିଦ୍ୟାଳୟରେ ଯେତେ ବେଶୀ ସମ୍ଭବ, ଭାରତୀୟ ଭାଷାମାନ ଶିକ୍ଷା ଦିଆଯିବା ପାଇଁ ବ୍ୟବସ୍ଥା ହେଉ ।

୭ । ବିଶ୍ୱବିଦ୍ୟାଳୟ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ବକ୍ତୃତା ଦାନ, ସାନ୍ଧ୍ୟ ପାଠ୍ୟକ୍ରମ ଓ ସମାଜସେବା କାର୍ଯ୍ୟକ୍ରମ ଆଦି କାର୍ଯ୍ୟକାରୀ କରାଯାଉ । ଏହିସବୁ ଯୋଜନା ଲାଗି ବିଶ୍ୱବିଦ୍ୟାଳୟ ସାହାଯ୍ୟ କମିଶନ ଓ ରାଜ୍ୟ ସରକାର-ମାନେ ଉପଯୁକ୍ତ ପରିମାଣର ଆର୍ଥିକ ସାହାଯ୍ୟ ଦିଅନ୍ତୁ ।

୮ । ସିନେମା, ଥିଏଟର, ବେତାର ରେଡିଓ ଆଦି ଜରିଆରେ ଲୋକମାନଙ୍କ ମଧ୍ୟରେ ଏକତାର ପ୍ରସାର ଲାଗି ବ୍ୟବସ୍ଥା ହେଉ । ବିଭିନ୍ନ ଅଞ୍ଚଳର

ଲେଖକମାନଙ୍କ ସହିତ ମିଶିବା ଉଦ୍ଦେଶ୍ୟରେ ସମଗ୍ର ଦେଶ ପରିଭ୍ରମଣ କରିବା ଲାଗି ଲେଖକମାନଙ୍କୁ ସାହାଯ୍ୟ କରାଯାଉ । ତାହାଫଳରେ ସେମାନେ ନିଖିଳ ଭାରତୀୟ ସାହିତ୍ୟମାନ ସୃଷ୍ଟି କରିପାରିବେ ।

୯ । ବିଶ୍ୱବିଦ୍ୟାଳୟ ଓ କଲେଜ ଜୀବନରେ ସାଂପ୍ରଦାୟିକତା, ଜାତିପ୍ରଥା ଓ ଭାଷା ଭେଦକୁ ନିରୁତ୍ସାହିତ କରାଯାଉ । ସାଂପ୍ରଦାୟିକ ଓ ଜାତିଭେଦରେ ଥିବା ଛାତ୍ରାବାସ ଓ ମେସ୍ ଆଦି ଉଠାଇ ଦିଆଯାଉ । ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଶିକ୍ଷକ ବିନିମୟ ଏବଂ ଭନା ବ୍ୟୟରେ ଛାତ୍ରମାନଙ୍କ ଲାଗି ଗୋଟିଏ ବିଶ୍ୱବିଦ୍ୟାଳୟରୁ ଅନ୍ୟ ବିଶ୍ୱବିଦ୍ୟାଳୟକୁ ଅଧ୍ୟୟନ-ଗସ୍ତ, ଗବେଷଣା-ଗସ୍ତ ଓ ଶିକ୍ଷା-ଗସ୍ତର ବ୍ୟବସ୍ଥା ହେଉ । ଆନ୍ତଃବିଶ୍ୱବିଦ୍ୟାଳୟ ଭିତ୍ତିରେ ଗ୍ରୀଷ୍ମକାଳୀନ ବିଦ୍ୟାଳୟର ଆୟୋଜନ କରାଯାଉ ।

୧୦ । ବିଶ୍ୱବିଦ୍ୟାଳୟର ନରନାରୀ, ଶିକ୍ଷକ ଓ ଛାତ୍ରମାନଙ୍କୁ ଅଜ୍ଞତା, କୁସଂସ୍କାର ଆଦି ବିରୁଦ୍ଧରେ ସଂଗ୍ରାମ ଚଳାଇବା ପାଇଁ ଉତ୍ସାହିତ କରାଯାଉ । ଏହା ଭାରତୀୟ ଲୋକତନ୍ତ୍ର, ଗଣତାନ୍ତ୍ରିକ ଜୀବନ ଓ ଜାତୀୟ ଐକ୍ୟ ସପକ୍ଷରେ ଦୃଢ଼ ଜନମତ ସୃଷ୍ଟି ଦିଗରେ ସାହାଯ୍ୟ କରିବ ।


ଏକାଧାରେ ପାଁଚଟି ଗୁଣ ସମନ୍ୱିତ

କାଲ୍‌କେମିକୋର

ନୀମ ଟୁଥ୍‌ପେଷ୍ଟ




କାଲ୍ କେମକୋର

ନିମ ଟୁଥ୍‌ପେଷ୍ଟ ବ୍ୟବହାର କଲେ ମୁହଁର ଦୁର୍ଗନ୍ଧ ଲୋପ ପାଇବ, ଦନ୍ତ ଶୁଣ ଦାନ୍ତମୂଳର ହିତ କରିବ ।

କେତେକ ବିଶେଷ ଉପାଦାନରେ ଏହା ତିଆରି ହୋଇ ଥିବାରୁ ଏଥିରେ ଦାନ୍ତ ପୋକ ଲାଗିବ ନାହିଁ ବା ଦାନ୍ତମୂଳ ପାଚିବ ନାହିଁ । ଏଥିରେ କାଲ୍‌ସିଅମ୍ କାର୍ବନ୍ ଓ ଅନ୍ୟାନ୍ୟ ଉପକରଣ ମିଶିଥିବାରୁ ଦାନ୍ତର କ୍ଷୟ ଓ ଅନ୍ୟାନ୍ୟ ପୀଡ଼ା ଦୂରୀଭୂତ ହୁଏ । ଏଥିରେ ପିପରମେଣ୍ଟ ତେଲ ମିଶିଥିବାରୁ ମୁହଁରୁ ସୁବାସିତ ଗନ୍ଧ ବାହାରେ ।

ଦି କାଲକାଟା
କେମିକାଲ କଂ:ଲି:
କଲିକତା-୨୯

# ଆମର ଜନସଂଖ୍ୟା ସମସ୍ୟା

ଡକ୍ଟର ଏସ୍. ଚନ୍ଦ୍ରଶେଖର

ଜନସଂଖ୍ୟା ସମସ୍ୟା ମନୁଷ୍ୟର ସାମାଜିକ ଜୀବନର ସମସ୍ତ ପରିସ୍ଥିତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏ ସମସ୍ୟା ବର୍ତ୍ତମାନ ବିଶେଷ ଗୁରୁତ୍ୱ ଲାଭ କରିଛି । ଏହି ସମସ୍ୟା ଯେ କୌଣସି ପରିବାରର ସ୍ୱାସ୍ଥ୍ୟ ଓ ସୁଖସ୍ୱାଚ୍ଛନ୍ଦ୍ୟ ଉପରେ ପ୍ରଭାବ ବିସ୍ତାର କରୁଛି । ଏହା ଫଳରେ ଯେ କୌଣସି ଜାତିର ସାମାଜିକ ଉନ୍ନତି ଓ ବାସ୍ତବ ଅଗ୍ରଗତି ବାଧାପ୍ରାପ୍ତ ହେଉଛି ଏବଂ ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ଭଙ୍ଗ ହେଉଛି । ଇତିହାସରୁ ଜଣାଯାଏ ଯେ ଅତୀତରେ ଜନସଂଖ୍ୟା ଅତିରିକ୍ତ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଯୁଦ୍ଧ ହୋଇଛି । ଭବିଷ୍ୟତରେ ଏହି ସମସ୍ୟା ସେହିପରି ପରିସ୍ଥିତି ମଧ୍ୟ ସୃଷ୍ଟି କରିପାରେ ।

## କେତୋଟି ତଥ୍ୟ

ଗତ କେତେ ବର୍ଷ ହେଲା ଆମର ଜନସଂଖ୍ୟା ଅତି ଦ୍ରୁତଗତିରେ ବଢ଼ି ଚାଲିଛି । ଜନସଂଖ୍ୟା ବୃଦ୍ଧି ପରିମାଣ ବାର୍ଷିକ ଶତକଡ଼ା ୧.୨ ବୋଲି ହିସାବ କରାଯାଇଛି । ବାସ୍ତବିକ ଏହି ପରିମାଣ ସେପରି କିଛି ବେଶି ନୁହେଁ; କାରଣ କେତେକ ପାଶ୍ଚାତ୍ୟ ଦେଶରେ ଜନସଂଖ୍ୟା ଏହାଠାରୁ ଅଧିକ ପରିମାଣରେ ବଢ଼ି ଚାଲିଛି । କିନ୍ତୁ ଆମ ଦେଶର ଜନସଂଖ୍ୟା ଅତି ବେଶି । ଏହି ହେତୁ ବାର୍ଷିକ ଖୁବ୍ ଅଳ୍ପ ପରିମାଣରେ ବୃଦ୍ଧି ହେଲେ ମଧ୍ୟ ବର୍ଷ ଶେଷରେ ଆମର ଜନସଂଖ୍ୟା ପ୍ରାୟ ୫୦ ଲକ୍ଷ ଅଧିକ ହେଉଛି । ଏଣୁ ଏହି ହାରରେ ବୃଦ୍ଧି ହେଲେ ପ୍ରତି ଦଶ ବର୍ଷରେ ଆମ ଦେଶର ଜନସଂଖ୍ୟା ପାଞ୍ଚକୋଟି ବୃଦ୍ଧି ପାଇବ ।

ବର୍ତ୍ତମାନ ଆମ ଦେଶର ଲୋକସଂଖ୍ୟା ପ୍ରାୟ ୩୯ କୋଟି ୮୦ ଲକ୍ଷ । ଉପରୋକ୍ତ ହାରରେ ବୃଦ୍ଧି ପାଇଲେ ତିନିବର୍ଷ ପରେ ଏହା ୪୦ କୋଟିରୁ ଅଧିକ ହୋଇଯାଇପାରେ । ଅବଶ୍ୟ ଜନସଂଖ୍ୟା ବୃଦ୍ଧି ଜନ୍ମ ଓ ମୃତ୍ୟୁହାର ଉପରେ ନିର୍ଭର କରେ ।

## ଜନ୍ମ ଓ ମୃତ୍ୟୁହାର

ହିସାବରୁ ଜଣାପଡ଼ୁଛି ଯେ ଆମ ଦେଶରେ ପ୍ରତି ହଜାର ପ୍ରତି ଜନ୍ମ-ହାର ହେଉଛି ପ୍ରାୟ ୪୦ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆମର ଜନ୍ମ-ହାର କେବଳ ଅଧିକ ନୁହେଁ; ଗତ ଦଶବର୍ଷ ମଧ୍ୟରେ ଏହା କମୁଥିବାର କୌଣସି ସୂଚନା ପରିଲକ୍ଷିତ ହୋଇନାହିଁ ।

ଆମ ଦେଶର ମୃତ୍ୟୁ-ହାର ପୃଥିବୀର ଅନ୍ୟ ଯେକୌଣସି ଦେଶର ମୃତ୍ୟୁ-ହାର ଅପେକ୍ଷା ଅଧିକ । ଆମର ମୃତ୍ୟୁ-ହାର ହଜାର ପ୍ରତି ପ୍ରାୟ ୩୦ । ମାତ୍ର ଏହା କ୍ରମଶଃ କମିଯାଉଥିବା ସୁଖର କଥା । ଉଦାହରଣ ସ୍ୱରୂପ ଆମର ଶିଶୁ-ମୃତ୍ୟୁ-ହାର କ୍ରମଶଃ ହ୍ରାସ ପାଉଛି ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଦୁରନ୍ତ ରୋଗ କବଳରୁ ଜନସାଧାରଣଙ୍କୁ ରକ୍ଷା କରିବା ପାଇଁ

ବିଶେଷ ଉଦ୍ୟମ ହେଉଛି । ଏଥିପାଇଁ ଉନ୍ନତ ଧରଣର ପ୍ରତିଷେଧକ ବ୍ୟବହାର କରାଯାଉଛି । ଅଧିକ ପରିଷ୍କାର-ପରିଚ୍ଛନ୍ନତା ବ୍ୟବସ୍ଥା ହେଉଛି । ନୂତନ ଡାକ୍ତରଖାନା ଖୋଲାଯାଉଛି । ଏହିପରି ହେଉଥିବା ବିଭିନ୍ନ ବ୍ୟବସ୍ଥା ଫଳରେ ମୃତ୍ୟୁ-ହାର କମିଯିବା ସଙ୍ଗେ ସଙ୍ଗେ ଯଦି ଆମର ଜନ୍ମ-ହାର ଅପରିବର୍ତ୍ତିତ ରହେ, ତେବେ ଆମର ଜନସଂଖ୍ୟା ସମସ୍ୟା ବିଶେଷ ଗୁରୁତର ହୋଇ ଉଠିବ । ଉଦାହରଣ ସ୍ୱରୂପ, ଆମର ଶିଶୁ-ମୃତ୍ୟୁ-ହାର ଯଦି ଶତକଡ଼ା ୫୦ ଭାଗ ହ୍ରାସ ପାଏ, ତେବେ ଆମର ଲୋକସଂଖ୍ୟା ବର୍ଷକୁ ୫୦ ଲକ୍ଷ ପରିବର୍ତ୍ତେ ଏକ କୋଟି ବୃଦ୍ଧି ପାଇବ ।

## ଜୀବନଧାରଣର ମାନ

ଜୀବନଧାରଣର ମାନ ଯେଉଁ ପ୍ରକାରରେ ପ୍ରକାଶ କରାଗଲେ ମଧ୍ୟ ଆମେ ସମସ୍ତେ ଜାଣୁ ଯେ ଆମର ଜୀବନଧାରଣର ମାନ ଅନ୍ୟ ଦେଶ ଅପେକ୍ଷା କମ । ଏପରିକି ସରଳ ଓ ନିରାଡ଼ମ୍ବର ଜୀବନଯାପନର ପକ୍ଷପାତୀମାନେ ମଧ୍ୟ ସ୍ୱୀକାର କରିବେ ଯେ ଆମର ମୁଣ୍ଡପିଛା ଖାଦ୍ୟ ବସ୍ତ୍ର ପ୍ରଭୃତି ଖର୍ଚ୍ଚ ସନ୍ତୋଷଜନକ ନୁହେଁ । ଆମ ଦେଶର କୌଣସି ନାଗରିକ ଖାଦ୍ୟ ବା ବସ୍ତ୍ରାଭାବରେ ନ ରହୁ, ଅନ୍ୟର ବାରଣ୍ଡାରେ ବାସ ନ କରୁ, ଚିକିତ୍ସା ଦ୍ୱାରା ଭଲ ହୋଇପାରୁଥିବା ରୋଗରେ ପ୍ରାଣ ନ ହରାଉ ଏବଂ ଅଶିକ୍ଷିତ ବା ଅଜ୍ଞ ହୋଇ ନ ରହୁ—ଏହା ଆମ ସମସ୍ତଙ୍କର କାମନା ।

## ସମସ୍ୟାର ସମାଧାନ

ଜନସଂଖ୍ୟା ସମସ୍ୟାର ସମାଧାନ ପାଇଁ ଉପାୟ କ'ଣ ? ସାଧାରଣତଃ ଏଥିପାଇଁ ଦୁଇଟି ଉପାୟ ରହିଛି । ଆମକୁ କୃଷି ଓ ଶିଳ୍ପ ଉତ୍ପାଦନ ଅତ୍ୟଧିକ ବଢ଼ାଇବାକୁ ପଡ଼ିବ । ଫଳରେ ଆମ ଦେଶର ମୁଣ୍ଡପିଛା ଆୟ ବୃଦ୍ଧି ପାଇବ କିମ୍ବା ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ କରିବାକୁ ପଡ଼ିବ । ମାତ୍ର ଉତ୍ପାଦନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଜନସଂଖ୍ୟା ଯଦି ବୃଦ୍ଧି ପାଏ, ତେବେ ଆମକୁ କେବଳ ବଞ୍ଚି ରହିବା ପାଇଁ କଠିନ ସଂଗ୍ରାମ କରିବାକୁ ପଡ଼ିବ ।

ଏଣୁ ଯଥାସମ୍ଭବ ଖାଦ୍ୟଦ୍ରବ୍ୟ ଏବଂ ଅନ୍ୟାନ୍ୟ ଉପକରଣ ଉତ୍ପାଦନ ବଢ଼ାଇବା ସଙ୍ଗେ ସଙ୍ଗେ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ କରିବା ହେଉଛି ଶ୍ରେୟସ୍କର । ତା' ହେଲେ ଜୀବନଧାରଣର ମାନ ବୃଦ୍ଧି ପାଇବ ।

## ଉତ୍ପାଦନ ବୃଦ୍ଧି

ଉତ୍ପାଦନ ବୃଦ୍ଧି ପାଇଁ କିପରି ଉଦ୍ୟମ ହେଉଛି ? ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଏ ଦିଗରେ ସରକାରଙ୍କ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି । ଅଧିକ ଜମି କୃଷି ଯୋଗ୍ୟ କରିବା ପାଇଁ ଏବଂ ଉନ୍ନତ ଫସଲ ଅମଳ କରିବା ପାଇଁ ଆମ୍ଭେମାନେ ଉଦ୍ୟମ କରୁଛୁ । ମୋଟାମୋଟି କହିଲେ, ଖାଦ୍ୟଦ୍ରବ୍ୟ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହୋଇ ବୈଦେଶିକ ମୁଦ୍ରା ବଞ୍ଚାଇ ରଖିବା ପାଇଁ ଆମେ ବର୍ତ୍ତମାନ ବିଶେଷ ଉଦ୍ୟମ କରୁଛୁ । ଦ୍ୱିତୀୟରେ ଶିଳ୍ପ ବିସ୍ତାର ପାଇଁ ବର୍ତ୍ତମାନ ଉଦ୍ୟମ ହେଉଛି । ଏଥିପାଇଁ କଞ୍ଚାମାଲ, ତାଲିମପ୍ରାପ୍ତ କର୍ମକୁଶଳୀ, ମୂଳଧନ, ଯନ୍ତ୍ରପାତି ପ୍ରଭୃତି ଆବଶ୍ୟକ । ଦ୍ରୁତ ଶିଳ୍ପ ବିସ୍ତାର ଜନସଂଖ୍ୟା ସମସ୍ୟାର ସମାଧାନରେ ସହାୟକ ହେବ ।

## ପରିବାର-ନିୟନ୍ତ୍ରଣ ଯୋଜନା

ପରିବାର-ନିୟନ୍ତ୍ରଣ ହେଉଛି ଜନସଂଖ୍ୟା ସମସ୍ୟାର ସମାଧାନ ପାଇଁ ଅନ୍ୟ ଏକ ପନ୍ଥା । ପୃଥିବୀର ବିଭିନ୍ନ ଅଞ୍ଚଳରେ ଅବଶ୍ୟ ଏ ସଂପର୍କରେ ମତଭେଦ ରହିଛି । ଏଥିପାଇଁ ସରକାର ଓ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ତତ୍ପର ହୋଇ ଜନସାଧାରଣଙ୍କୁ ଏହି ଆନ୍ଦୋଳନର ମହତ୍ତ୍ୱ ବୁଝାଇବା ଆବଶ୍ୟକ । ଗ୍ରାମାଞ୍ଚଳରେ ପରିବାର-ନିୟନ୍ତ୍ରଣ ଯୋଜନା

କାର୍ଯ୍ୟକାରୀ କରିବାରେ ଅବଶ୍ୟ କେତେକ ଅସୁବିଧା ରହିଛି । କିନ୍ତୁ ଏଥିପାଇଁ ଉପାୟ ସ୍ଥିର କରି ଆମକୁ ବାଟ ଫିଟାଇବାକୁ ପଡ଼ିବ ।

### ସ୍ତ୍ରୀ-ଶିକ୍ଷା

ସ୍ତ୍ରୀ-ଶିକ୍ଷା ଏହି ସମସ୍ୟାର ସମାଧାନରେ ବିଶେଷ ସହାୟକ ହେବ । ବିଶେଷତଃ ସେମାନଙ୍କୁ ଏହି ସମସ୍ୟାର ଗୁରୁତ୍ୱ ବିଷୟରେ ଯଥେଷ୍ଟ ଜ୍ଞାନ ଦେବାକୁ ପଡ଼ିବ ।

ଆମର ଜନସଂଖ୍ୟା ସମସ୍ୟା ସଂକ୍ରାନ୍ତ ନୀତି ଏପରି ହେବା ଉଚିତ; ଯାହାଦ୍ୱାରା ଆମେ ଏକ ଉନ୍ନତ ଭାରତ ଗଠନରେ ସକ୍ଷମ ହେବୁ ଏବଂ ଜନସାଧାରଣଙ୍କର ଜୀବନଧାରଣ ସ୍ତର ଉନ୍ନତ କରିବାକୁ ସକ୍ଷମ ହେବୁ । ଏପରି ଦେଶ ଗଠନ କରିବାକୁ ହେବ, ଯେଉଁଠାରେ କୌଣସି ବ୍ୟକ୍ତି ଖାଦ୍ୟାଭାବ ଅନୁଭବ କରିବ ନାହିଁ ଏବଂ ଯେଉଁଠାରେ ଜାତିଗତ, ଭାଷାଗତ ଓ ବର୍ଣ୍ଣଗତ ପ୍ରଭେଦ ଦେଖିବାକୁ ମିଳିବ ନାହିଁ । *

**ଜାଣନ୍ତି କି ?**

ଉତ୍ପାଦକ ଫାର୍ମରେ କୁକୁଡ଼ା ରଖାଯିବ ଓ ସେଠାରୁ ରାଜ୍ୟର ବିଭିନ୍ନ କୁକୁଡ଼ାପାଳନ ସମ୍ପ୍ରସାରଣ କେନ୍ଦ୍ର ପାଇଁ କୁକୁଡ଼ାଛୁଆ ପଠାଯିବ । ଏହାଛଡ଼ା ଏହି ଫାର୍ମମାନଙ୍କରେ କର୍ମଚାରୀମାନଙ୍କୁ ମଧ୍ୟ ଶିକ୍ଷା ଦିଆଯିବ ।

× × ×

ପ୍ରତ୍ୟେକ ସମ୍ପ୍ରସାରଣ କେନ୍ଦ୍ରରେ ଗୋଟିଏ ପ୍ରଦର୍ଶନୀ ଶାଖା ରହିବ । ସେଥିରେ କୁକୁଡ଼ା ପାଳୁଥିବା ଲୋକଙ୍କୁ କୁକୁଡ଼ାପାଳନ କରିବାର ଆଧୁନିକ ପ୍ରଣାଳୀ ଶିଖାଇ ଦିଆଯିବ । ପ୍ରତ୍ୟେକ ସମ୍ପ୍ରସାରଣ କେନ୍ଦ୍ରରେ ଏପରି ଏକ ୟୁନିଟ ମଧ୍ୟ ଖୋଲାଯିବ, ଯେଉଁଠାରେ ଅଣ୍ଡା ଖରାପ ନ ହୋଇ ଅନେକ ଦିନ ପର୍ଯ୍ୟନ୍ତ ରହିପାରିବ ।

* ଆକାଶବାଣୀ ସୌଜନ୍ୟରୁ

FOR

EFFECTIVE
ECONOMIC &
EASY CONTROL

OF

## PESTS & DISEASES

TO CROPS

AND

PUBLIC HEALTH INSECTIC. PEST

USE

# 'MICO'


INSECTICIDES & FUNGICIDES

FORMULATION BASED ON

D. D. T., B. H .C., LINDANE, ENDRIN, CHLORDANE, HEPTACHLOR, MALATHION, PARATHION, COPPER & SULPHUR COMPOUNDS


**THE MYSORE INSECTICIDES COMPANY,**

31-A, North Beach Road,
MADRAS-1



୨୪ । ୮ । ୫୮ ତାରିଖରେ ସୁଖ ନିକଟବର୍ତ୍ତୀ ନୂଆ ନଈ ପୋଲ ଉଦ୍‌ଘାଟନ କରି
ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଉଅଛନ୍ତି

ଏଶିଆରେ ସବୁଠାରୁ ଓଡ଼ ଭଙ୍ଗ ମାଟିବନ୍ଧ ଛଡି ଦିଗ ଅବାଧରିତ ଶକ୍ତିଦାନ ଏକମାତ୍ର ପ୍ରକଳ୍ପଟି



# ଭାରତରେ
# ସମୂହବିକାଶ ଯୋଜନାର ଅଗ୍ରଗତି

ସମୂହବିକାଶ ଯୋଜନାର ୧୯୫୭-୫୮ର ବାର୍ଷିକ ରିପୋର୍ଟରୁ ଜଣାଯାଏ ଯେ ଭାରତର ଅର୍ଦ୍ଧାଧିକ ଗ୍ରାମବାସୀ ସମୂହବିକାଶ କାର୍ଯ୍ୟଦ୍ୱାରା ଉପକୃତ ହେଲେଣି । ୧୯୫୮ ଜାନୁଆରି ପହିଲା ତାରିଖ ସୁଦ୍ଧା ଭାରତରେ ୨,୧୫୨ଟି ବ୍ଲକ କାର୍ଯ୍ୟକାରୀ ହେଉଥିଲା । ମୋଟରେ ୧୫ କୋଟି ଲୋକସଂଖ୍ୟାବିଶିଷ୍ଟ ୨,୭୭,୦୨୭ଟି ଗ୍ରାମ ଏହି ବ୍ଲକଗୁଡ଼ିକର ଅନ୍ତର୍ଭୁକ୍ତ ଥିଲା । ବ୍ଲକ ଅଞ୍ଚଳର ଲୋକସାଧାରଣଙ୍କଠାରୁ ୧୯୫୭ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଅର୍ଥ ଓ ଶ୍ରମ ଆକାରରେ ୮ କୋଟି ୩୪ ଲକ୍ଷ ଟଙ୍କା ସାହାଯ୍ୟ ମିଳିଛି । ବ୍ଲକ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଖର୍ଚ୍ଚ କରାଯାଇଥିବା ମୋଟ ଟଙ୍କାର ଏହା ହେଉଛି ଶତକଡ଼ା ପ୍ରାୟ ୬୦ ଭାଗ ।

ଆଲୋଚ୍ୟ ବର୍ଷ ମଧ୍ୟରେ ବିଭିନ୍ନ ରାଜ୍ୟ 'ଜାତୀୟ ଉନ୍ନୟନ ପରିଷଦ'ର ସୁପାରିଶ ଗ୍ରହଣ କଲେ । ସମୂହ-ବିକାଶ ବିଭାଗ ଏବଂ ଖାଦ୍ୟ ଓ କୃଷି, ବାଣିଜ୍ୟ ଓ ଶିଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରଭୃତି ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ଘନିଷ୍ଠ ସଂପର୍କ ସ୍ଥାପନ କରାଗଲା ।

ସମୂହବିକାଶ କାର୍ଯ୍ୟକ୍ରମ ଏବଂ ଗ୍ରାମଦାନ ଆନ୍ଦୋଳନ ମଧ୍ୟରେ ଘନିଷ୍ଠ ସଂପର୍କ ରକ୍ଷା କରିବା ପାଇଁ ୧୯୫୭ ଡିସେମ୍ବର ମାସରେ ଏକ ନୀତି ପ୍ରସ୍ତୁତ କରାଯାଇ ଗୃହୀତ ହେଲା । ସମୂହବିକାଶ ସଂପର୍କରେ ଅଧ୍ୟୟନ କରିବା ପାଇଁ ଏକ ଅନୁଧ୍ୟାନକାରୀ ଦଳ ଗଠନ କରାଗଲା । ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପାଇଁ ଏହି ଅନୁଧ୍ୟାନକାରୀ ଦଳ ସୁପାରିଶ କଲେ । ରାଜ୍ୟ ପାହ୍ୟାରେ ସାଧାରଣ ପ୍ରତିଷ୍ଠାନଗୁଡ଼ିକ ହାତରେ ଅଧିକ କ୍ଷମତା ଦେବାପାଇଁ ଅନୁଧ୍ୟାନକାରୀ ଦଳ ସୁପାରିଶ କରିଥିଲେ ।

ଜାତୀୟ ସଂପ୍ରସାରଣ ଏବଂ ସମୂହବିକାଶ କାର୍ଯ୍ୟକ୍ରମକୁ ମିଶାଇ ଏକ ମିଳିତ ପର୍ଯ୍ୟାୟରେ ପରିଣତ କରିବା ପାଇଁ ଅନୁଧ୍ୟାନକାରୀ ଦଳ ଯେଉଁ ସୁପାରିଶ କରିଥିଲେ, ତାହା ବର୍ତ୍ତମାନ ବିଚାରାଧୀନ ଅଛି । ୧୯୫୮ ଏପ୍ରିଲ ପହିଲାଠାରୁ ଏହା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି ।

## କୃଷି ବ୍ୟବସ୍ଥା

ଆଲୋଚ୍ୟ ରିପୋର୍ଟରୁ ଜଣାଯାଏ ଯେ ୧୯୫୬ ଅକ୍ଟୋବର ମାସଠାରୁ ୧୯୫୭ ସେପ୍ଟେମ୍ବର ମାସ ସୁଦ୍ଧା କୃଷକମାନଙ୍କୁ ୧୦୯ ଲକ୍ଷ ମହଣରୁ ଅଧିକ ସାର ଯୋଗାଇ ଦିଆଯାଇଛି । ପୂର୍ବ ବର୍ଷର ଅନୁରୂପ ସମୟ ମଧ୍ୟରେ ୭୪,୪୦୦୦ ମହଣ ସାର ଯୋଗାଇ ଦିଆଯାଇଥିଲା । ସ୍ଥାନୀୟ ପଦାର୍ଥରୁ ଉନ୍ନତ ସାର ପ୍ରସ୍ତୁତ କରିବାପାଇଁ ଉନ୍ନୟନ ବ୍ଲକଗୁଡ଼ିକରେ ବିଶେଷ ଉଦ୍ୟମ କରାଯାଇଛି ।

## ଉନ୍ନୟନ ଅଞ୍ଚଳରେ ଶିଳ୍ପବିକାଶ

ଉନ୍ନୟନ ଅଞ୍ଚଳରେ ଶିଳ୍ପବିକାଶ କାର୍ଯ୍ୟକ୍ରମ ସଂପର୍କରେ ରିପୋର୍ଟରେ କୁହାଯାଇଛି ଯେ ୧୯୫୭ ସେପ୍ଟେମ୍ବର ମାସ ସୁଦ୍ଧା ବିଭିନ୍ନ ରାଜ୍ୟରେ ୨୪ଟି ପଥ-ପ୍ରସ୍ତୁତକାରୀ ଯୋଜନା କାର୍ଯ୍ୟକାରୀ ହେଉଥିଲା । ୨୩,୬୯୨ ଜଣ କାରିଗର ଏହି ପଥ-ପ୍ରସ୍ତୁତକାରୀ ଯୋଜନାଗୁଡ଼ିକରେ ନିଯୁକ୍ତ ଥିଲେ ଏବଂ ୪୫,୧୮୩ ଜଣ କାରିଗରଙ୍କୁ ଆଂଶିକଭାବରେ ନିଯୁକ୍ତି ଦିଆଯାଇ ପାରୁଥିଲା । ଏହା ବ୍ୟତୀତ ୧୮ଟି ପ୍ରଦର୍ଶନ ଓ ତାଲିମ କେନ୍ଦ୍ର ଖୋଲାଯାଇଥିଲା ।

ଶିଳ୍ପବିକାଶ ଉଦ୍ଦେଶ୍ୟରେ ନଅଟି କ୍ଷୁଦ୍ର ଶିଳ୍ପ ଅଞ୍ଚଳ ଗଠନ ପାଇଁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପ୍ରସ୍ତାବ ମଞ୍ଜୁର କଲେ । ପ୍ରତ୍ୟେକ ଶିଳ୍ପ ଅଞ୍ଚଳରେ ୧୦ ଲକ୍ଷରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଗଲା । ଏହା ବ୍ୟତୀତ ଗୋଷ୍ଠୀ ଉନ୍ନୟନ ବ୍ଲକରେ ୨୦ଟି ଗ୍ରାମ୍ୟ ଶିଳ୍ପାଞ୍ଚଳ ଗଠନ ପାଇଁ ସ୍ଥିର କରାଗଲା । ରାଜ୍ୟ ସରକାରମାନେ ଏଥିପାଇଁ ସ୍ଥାନ ମନୋନୟନ କରି ସାରିଛନ୍ତି ।

ମୁଖ୍ୟତଃ ଆଦିବାସୀମାନେ ବସବାସ କରୁଥିବା ଅଞ୍ଚଳର ବହୁମୁଖୀ ବିକାଶସାଧନ ଉଦ୍ଦେଶ୍ୟରେ ବିଭିନ୍ନ ରାଜ୍ୟରେ ୪୨ଟି ସ୍ୱତନ୍ତ୍ର ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି । ପ୍ରତି ଯୋଜନାରେ ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସେଥିରୁ ୧୫ ଲକ୍ଷ ଟଙ୍କା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେବେ ।

## ଗ୍ରାମାଞ୍ଚଳ ଗୃହ ନିର୍ମାଣ

ରିପୋର୍ଟରୁ ଜଣାଯାଏ ଯେ ଦେଶର ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହେବା ପାଇଁ ୧୦୦ଟି ଗ୍ରାମାଞ୍ଚଳ ଗୃହ ନିର୍ମାଣ ପରିକଳ୍ପନା ମଞ୍ଜୁର କରାଯାଇଛି ।

ମେଡ଼ିକାଲ ଅଫିସର୍‌, ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଭୃତି ତାଲିମପ୍ରାପ୍ତ କର୍ମଚାରୀ ଅଭାବରୁ ଉନ୍ନୟନ ଯୋଜନା ଅଞ୍ଚଳରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଅଛି ।

## ଶିକ୍ଷା ବ୍ୟବସ୍ଥା

ଆଲୋଚ୍ୟ ବର୍ଷରେ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ୭୦୦୦ ନୂଆ ସ୍କୁଲ ସ୍ଥାପନ କରାଯାଇଛି ଏବଂ ୨୯୦୫ଟି ସ୍କୁଲକୁ ମୌଳିକ ବିଦ୍ୟାଳୟରେ ପରିଣତ କରାଯାଇଛି । ସାର୍ବଜନୀନ ମୌଳିକ ଶିକ୍ଷା ପାଇଁ ପଞ୍ଚ-ପ୍ରସୂତକାରୀ ଯୋଜନା କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯାଇଛି । ୧୯୫୭ ସେପ୍‌ଟେମ୍ବର ମାସ ସୁଦ୍ଧା ୪୭ ହଜାର ପ୍ରୌଢ଼ ଶିକ୍ଷା-କେନ୍ଦ୍ର ଖୋଲାଯାଇ ୨୦ ଲକ୍ଷ ନିରକ୍ଷର ବ୍ୟକ୍ତିଙ୍କୁ ଶିକ୍ଷା ଦିଆଯାଇଛି । ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନକୁ ଏକ ବିଷୟରୂପେ ସ୍ଥାନ ଦେବା ପାଇଁ ଅଧିକାଂଶ ବିଶ୍ୱବିଦ୍ୟାଳୟ ରାଜି ହୋଇଛନ୍ତି ।

## ତାଲିମପ୍ରାପ୍ତ କର୍ମଚାରୀସଂଖ୍ୟା ବୃଦ୍ଧି

୧୯୫୭ ମସିହା ଡିସେମ୍ବର ମାସରେ ତାଲିମ-ପ୍ରାପ୍ତ କର୍ମଚାରୀଙ୍କ ସଂଖ୍ୟା ୩୨,୭୧୫ ଥିଲା । ୧୯୫୮ ଜାନୁୟାରୀ ମାସରେ ଏହି ପରିମାଣ ବୃଦ୍ଧି ପାଇ ୪୯,୫୨୨ ହେଲା । ୩୭,୦୩୭ ଜଣ ଗ୍ରାମ୍ୟ କର୍ମୀ, ୭୧୬ ଜଣ ଗ୍ରାମସେବିକା, ୩୨୭୩ ଜଣ ସାମାଜିକ ଶିକ୍ଷା ସଂଗଠକ, ୧୧୫୧ ଜଣ ଶିଳ୍ପ ସମବାୟ ଅଫିସର୍‌, ୮୧୦ ଜଣ ସମବାୟ ସଂପ୍ରସାରଣ ଅଫିସର୍‌ ଏବଂ ୧୮୧୧ ଜଣ ବ୍ଲକ ଉନ୍ନୟନ ଅଫିସର୍‌ ଏହି ସମୟ ମଧ୍ୟରେ ତାଲିମ ପାଇଛନ୍ତି ।

୧୯୫୭ ଅକ୍ଟୋବର ମାସରେ ସମଗ୍ର ଦେଶରେ ଗ୍ରାମ ସହାୟକ ତାଲିମ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲା । ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିର ସୁବିଧା ଦୃଷ୍ଟିରୁ ଏହି ବ୍ୟବସ୍ଥା ଅନୁଯାୟୀ ପ୍ରଥମ ତାଲିମ ପାଉଥିବା ଗ୍ରାମ ସହାୟକମାନଙ୍କୁ କୃଷିକାର୍ଯ୍ୟ, ପଶୁପାଳନ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟରେ ତାଲିମ ଦିଆଯାଉଛି ।

## ଉନ୍ନୟନ କାର୍ଯ୍ୟରେ ଜନସହଯୋଗ

ରିପୋର୍ଟରୁ ଜଣାଯାଏ ଯେ ଉନ୍ନୟନ କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ ଯଥେଷ୍ଟ ବୃଦ୍ଧି ପାଇଛି । ୧୯୫୭ ଜୁନ ମାସ ଶେଷ ସୁଦ୍ଧା ଜନସାଧାରଣଙ୍କ ସହଯୋଗରେ ୫୯,୦୦୧ଟି ସମବାୟ ସମିତି ସ୍ଥାପନ କରାଯାଇଛି । ଏହି ବର୍ଷ ୪୪୪ଟି ନୂଆ ତଥ୍ୟ ଓ ସାମାଜିକ କେନ୍ଦ୍ର ଖୋଲାଯାଇଛି ।

# ଆମ ରାଜ୍ୟ

## ଓଡ଼ିଶାରେ ଚିନି ଉତ୍ପାଦନ

ଲୋକସଭାରେ କେତେଗୁଡ଼ିଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କେନ୍ଦ୍ର ଖାଦ୍ୟ ଓ କୃଷି ମନ୍ତ୍ରୀ ୧୯୫୫-୫୬, ୧୯୫୬-୫୭ ଓ ୧୯୫୭-୫୮ରେ କେଉଁ ରାଜ୍ୟରେ କେତେ ପରିମାଣରେ ଚିନି ଉତ୍ପାଦିତ ହୋଇଛି, ତାର ଏକ ତାଲିକା ଦାଖଲ କରିଥିଲେ ।

ଏହି ତାଲିକାରୁ ଜଣାଯାଇଛି ଯେ ଓଡ଼ିଶାରେ ୧୯୫୫-୫୬ରେ ୪୪ ହଜାର ଟନ୍ ଆଖୁ ପେଡ଼ା ହୋଇ ଚାରି ହଜାର ଟନ୍ ଚିନି, ୧୯୫୬-୫୭ରେ ୪୪ ହଜାର ଟନ୍ ଆଖୁ ପେଡ଼ା ହୋଇ ଛଅ ହଜାର ଟନ୍ ଚିନି ଏବଂ ୧୯୫୭-୫୮ରେ ୪୨ ହଜାର ଟନ୍ ଆଖୁ ପେଡ଼ା ହୋଇ ଚାରି ହଜାର ଟନ୍ ଚିନି ଉତ୍ପାଦିତ ହୋଇଥିଲା ।

## ଶିଳ୍ପ ଅଞ୍ଚଳରେ ଗୃହ ନିର୍ମାଣ ଯୋଜନା

: ଓଡ଼ିଶାକୁ ୭ ଲକ୍ଷ ୨୫ ହଜାର ଟଙ୍କା ମିଳିଛି :

ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ପୂର୍ତ୍ତ, ଗୃହ ନିର୍ମାଣ ଓ ଯୋଗାଣ ଉପମନ୍ତ୍ରୀ ଶ୍ରୀ ଅନିଲ୍ କୁମାର ଚନ୍ଦା ଏକ ବିବୃତିରେ ବିଭିନ୍ନ ରାଜ୍ୟକୁ ଏହି ପରିକଳ୍ପନା ଅନୁଯାୟୀ କେତେ ସାହାଯ୍ୟ ଦିଆଯାଇଛି, ତାହା ପ୍ରକାଶ କରିଥିଲେ । ଏହି ବିବୃତିରୁ ଜଣାଯାଏ ଯେ ୧୯୫୮-୫୯ରେ ଓଡ଼ିଶା ପାଇଁ ୭ ଲକ୍ଷ ୨୫ ହଜାର ଟଙ୍କା ମିଳିଛି । ଏଥିରୁ ଋଣ ଆକାରରେ ୪ ଲକ୍ଷ ୧୦ ହଜାର ଟଙ୍କା ଏବଂ ସାହାଯ୍ୟ ଆକାରରେ ୩ ଲକ୍ଷ ୧୫ ହଜାର ଟଙ୍କା ମିଳିଛି । ଭାରତର ୧୪ଟି ରାଜ୍ୟକୁ ଋଣ ଓ ସାହାଯ୍ୟ ଆକାରରେ ୪୫୦ ଲକ୍ଷ ଟଙ୍କା ମିଳିଛି ବୋଲି ଉକ୍ତ ବିବୃତିରୁ ଜଣାଯାଏ ।

## ଓଡ଼ିଶାରେ ଶରଣାର୍ଥୀଙ୍କ ପାଇଁ ବ୍ୟାପକ ତାଲିମ କାର୍ଯ୍ୟକ୍ରମ

: ଚାରିବାଟିଆଠାରେ କେନ୍ଦ୍ରମାନ ସ୍ଥାପିତ ହେବ :

ପୂର୍ବ-ପାକିସ୍ଥାନରୁ ଆସି ବର୍ତ୍ତମାନ ଓଡ଼ିଶାରେ ବସବାସ କରୁଥିବା ଶରଣାର୍ଥୀମାନଙ୍କ ସାଧାରଣ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ପୁନର୍ବସତି ମନ୍ତ୍ରଣାଳୟ ପକ୍ଷରୁ ଏକ କାର୍ଯ୍ୟକ୍ରମ ରଚନା କରାଯାଇଛି । ବିଭିନ୍ନ ବସତିରେ ରହୁଥିବା ଏବଂ ନିଜର ସ୍ୱାଧୀନ ଆୟ ବଳରେ ଅଭିଥାନ ହେବା ସ୍ଥଳରେ ଅଧିକ ସାହାଯ୍ୟ ଲୋଡ଼ୁଥିବା ଶରଣାର୍ଥୀ ପରିବାରଗୁଡ଼ିକ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେବେ ।

ମୋଟର ଟ୍ରକ ଚାଳକ ଓ ମେକାନିକରୂପେ ଦୁଇ ଶହ ଶରଣାର୍ଥୀଙ୍କୁ ତାଲିମ କରିବା ପାଇଁ ୫ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟରେ ଏକ ବ୍ୟାପକ ପରିକଳ୍ପନା ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

ଏହି ତାଲିମ କେନ୍ଦ୍ରଟି ଚାରିବାଟିଆଠାରେ ସ୍ଥାପିତ ହେବ । ସେଠାରେ ବର୍ତ୍ତମାନ ଗୋଟିଏ ଶରଣାର୍ଥୀ ଶିବିର ରହିଛି । ଚଳିତ ବର୍ଷ ସେଠାରୁ ଶରଣାର୍ଥୀ ପରିବାରଗୁଡ଼ିକ ବିଭିନ୍ନ ପୁନର୍ବସତି ଅଞ୍ଚଳକୁ ଛାଡ଼ିଯିବା

ସ୍ଥରେ ସେ ସରଗୁଡ଼ିକ ତାଲିମ ଶିବିରରୂପେ ଏବଂ ଶିଳ୍ପ କେନ୍ଦ୍ର ସ୍ଥାପନ କାର୍ଯ୍ୟରେ ବ୍ୟବହୃତ ହେବ ।

ପ୍ରଥମେ ଏହି କେନ୍ଦ୍ରରେ ପ୍ରାୟ ୪୦ ଜଣ ଶରଣାର୍ଥୀ ବ୍ୟକ୍ତି ଫିଟର୍, ୱେଲଡ଼ର୍, କମାର, ବଢ଼େଇ (ମଟର ଦେହ ତିଆରି କରିବା), ଇଲେକ୍ଟ୍ରିସିଆନ (ଅଟୋମୋବାଇଲ), ପେଣ୍ଟର୍ ଓ ଡ୍ରାଇଭର ରୂପେ ତାଲିମ ପାଇବେ ।

ଏହି ପରିକଳ୍ପନା ଏକ ଦିଗରେ ଶରଣାର୍ଥୀଙ୍କ ପାଇଁ ସ୍ଥାୟୀ କର୍ମ ସଂସ୍ଥାନ କରି ପାରିବ ଏବଂ ଅନ୍ୟ ଦିଗରେ ରାଜ୍ୟରେ ଦେଖାଦେଇଥିବା ତାଲିମପ୍ରାପ୍ତ ଡ୍ରାଇଭର ଓ ଅଟୋମୋବାଇଲ୍ ମେକାନିକ୍ ଅଭାବ ଦୂର କରିବ ।

---

## ଶିଳ୍ପ-ନଗର ମଧ୍ୟରେ କ୍ଷୁଦ୍ର ଶିଳ୍ପ ପାଇଁ କୋଠାବାଡ଼ି ନିର୍ମାଣ

ଦେଶର ବିଭିନ୍ନ ଅଞ୍ଚଳରେ ଥିବା ଶିଳ୍ପ ନଗରଗୁଡ଼ିକରେ ବର୍ତ୍ତମାନ ପ୍ରାୟ ଦୁଇ ଶହ କ୍ଷୁଦ୍ର ଶିଳ୍ପ ପାଇଁ କାରଖାନା ଯୋଗାଇ ଦିଆଗଲାଣି । ସେଥିମଧ୍ୟରୁ ଓଡ଼ିଶାର କଟକଠାରେ ୩୫ଟି କାରଖାନା କୋଠା ଯୋଗାଇ ଦିଆଯାଇଛି ।

ଏତଦ୍‌ବ୍ୟତୀତ ମାନ୍ଦ୍ରାଜର ଗୁଇଣ୍ଡି ଶିଳ୍ପ ନଗର ମଧ୍ୟରେ ୪୬ଟି, ଦିଲ୍ଲୀର ଓଖଲାଠାରେ ୩୫ଟି, ବମ୍ବେର ରାଜକୋଟ ଶିଳ୍ପ-ନଗରରେ ୩୪ଟି, କେରଳର ପାଲଘାଟ ଓ କୁଇଲନ୍ ଶିଳ୍ପ ନଗର ମଧ୍ୟରେ ୩୪ଟି ଏବଂ ଉତ୍ତର ପ୍ରଦେଶର ନଇନି ଶିଳ୍ପ-ନଗରେ ୧୫ଟି କାରଖାନା କୋଠା ଯୋଗାଇ ଦିଆଯାଇଛି ।

ବର୍ତ୍ତମାନ ସୁଦ୍ଧା ୧୧ଟି ଶିଳ୍ପ-ନଗର ବସାଇବା କାମ ଶେଷ ହେଲଣି । ନିକଟରେ ଆଉ ୨୩ଟିର କାମ ଶେଷ ହୋଇ ତାହା ଦଖଲକୁ ଆସିବ ।

କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରେ ୭୧ଟି ଶିଳ୍ପ-ନଗର ପ୍ରତିଷ୍ଠା ପାଇଁ ପରିକଳ୍ପନାମାନ ମଞ୍ଜୁର କରି ସାରିଲେଣି । ଏଥିପାଇଁ ଗତ ତିନୋଟି ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟ ପାଇଁ ପ୍ରାୟ ୩ କୋଟି ୬୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସେଥିମଧ୍ୟରୁ ୧୯୫୭-୫୮ ଶେଷ ସୁଦ୍ଧା ତିନି କୋଟି ଟଙ୍କା ବ୍ୟୟ ହୋଇଛି । ଚଳିତ ବର୍ଷ ଏ ଉଦ୍ଦେଶ୍ୟରେ ବିଭିନ୍ନ ରାଜ୍ୟକୁ ୭୨ ଲକ୍ଷ ଟଙ୍କା ଋଣ ଦିଆଯିବ ବୋଲି ଆଶା କରାଯାଉଛି ।

ଓଖଲା ଓ ନଇନିଠାରେ ଥିବା ଶିଳ୍ପ-ନଗର ଦୁଇଟି ଜାତୀୟ କ୍ଷୁଦ୍ର ଶିଳ୍ପ କର୍ପୋରେଶନଦ୍ୱାରା ପରିଚାଳିତ ହେଉଥିବାବେଳେ ଅନ୍ୟ ଶିଳ୍ପ-ନଗରଗୁଡ଼ିକର ନିର୍ମାଣ ଓ ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣ ରାଜ୍ୟ ସରକାରମାନଙ୍କ ହାତରେ ନ୍ୟସ୍ତ ରହିଛି । ରାଜ୍ୟ ସରକାରମାନଙ୍କ କାମ ହେଲା କାରଖାନା ପାଇଁ ଜମି ଦଖଲ କରିବା, ତାହାର ଉନ୍ନତିବିଧାନ କରିବା, ରାସ୍ତା ତିଆରି କରିବା, କାରଖାନା କୋଠା ନିର୍ମାଣ କରିବା, ଜଳ ଓ ବିଦ୍ୟୁତଶକ୍ତି ଯୋଗାଇବାର ଆୟୋଜନ କରିବା ଏବଂ ସାହାଯ୍ୟକାରୀ ଓ୍ୱାର୍କ ସପ୍ ପ୍ରତିଷ୍ଠା କରିବା ।

ଶିଳ୍ପ-ନଗର ମଧ୍ୟରେ ଥିବା କାରଖାନା କୋଠାଗୁଡ଼ିକ କ୍ଷୁଦ୍ରଶିଳ୍ପପତିମାନଙ୍କୁ ଭଡ଼ା ଦିଆଯାଉଛି କିମ୍ବା ଭଡ଼ା କ୍ରୟସୂତ୍ରରେ ବା କିସ୍ତିବନ୍ଦି ଦାମ ଧରି ବିକ୍ରି କରି ଦିଆଯାଉଛି । ଶିଳ୍ପ-ନଗର ସ୍ଥାପନ ପାଇଁ ସମସ୍ତ ବ୍ୟୟ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଋଣ ସୂତ୍ରରେ ଯୋଗାଉଛନ୍ତି ।

ସମଗ୍ର ଦେଶରେ ମୋଟରେ ୧୦୩ଟି ଶିଳ୍ପ-ନଗର ସ୍ଥାପନ ପାଇଁ ପରିକଳ୍ପନା କରାଯାଇଛି । ସେଥିମଧ୍ୟରୁ ନଅଟି ଅଥିପ୍ରସ୍ତୁତକାରୀ ଯୋଜନାଞ୍ଚଳରେ ଏବଂ ୨୦ଟି ସମୁଦାୟ ଉନ୍ନୟନ ବ୍ଲକ ଅଞ୍ଚଳରେ ସ୍ଥାପିତ ହେବ । ଶିଳ୍ପ-ନଗର ନିର୍ମାଣ ଉଦ୍ଦେଶ୍ୟରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୧୫ କୋଟି ଟଙ୍କା ବରାଦ ହୋଇଛି ।

---

## ଅଧିକ ଖାଦ୍ୟ ଉତ୍ପାଦନ କାର୍ଯ୍ୟକ୍ରମ

ଅଧିକ ଖାଦ୍ୟ ଉତ୍ପାଦନ କାର୍ଯ୍ୟକ୍ରମ ଅନୁଯାୟୀ ୧୯୫୭-୫୮ରେ କେଉଁ ରାଜ୍ୟକୁ କେତେ ଟଙ୍କା ସାହାଯ୍ୟ ଦିଆଯାଇଛି, ସେ ସମ୍ପର୍କରେ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କେନ୍ଦ୍ର ଖାଦ୍ୟ ଓ କୃଷି ମନ୍ତ୍ରୀ ଏକ ତାଲିକା ଉପସ୍ଥାପନ କରିଛନ୍ତି ।

ଏହି ତାଲିକାରୁ ଜଣାଯାଏ ଯେ ୧୯୫୭-୫୮ରେ ଅଧିକ ଖାଦ୍ୟ ଉତ୍ପାଦନ କାର୍ଯ୍ୟକ୍ରମ ଅନୁଯାୟୀ ଓଡ଼ିଶାକୁ ୧୦ ଲକ୍ଷ ୩୮ ହଜାର ଟଙ୍କା ସାହାଯ୍ୟ ମିଳିଛି ।

## ହୀରାକୁଦ ଓ ଦାମୋଦର ଉପତ୍ୟକାର ବଳକା ଶ୍ରମିକମାନଙ୍କ ପାଇଁ କର୍ମ-ସଂସ୍ଥାନ

ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ଶ୍ରମ ଉପମନ୍ତ୍ରୀ ଶ୍ରୀ ଆବିଦ ଅଲି ଜଣାଇଛନ୍ତି ଯେ ନିକଟ ଭବିଷ୍ୟତରେ ଦାମୋଦର ଉପତ୍ୟକା କର୍ପୋରେଶନର ୫୦୦୦ ଶ୍ରମିକ ଏବଂ ହୀରାକୁଦର ୧,୫୦୦ ଶ୍ରମିକ ବଳକା ହେବେ ବୋଲି ଅନୁମାନ କରାଯାଉଛି । ୧୯୫୮ ଜୁନ ଶେଷ ସୁଦ୍ଧା ଦାମୋଦର ଉପତ୍ୟକା କର୍ପୋରେଶନରୁ ଛଟେଇ ହୋଇଥିବା ୩,୬୮୧ ଜଣ ଶ୍ରମିକଙ୍କ ମଧ୍ୟରୁ ୩,୩୬୩ ଜଣଙ୍କୁ ଅନ୍ୟତ୍ର କାମ ଯୋଗାଇ ଦିଆଯାଇଥିଲା । ହୀରାକୁଦରୁ ଛଟେଇ ହୋଇଥିବା ୧,୧୫୬ ଜଣଙ୍କ ମଧ୍ୟରୁ ୧୬୪ ଜଣ କାର୍ଯ୍ୟ ଅପେକ୍ଷାରେ ଅଛନ୍ତି ।

ନଦୀ-ଉପତ୍ୟକା ଓ ଅନ୍ୟାନ୍ୟ ବଡ଼ ବଡ଼ ନିର୍ମାଣ ଯୋଜନାର ବଳକା ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ସରକାରଙ୍କ ତରଫରୁ କି କି ବ୍ୟବସ୍ଥା ହୋଇଛି, ଶ୍ରୀ ଆବିଦ୍ ଅଲି ତାହା ବର୍ଣ୍ଣନା କରିଥିଲେ ।

## ନୂଆ ପୋଷ୍ଟକାର୍ଡ଼ ଓ ଲଫାପା

ବିଦେଶକୁ ପଠାଇବା ପାଇଁ ୪୦ ନୟା ପଇସା ମୂଲ୍ୟର ପୋଷ୍ଟକାର୍ଡ଼ ଏବଂ ୯୦ ନୟା ପଇସା ମୂଲ୍ୟର ନୀଳ ରଙ୍ଗର ଲଫାପା ଡାକ ବିଭାଗଦ୍ୱାରା ପ୍ରକାଶ କରାଯାଇଛି ଏବଂ ଗତ ଅଗଷ୍ଟ ୨୯ ତାରିଖ ଶୁକ୍ରବାରଠାରୁ ଏହାର ବିକ୍ରି ଆରମ୍ଭ ହୋଇଛି । ପ୍ରଥମେ କଟକ ଓ ପୁରୀର ଡାକଘରଗୁଡ଼ିକରେ ଏବଂ ଭୁବନେଶ୍ୱର ନୂଆ ରାଜଧାନୀ ଡାକଘରେ ଏହା ବିକ୍ରି କରାଯିବ ଏବଂ କ୍ରମେ ଓଡ଼ିଶାର ଅନ୍ୟାନ୍ୟ ଡାକଘରକୁ ମଧ୍ୟ ଏହା ଯୋଗାଇ ଦିଆଯିବ । ତେବେ ଏଥିରେ ପ୍ରଥମ ଦିନର ଖୋଳ, ଫୋଲଡ଼ର କିମ୍ବା ସ୍ୱତନ୍ତ୍ର ମୋହରଦିଆ ଡାକ ଟିକଟ ବ୍ୟବହୃତ ହେବ ନାହିଁ ।

## ବାରଣସୀ ଗ୍ରାମର ନାମ ପରିବର୍ତ୍ତନ

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଜଣାଇଛନ୍ତି :—

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମିତ୍ତ ଜଣାଇ ଦିଆଯାଉଛି କି ଉତ୍ତର ପ୍ରଦେଶର ‘ବନାରସ’ ସହରକୁ ‘ବାରାଣସୀ’ ନାମ ଦିଆଯିବା ଫଳରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ସବ୍‌ଡିଭିଜନ ଅନ୍ତର୍ଗତ ‘ବାରଣସୀ’ ଗ୍ରାମର ନାମ ତାହା ସହିତ ଭୁଲ ହୋଇଯିବାର ସମ୍ଭାବନା ଥିବାରୁ ଉକ୍ତ ଗ୍ରାମର ନାମ ‘କାଶୀନଗର’ ରଖାଗଲା ।

## ନାସନାଲ ଫାୟାର ସର୍ଭିସ୍ କଲେଜ, ନାଗପୁର ସାଧାରଣ ଅଗ୍ନି-ନିରୋଧ ପାଠ୍ୟ

ନାଗପୁରଠାରେ ଥିବା ନାସନାଲ୍ ଫାୟାର ସର୍ଭିସ କଲେଜରେ ସାଧାରଣ ଅଗ୍ନି-ନିରୋଧ ପାଠ୍ୟ ଶିକ୍ଷା କରିବା ପାଇଁ ଉପଯୁକ୍ତ ଶିକ୍ଷାର୍ଥୀମାନଙ୍କୁ ପଠାଇବା ନିମନ୍ତେ ଓଡ଼ିଶାର ଇନ୍‌ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ ବ୍ୟବସ୍ଥା କରୁଛନ୍ତି । ରାଜ୍ୟର ଶିଳ୍ପ ଓ

ବାଣିଜ୍ୟ ପ୍ରତିଷ୍ଠାନମାନେ ଯଦି ଇଚ୍ଛା କରନ୍ତି, ତାହା ହେଲେ ସେମାନେ ମଧ୍ୟ ସେମାନଙ୍କ ପ୍ରାର୍ଥୀମାନଙ୍କୁ ପଠାଇ ପାରନ୍ତି ।

୧୯୫୮ ନଭେମ୍ବର ୨୪ ତାରିଖଠାରୁ ପ୍ରଥମ ସାଧାରଣ ଅଗ୍ନି-ନିରୋଧକ ପାଠ୍ୟ ଆରମ୍ଭ ହେବ । ଏ ପାଠ୍ୟର ସମୟ ହେଉଛି ୧୬ ସପ୍ତାହ ଓ ଏଥିମଧ୍ୟରୁ ୨ ସପ୍ତାହ ଶିକ୍ଷାର୍ଥୀମାନେ ପ୍ରଧାନ ପ୍ରଧାନ ଶିଳ୍ପୋନ୍ନତ ବନ୍ଦର ବା ସହର ବୁଲି ଦେଖିବେ ।

ଶିକ୍ଷା ପାଇଁ ଯେଉଁ କର୍ମଚାରୀମାନେ ପଠାଯିବେ, ସେମାନେ ଇଂରେଜି, ପଦାର୍ଥ-ବିଜ୍ଞାନ ଓ ରସାୟନ ଶାସ୍ତ୍ରରେ ଦ୍ୱିତୀୟ ଶ୍ରେଣୀର ମାର୍କ ରଖି ମାଟ୍ରିକ ପାସ କରିଥିବେ ଓ ବିଧିବଦ୍ଧ ଫାୟାର ସର୍ଭିସ ବା ଫାୟାର ପ୍ରୋଟେକ୍ସନ ଓ ଫାୟାର ପ୍ରିଭେନ୍ସନ୍ ସର୍ଭିସରେ ଷ୍ଟେସନ ଅଫିସର୍‌ରୂପେ ବା ତାହାର ଅନୁରୂପ ପାହ୍ୟାରେ ୫ ବର୍ଷ କାମ କରିଥିବେ ।

ଏ ପାଠ୍ୟ ପାଇଁ କର୍ମଚାରୀଙ୍କ ବୟସ ୧୯୫୮ ନଭେମ୍ବର ୧ ତାରିଖକୁ ୨୩ରୁ ୪୫ ଭିତରେ ହୋଇଥିବା ଆବଶ୍ୟକ ।

ଏ ପାଠ୍ୟ ସମ୍ପର୍କରେ ନାଗପୁରର ନାସନାଲ୍ ଫାୟାର ସର୍ଭିସ୍ କଲେଜର କମାଣ୍ଡାଣ୍ଟ ଗୋଟିଏ ଅନୁଷ୍ଠାନ ପତ୍ର ପ୍ରକାଶ କରିଛନ୍ତି । ସେଠାରେ ପଢ଼ା ଯାଉଥିବା ପାଠ୍ୟ ଓ ପଢ଼ୁଥିବା କର୍ମଚାରୀ ଓ ଶିକ୍ଷାର୍ଥୀ-ମାନଙ୍କ ପାଇଁ ସାଧାରଣ ଜ୍ଞାତବ୍ୟ ବିଷୟରେ ବିଶଦ ବିବରଣୀ ସେଥିରେ ରହିଛି । ପ୍ରାର୍ଥୀମାନଙ୍କ ଦ୍ୱାରା ଯଥାବିଧି ସ୍ୱାକ୍ଷରିତ ହୋଇଥିବା ସ୍ୱୀକାରୋକ୍ତି ଓ ନିର୍ଦ୍ଧାରିତ ଡାକ୍ତରୀ ସାର୍ଟିଫିକେଟ ସହ ନିର୍ଦ୍ଧାରିତ ଫାରମରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ବିଶେଷ ବିବରଣୀ ୧୯୫୮ ନଭେମ୍ବର ୩ ତାରିଖ ଭିତରେ କମାଣ୍ଡାଣ୍ଟଙ୍କ ପାଖରେ ପହଞ୍ଚିଥିବା ଦରକାର ।

## କୃଷୀଙ୍କ ଜାଣିବାର କଥା

ଜଳନ୍ଧରରେ ପ୍ରତି ଗଛ ମଧ୍ୟରେ ୧ ଫୁଟ, ୧½ ଫୁଟ ଓ ୨ ଫୁଟ ବ୍ୟବଧାନ ରଖି ପରୀକ୍ଷା-ସ୍ୱରୂପ ୩ ବର୍ଷ ଯାଏ ସ୍ୱୃତ କରାଯାଇ ଦେଖାଯାଇଥିଲା ଯେ, ୧ ଫୁଟ ବ୍ୟବଧାନରେ ମକ୍କା ଗଛ ଲଗାଇବା ଦ୍ୱାରା ହିଁ ଅପେକ୍ଷାକୃତ ଅଧିକ ଉତ୍ପାଦନ ହେଉଛି । ଏହି ପରୀକ୍ଷାରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଅଧିକ ଉତ୍ପାଦନ ପାଇଁ ମକ୍କା ଚାଷରେ ଏକର ପ୍ରତି ଏମୋନିୟମ୍ ସଲଫେଟ୍ ଆକାରରେ ୫୦ ପାଉଣ୍ଡ ନାଇଟ୍ରୋଜେନ ଦେବା ଉଚିତ । ପରୀକ୍ଷା କରାଯାଇଥିବା ଜମିରେ ଗଛ ଲଗାହେବା ପରେ ୧୦ ଗାଡ଼ି ଗୋବର ଖତ ମଧ୍ୟ ଦିଆଯାଇଥିଲା ।

# ସମସ୍ତଙ୍କ ଜାଣିବାପାଇଁ

## ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ପ୍ରଚଳିତ ଜିଲ୍ଲା ବୋର୍ଡ଼ ସ୍କୁଲ ଶିକ୍ଷକମାନଙ୍କର ଚାକିରୀର ସର୍ତ୍ତ ଓ ସୁବିଧା

ଗଞ୍ଜାମ ଓ କୋରାପୁଟ ଜିଲ୍ଲାମାନଙ୍କରେ ଜିଲ୍ଲା ବୋର୍ଡ଼ମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଯେଉଁ ହାଇସ୍କୁଲଗୁଡ଼ିକର ପରିଚାଳନା ଭାର ୧୯୫୮ ଜାନୁଆରୀ ପହିଲାଠାରୁ ସରକାରଙ୍କ ହାତକୁ ଆସିଛି, ସେହି ହାଇସ୍କୁଲମାନଙ୍କର ଶିକ୍ଷକମାନଙ୍କ ମନରେ ସେମାନଙ୍କ ଚାକିରିର ସର୍ତ୍ତ ଓ ଭବିଷ୍ୟତ ସୁବିଧା ସୁଯୋଗ ସମ୍ପର୍କରେ ଆଶଙ୍କା ଉପୁଜି ଥିବା ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସରକାର ଏ ବିଷୟଟିକୁ ତନ୍ନ ତନ୍ନ କରି ସାବଧାନତା ସହକାରେ ବିବେଚନା କରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଏ ସମ୍ପର୍କରେ ଯେଉଁ ଆଶଙ୍କା ପ୍ରକାଶ ପାଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ତହିଁରେ ଯଥାର୍ଥତା ନାହିଁ ।

ଏହିଭଳି ୧୮ଟି ହାଇସ୍କୁଲ ମାଡ୍ରାଜ ଲୋକାଲ ବୋର୍ଡ଼ ଆଇନ ଅନୁସାରେ ଗଞ୍ଜାମ ଓ କୋରାପୁଟ ଜିଲ୍ଲାବୋର୍ଡ଼ମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା ଓ ସ୍କୁଲମାନଙ୍କର ଶିକ୍ଷକମାନଙ୍କର ଯୋଗ୍ୟତା, ପ୍ରୋବେସନ, ସ୍ଥାୟିତ୍ୱ, ପଦୋନ୍ନତି, ଛୁଟି ଓ ପ୍ରଭିଡେଣ୍ଟ ଫଣ୍ଡ ସମ୍ପର୍କରେ ଚାକିରିର ସୁନିର୍ଦ୍ଦିଷ୍ଟ ସର୍ତ୍ତ ଥିଲା । ଏ ସବୁ ସ୍କୁଲର କର୍ତ୍ତୃତ୍ୱ ହାତକୁ ନେଇ ସରକାର ସ୍ଥିର କରିଛନ୍ତି ଯେ ଚାକିରିର ପ୍ରତ୍ୟେକ ସର୍ତ୍ତ ସମ୍ପର୍କରେ ଯେଉଁ ନିୟମସବୁ ଚଳୁଥିଲା, ସେ ସବୁ ଚଳିବ । ଆହୁରି ସ୍ଥିର ହୋଇଛି ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଓ ୧୯୫୭ ଡିସେମ୍ବର ୩୧ ତାରିଖଠାରୁ ଏ ସବୁ ସ୍କୁଲରେ ବଳବତ୍ତର ରହିଥିବା ସଂଶୋଧିତ ବେତନହାର ପୂର୍ବପରି ବଳବତ୍ତର ରହିବ । ଏ ସ୍କୁଲମାନଙ୍କରେ ଥିବା ସ୍ଥାୟୀ ଶିକ୍ଷକମାନେ ୧୯୫୮ ଜାନୁଆରୀ ୧ ତାରିଖ ପୂର୍ବରୁ ଯେଉଁସବୁ ବିଶେଷ ସୁବିଧା ଉପଭୋଗ କରୁଥିଲେ, ପୂର୍ବପରି ସେମାନେ ସେ ସବୁ ଉପଭୋଗ କରିବେ ଏବଂ ଯେଉଁ ସବୁ ସଂଶୋଧିତ ନିୟମ ବା ସର୍ତ୍ତ ସେମାନଙ୍କ ପକ୍ଷରେ ଅସୁବିଧାଜନକ ହେବ, ସେ ସବୁ ଜବରଦସ୍ତ ସେମାନଙ୍କ ଉପରେ ଲଦି ଦିଆଯିବ ନାହିଁ । ଯେଉଁ ଶିକ୍ଷକମାନେ ୧୯୫୭ ଡିସେମ୍ବର ୧ ତାରିଖରେ ପ୍ରୋବେସନରେ ଥିଲେ ଓ ପରେ ସରକାରଙ୍କ ଦ୍ୱାରା ସ୍ଥାୟୀ ହୋଇଛନ୍ତି, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ ହେବ । ସରକାରଙ୍କ ସିଦ୍ଧାନ୍ତ ଅନୁସାରେ ଶିକ୍ଷା ବିଭାଗର ଡିରେକ୍ଟର ଦକ୍ଷିଣ ସର୍କଲର ସ୍କୁଲ ସମୂହର ଇନ୍‌ସପେକ୍ଟରଙ୍କ ପାଖକୁ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଉକ୍ତ ଇନ୍‌ସପେକ୍ଟର ଏ ସବୁ ସ୍କୁଲର ନିୟନ୍ତ୍ରଣକାରୀ ଅଫିସର ଅଟନ୍ତି । ଶିକ୍ଷକମାନଙ୍କ ଅବଗତି ନିମନ୍ତେ ଇନ୍‌ସପେକ୍ଟର ସ୍କୁଲମାନଙ୍କୁ ଆବଶ୍ୟକୀୟ ସମ୍ବାଦ ପଠାଇ ସାରିଲେଣି ।

ଭବିଷ୍ୟତ ସୁବିଧାସୁଯୋଗ ସମ୍ପର୍କରେ ସରକାର ଏ ସବୁ ଶିକ୍ଷକମାନଙ୍କୁ ନିଶ୍ଚିତରୂପେ ଜଣାଇ ଦେବାକୁ ଚାହାନ୍ତି ଯେ, ଏ ସ୍କୁଲମାନଙ୍କରେ ଉଚ୍ଚତର କାର୍ଯ୍ୟ ପାଇଁ ଏ ସ୍କୁଲମାନଙ୍କର ସ୍ଥାୟୀ ଶିକ୍ଷକମାନଙ୍କ ମଧ୍ୟରୁ ଶିକ୍ଷକ ମନୋନୀତ ହେବେ ଓ ଏ ସବୁ ଶିକ୍ଷକମାନଙ୍କ ମଧ୍ୟରୁ କେହି ଯଦି ପଦୋନ୍ନତି ପାଇଁ ଉପଯୁକ୍ତ

ବିବେଚିତ ନ ହୁଅନ୍ତି, ତାହାହେଲେ ସେମାନଙ୍କ ଛଡ଼ା ଅନ୍ୟମାନେ ସେଥିପାଇଁ ମନୋନୀତ ହେବେ । ଆହୁରି ମଧ୍ୟ ଉପରୋକ୍ତ ଶିକ୍ଷକମାନଙ୍କ ମଧ୍ୟରୁ କାହାରିକୁ ତାଙ୍କ ବିନା ସମ୍ମତିରେ ଜିଲ୍ଲା ବାହାରିକୁ ସାଧାରଣତଃ ସ୍ଥାନାନ୍ତର କରାଯିବ ନାହିଁ ।

ଏ ସବୁ ସ୍କୁଲ ଭିତରୁ କୌଣସି ସ୍କୁଲର ସ୍ଥାୟୀ ଶିକ୍ଷକଙ୍କର ଉପସ୍ଥିତ ସୁବିଧାସୁଯୋଗକୁ କୌଣସିମତେ ବ୍ୟାହତ ନ କରି ପ୍ରଚଳିତ ବ୍ୟବସ୍ଥାକୁ କାଏମ ରଖିବାକୁ ସରକାର ଯେଉଁ ସିଦ୍ଧାନ୍ତ କରିଛନ୍ତି, ତାହା ବାରମ୍ବାର ଗଞ୍ଜାମ ଜିଲ୍ଲାବୋର୍ଡ଼ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତିଙ୍କୁ ଜଣାଇ ଦିଆଯାଇଛି ।

୧୯୫୮ ଜୁନ୍ ୨୭ ତାରିଖରେ ଜୟପୁରଠାରେ ଏ ଶିକ୍ଷକମାନଙ୍କର ସମ୍ମିଳନୀରେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଛି. ସେଥିରୁ ଜଣାଯାଉଛି ଯେ ଶିକ୍ଷକମାନଙ୍କର ଚାକିରିର ସର୍ତ୍ତକୁ ଖରାପ କରି ଦିଆଯାଉଛି ଓ ଏ ସବୁ ସ୍କୁଲର ପାହ୍ୟା କମାଇ ଦିଆଯାଉଛି ବୋଲି ସେମାନଙ୍କ ମନରେ ଏବେ ମଧ୍ୟ ଧାରଣା ରହିଛି । ସରକାରଙ୍କର ଉପରୋକ୍ତ ନିଷ୍ପତ୍ତି ଦକ୍ଷିଣ ସର୍କଲର ସ୍କୁଲସମୂହର ଇନ୍‌ସପେକ୍ଟରଙ୍କୁ ଜଣାଇ ଦିଆଯିବା ଓ ମାଧ୍ୟମିକ ଶିକ୍ଷକ ସଂଘର ସଭାପତିଙ୍କୁ ସ୍ପଷ୍ଟଭାବେ ବୁଝାଇ ଦିଆଯିବା ଦୃଷ୍ଟିରୁ ଶିକ୍ଷକମାନଙ୍କ ମନରେ ଏପରି ଧାରଣା ଜନ୍ମିବା ଉଚିତ ହୋଇନାହିଁ ।

ମାତ୍ର ପ୍ରସ୍ତାବ ପାଠକଲେ ଜଣାଯାଉଛି ଯେ ଏ ଅବସରରେ ଶିକ୍ଷକମାନେ ସରକାରୀ ଦରମାହାର, ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ସହିତ ଏ ସବୁ ସ୍କୁଲକୁ ପୂର୍ଣ୍ଣାଙ୍ଗ ସରକାରୀ ସ୍କୁଲରେ ପରିଣତ କରିବା ନିମନ୍ତେ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଉତ୍ସୁକରେ ରହିଛନ୍ତି । ସରକାର ଅଳ୍ପ ଦିନ ହେଲା ଯେପରି ବିଶେଷ ଭାବରେ ସାହାଯ୍ୟ ପାଉଥିବା ପ୍ରାୟ ୬୦ ଟି ହାଇସ୍କୁଲର ପରିଚାଳନା ଭାର ନିଜ ହାତକୁ ନେଇ ସାରିଛନ୍ତି, ସେହିପରି ଅନ୍ୟ ସ୍କୁଲଗୁଡ଼ିକର କାର୍ଯ୍ୟ-ଦକ୍ଷତା ବଢ଼ାଇବା ଓ ଅନ୍ୟାନ୍ୟ କାରଣ ଯୋଗୁଁ ସେ ଗୁଡ଼ିକର ପରିଚାଳନା ଭାର ମଧ୍ୟ ହାତକୁ ନେବା ତାଙ୍କ ପକ୍ଷରେ ଆବଶ୍ୟକ ହୋଇପାରେ । କିନ୍ତୁ ଏପରି ଭାବରେ ହାତକୁ ନେବାର ଅର୍ଥ ଏହା ନୁହେଁ ଯେ, ଏ ସ୍କୁଲଗୁଡ଼ିକ ସରକାରୀ ସ୍କୁଲ ହୋଇଯିବ ଓ ଏ ଗୁଡ଼ିକରେ ଥିବା ଶିକ୍ଷକମାନେ ପୂରାପୂରି ସରକାରୀ କର୍ମଚାରୀ ହୋଇଯିବେ । ଜିଲ୍ଲାବୋର୍ଡ଼ ସ୍କୁଲଗୁଡ଼ିକ ହାତକୁ ନେଲାବେଳେ ସରକାର ଭଲଭାବରେ ଏ ବିଷୟ ବିବେଚନା କରିଛନ୍ତି ଓ ତାଙ୍କ ସିଦ୍ଧାନ୍ତ ବଦଳାଇବାର କୌଣସି କାରଣ ଦେଖୁ ନାହାନ୍ତି ।

ପୂର୍ବତନ ଗଡ଼ଜାତ ଅଞ୍ଚଳର ସ୍କୁଲଗୁଡ଼ିକ ଗଡ଼ଜାତ ମିଶ୍ରଣ ପରେ ସରକାରୀ ସ୍କୁଲରେ ପରିଣତ ହେଲା ବୋଲି ସୂଚନା ଦିଆଯାଇଛି । କିନ୍ତୁ ଏ ସ୍ଥଳରେ ସ୍କୁଲଗୁଡ଼ିକ ପୂର୍ବତନ ଗଡ଼ଜାତ ଅଞ୍ଚଳର ସରକାରୀ ସ୍କୁଲ ଥିଲା । ପରବର୍ତ୍ତୀ ସରକାର ଯେତେବେଳେ ପୂର୍ବତନ ଗଡ଼ଜାତଗୁଡ଼ିକର ଦାୟିତ୍ୱ ହାତକୁ ନେଲେ, ସେତେବେଳେ ସରକାର ପ୍ରଚଳିତ ଅବସ୍ଥାକୁ କାଏମ ରଖିଲେ ଓ ପୂର୍ବତନ ଗଡ଼ଜାତ ଅଞ୍ଚଳର ସରକାରଙ୍କ ସ୍କୁଲଗୁଡ଼ିକ ନୂଆ ସରକାରଙ୍କ ଅଧୀନରେ ସରକାରୀ ସ୍କୁଲରେ ପରିଣତ ହେଲା ।

## ଗ୍ରାମପଞ୍ଚାୟତ ତଦନ୍ତ କମିଟିର ରିପୋର୍ଟ


ଓଡ଼ିଶାର ଗ୍ରାମପଞ୍ଚାୟତଗୁଡ଼ିକ ପ୍ରତିଷ୍ଠିତ ହେଲା ଦିନୁ କପରି କାମ କରୁଛନ୍ତି ଓ ସେମାନଙ୍କର ସୁପରିଚାଳନା ନିମନ୍ତେ କି ପନ୍ଥା ଗ୍ରହଣ କରିବା ଉଚିତ, ସେ ବିଷୟରେ ଅନୁସନ୍ଧାନ କରି ସରକାରଙ୍କୁ ଉଚିତ ଉପଦେଶ ଦେବାପାଇଁ ଓଡ଼ିଶା ସରକାର ଏକ ଗ୍ରାମପଞ୍ଚାୟତ ତଦନ୍ତ କମିଟି ନିଯୁକ୍ତ କରିଥିଲେ । ଉକ୍ତ କମିଟି ଯେଉଁ ରିପୋର୍ଟ ଦେଇଛନ୍ତି, ତାହା ସର୍ବସାଧାରଣଙ୍କ ଗୋଚରାର୍ଥେ ଇଂରାଜୀରେ ପ୍ରକାଶ



ଯୋବ୍ରାଠାରୁ ଚୌଦ୍ୱାରକୁ ବହ୍ୟୁତ୍-ଶକ୍ତି ଚାଳିତ ନୌକା ଯାତ୍ରା : ବିକାଶମନ୍ତ୍ରୀ ଶ୍ରୀ ରାଧାନାଥ ରଥ ଏଥିରେ ଶୁଭ ଦେଇଥିଲେ



ଶକ୍ତିଚାଳିତ ନୌକା ଯାତ୍ରୀ ଓ ଯାନବାହନ ନେଇ କରି ଯୋବ୍ରାଠାରୁ ଚୌଦ୍ୱାରକୁ ଯାଉଅଛି । ଏଥିରେ ତା ୧୬।୮।୫୮ରେ ଶୁଭ ଯାତ୍ରା ହୋଇଥିଲା



ଝରାରସ୍ତ କେନାଲମାନଙ୍କର ରେଗୁଲେଟର ପଏଣ୍ଟ

ଯାଉଛି । ଏହି ତଦନ୍ତ କମିଟିର ରିପୋର୍ଟ ବିକ୍ରୟ ପାଇଁ ସରକାରୀ ଛାପାଖାନାରେ ରକ୍ଷିତ ଅଛି । ପ୍ରତି ଖଣ୍ଡର ମୂଲ୍ୟ ୫୨.୧୪ ନୂଆ ପଇସା ଧାର୍ଯ୍ୟ କରାଯାଇଅଛି । ଯେଉଁମାନେ ଏହି ରିପୋର୍ଟ କିଣିବାକୁ ଇଚ୍ଛା କରନ୍ତି, ସେମାନେ ସୁପରିଣ୍ଟେଣ୍ଡେଣ୍ଟ, ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ, କଟକ-୧ଙ୍କଠାରୁ କିଣି ପାରିବେ ।

## ଖୋର୍ଦ୍ଧା ଖାସମାହାଲ ଅଞ୍ଚଳରେ ମିଲାନ ଖସଡ଼ା କାର୍ଯ୍ୟ

ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ତରଫରୁ ନିମ୍ନଲିଖିତ ପ୍ରେସ ନୋଟ ପ୍ରକାଶିତ ହୋଇଛି :—

ଅଳ୍ପ ଦିନ ହେଲା ଖୋର୍ଦ୍ଧା ଖାସମାହାଲ ଅଞ୍ଚଳରେ ଆରମ୍ଭ ହୋଇଥିବା ମିଲାନ ଖସଡ଼ା କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କ ମନରେ କେତେକ ଆଶଙ୍କା ଉପୁଜିଛି ବୋଲି ସରକାରଙ୍କ ଦୃଷ୍ଟିକୁ ଆସିଛି । ସେ ଅଞ୍ଚଳରେ ଆରମ୍ଭ ହୋଇଥିବା ବନ୍ଦୋବସ୍ତ କାର୍ଯ୍ୟ ଅକାମୀ ଓ ଅସିଦ୍ଧ ହୋଇଯିବ ବୋଲି ସେମାନେ ମନେ କରୁଛନ୍ତି । ପ୍ରକୃତ ଅବସ୍ଥା ସ୍ପଷ୍ଟଭାବରେ ବୁଝାଇ ଦେବାପାଇଁ ନିମ୍ନଲିଖିତ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଗଲା ।

ଖାସମାହାଲ ଅଞ୍ଚଳମାନଙ୍କରେ ପ୍ରତି ବର୍ଷ ମିଲାନ ଖସଡ଼ା କାର୍ଯ୍ୟ ହୁଏ । ଖୋର୍ଦ୍ଧା ଖାସମାହାଲ ଅଞ୍ଚଳରେ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହେବାବେଳେ ଉକ୍ତ କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା । ବନ୍ଦୋବସ୍ତ କାର୍ଯ୍ୟ ସରିବା ଓ ଖାସମାହାଲ ରେକର୍ଡ଼ ସଂଶୋଧିତ ହେବା ପରେ ଯେଉଁସବୁ ପତିତ ଜମି ଦିଆଯାଇଥିଲା ତାହାକୁ ରେକର୍ଡ଼ଭୁକ୍ତ କରିବାପାଇଁ ଅଳ୍ପ ଦିନ ହେଲା ପୁଣି ମିଲାନ ଖସଡ଼ା କାର୍ଯ୍ୟ ଆରମ୍ଭ ହୋଇଥିଲା । ସ୍ୱତ୍ୱଲିପି ତିଆରି କରିବାପାଇଁ ଯେଉଁ ବିଧିବଦ୍ଧ ବନ୍ଦୋବସ୍ତ କାର୍ଯ୍ୟ ହେଉଛି, ମିଲାନ ଖସଡ଼ା କାର୍ଯ୍ୟଦ୍ୱାରା ସେଥିରେ କୌଣସି ବାଧା ପଡ଼ିବ ନାହିଁ । ଏ କାର୍ଯ୍ୟର ଅସଲ ଉଦ୍ଦେଶ୍ୟ କଣ, ତାହା ଲୋକେ ଠିକଭାବରେ ବୁଝି ନ ଥିବାରୁ ସରକାର ଏ କାର୍ଯ୍ୟ ରହିତ କରିବାପାଇଁ ଆଦେଶ ଦେଇଛନ୍ତି । ତହସିଲଦାର ନୋଟିସ ଦେବା ପରେ ଯେଉଁସବୁ ଦରଖାସ୍ତ ଦାଖଲ କରାଯାଇଛି, ସେଗୁଡ଼ିକ ସମ୍ପର୍କରେ ଖଜଣା ବନ୍ଦୋବସ୍ତ କାର୍ଯ୍ୟ ବେଳେ ଆବଶ୍ୟକୀୟ ବ୍ୟବସ୍ଥା କରିବା ନିମନ୍ତେ ସେଗୁଡ଼ିକୁ ଗଞ୍ଜାମ-ଢେଙ୍କାନାଳ ମେଜର ସେଟଲମେଣ୍ଟ ଅଫିସରଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ମଧ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କ ନିକଟକୁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ପଠାଯାଇଛି । ଯେଉଁ ପ୍ରଜାମାନେ ବର୍ତ୍ତମାନ ପର୍ଯ୍ୟନ୍ତ ତହସିଲଦାରଙ୍କ ପାଖକୁ ଦରଖାସ୍ତ କରି ନାହାନ୍ତି, ସେଥିଯୋଗୁ ସେମାନଙ୍କୁ କୌଣସି ପ୍ରକାର ଅସୁବିଧାରେ ପଡ଼ିବାକୁ ହେବ ନାହିଁ, କାରଣ ରାଜସ୍ୱ ବନ୍ଦୋବସ୍ତ ସମୟରେ ସେମାନେ ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱତ୍ୱଲିପିକୁ ସଂଶୋଧିତ କରାଇ ନେଇ ପାରିବେ । ଯେଉଁ ପରିବର୍ତ୍ତନ ଗୁଡ଼ିକ ଏଥିପୂର୍ବରୁ ତଥା ସ୍ୱତ୍ୱଲିପିର ଅଙ୍ଗୀଭୂତ ହୋଇଛି, ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି ଦରଖାସ୍ତ କରାଗଲେ ରାଜସ୍ୱ ବନ୍ଦୋବସ୍ତ କାର୍ଯ୍ୟ ଚୂଡ଼ାନ୍ତ ହେଲାବେଳେ ତାହା ତହିଁର ଅଙ୍ଗୀଭୂତ ହେବ । ପତିତ ଜମିର ବନ୍ଦୋବସ୍ତ କାର୍ଯ୍ୟ ପୂର୍ବପରି ଚାଲିବ ଓ ବର୍ଷାକାଳ ପରେ ରାଜସ୍ୱ ବନ୍ଦୋବସ୍ତ କାର୍ଯ୍ୟ ସରିଲେ ତହିଁର ରେକର୍ଡ଼ ବା କାଗଜପତ୍ର ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ତିଆରି କରାଯିବ ।

## ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ

ଓଡ଼ିଶା ସରକାରଙ୍କ ଶ୍ରମବିଭାଗ ଜଣାଇଛନ୍ତି :—

୧୯୫୬ ମସିହାରେ ରାଜ୍ୟ ସରକାର ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କରେ କାମ କରୁଥିବା ଲୋକଙ୍କର କାମ ଓ ଛୁଟିର ସର୍ତ୍ତ ନିୟନ୍ତ୍ରଣ କରିବା

ଉଦ୍ଦେଶ୍ୟରେ "୧୯୫୬ ମସିହାର ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ" ପ୍ରଣୟନ କରିଥିଲେ । ଉକ୍ତ ଆଇନର ବିଧାନମାନ କାର୍ଯ୍ୟକାରୀ କରିବା ନିମନ୍ତେ କେତେଗୁଡ଼ିଏ ନିୟମ ପ୍ରଣୟନ କରାଯାଇଅଛି ଓ ସେଗୁଡ଼ିକ ଓଡ଼ିଶା ଗେଜେଟ୍‌ରେ ଗତ ୯-୫-୫୮ ତାରିଖରେ ପ୍ରକାଶିତ ହୋଇଅଛି ।

ସରକାର ସ୍ଥିର କରିଅଛନ୍ତି ଯେ, ବର୍ତ୍ତମାନ ପାଇଁ ଉକ୍ତ ଆଇନର ବିଧାନମାନ କଟକ ନଗର ଏବଂ ପୁରୀ, ବ୍ରହ୍ମପୁର, ପାରଳାଖେମଣ୍ଡି, ବାଲେଶ୍ୱର, ବାରିପଦା, ସମ୍ବଲପୁର ଓ ଜୟପୁର ସହରରେ ଚଳିତ ମାସ ୧୫ ତାରିଖଠାରୁ କାର୍ଯ୍ୟକାରୀ ହେବ । ତଦନୁଯାୟୀ ରାଜ୍ୟର ଲେବର କମିଶନରଙ୍କୁ ଚିଫ୍-ଇନ୍‌ସ୍ପେକ୍ଟରରୂପେ ନିଯୁକ୍ତ କରାଯାଇଛି ଓ ନିମ୍ନଲିଖିତ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳପାଇଁ ଇନ୍‌ସ୍ପେକ୍ଟର ନିଯୁକ୍ତ ହୋଇଅଛନ୍ତି ।

| (କର୍ମଚାରୀଙ୍କ ନାମ) | (କର୍ମକ୍ଷେତ୍ର) |
|---|---|
| ୧ । ଲେବର ଅଫିସର (ସଦର ମହକୁମା) କଟକ | କଟକ ମ୍ୟୁନିସିପାଲିଟି ଅଞ୍ଚଳ |
| ୨ । ସହକାରୀ ଲେବର ଅଫିସର, କଟକ | ,, |
| ୩ । ସହକାରୀ ଲେବର ଅଫିସର, ଜଟଣୀ | ପୁରୀ ମ୍ୟୁନିସିପାଲିଟି ଅଞ୍ଚଳ |
| ୪ । ଲେବର ଅଫିସର, ବ୍ରହ୍ମପୁର | ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ଅଞ୍ଚଳ |
| ୫ । ଲେବର ଅଫିସର, ବାଲେଶ୍ୱର | ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳ |
| ୬ । ଲେବର ଅଫିସର, ରାଇରଙ୍ଗପୁର | ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳ |
| ୭ । ଲେବର ଅଫିସର, ସମ୍ବଲପୁର | ସମ୍ବଲପୁର ମ୍ୟୁନିସିପାଲିଟି ଅଞ୍ଚଳ |
| ୮ । ସହକାରୀ ଲେବର ଅଫିସର, ରାୟଗଡ଼ା | ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳ |

୧୯୪୨ ମସିହାର ସାପ୍ତାହିକ ଆଇନ ଅନୁଯାୟୀ ଯେଉଁ ସବ୍‌ଡିଭିଜନାଲ ଅଫିସରମାନେ ଉପରୋକ୍ତ ଅଞ୍ଚଳମାନଙ୍କରେ ଇନ୍‌ସ୍ପେକ୍ଟରରୂପେ କାର୍ଯ୍ୟ କରୁଥିଲେ, ସେମାନେ ଆସନ୍ତା ୧୫-୮-୫୮ ତାରିଖଠାରୁ ଆଉ ତାହା କରିବେ ନାହିଁ ।

---

## ଓଡ଼ିଶା କାଠଜିନିଷ କାରଖାନା

ଓଡ଼ିଶାର ଶିଳ୍ପବିଭାଗ ଡିରେକ୍ଟର ଜଣାଇଛନ୍ତି:—

ଆମେ ଆନନ୍ଦର ସହିତ ଘୋଷଣା କରୁଛୁ ଯେ ଓଡ଼ିଶା ସରକାରଙ୍କ ଅନୁମୋଦିତ "ଓଡ଼ିଶା କାଠଜିନିଷ କାରଖାନା କଟକ"ର ଶିଳ୍ପ ଅଞ୍ଚଳରେ ଅଳ୍ପଦିନ ହେଲା ସ୍ଥାପିତ ହୋଇଛି । ଏହି କାରଖାନାରେ ଉତ୍ପାଦନ ଆରମ୍ଭ ହେଲଣି । ଏଠାରେ ଅଫିସ, କଲେଜ ଓ ସ୍କୁଲପାଇଁ ସବୁପ୍ରକାର ଆସବାବପତ୍ର, ଝରକା, କବାଟ ଓ କାଠଜିନିଷ ତିଆରି କରିବାପାଇଁ ବରାଦ ନିଆଯାଏ । ଯେଉଁ ବ୍ୟକ୍ତି ଓ ଅନୁଷ୍ଠାନମାନେ କାଠଜିନିଷମାନ ଏ କାରଖାନାରେ ବରାଦ ଦେବାକୁ ଚାହାନ୍ତି, ସେମାନେ ଅନୁଗ୍ରହପୂର୍ବକ କାରଖାନା ପରିଦର୍ଶନ କରି ଯାଆନ୍ତୁ । କାଠଜିନିଷ ସମ୍ପର୍କରେ ସବିଶେଷ ବିବରଣୀ "ବିଜିନେସ୍ ମ୍ୟାନେଜର, ଉଡ୍ ଓ୍ୱାର୍କସ୍ ଫାକ୍ଟ୍ରି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, କଟକ"ଙ୍କଠାରୁ ମିଳିବ । ଏ ଶିଳ୍ପର ସଫଳତାପାଇଁ ଆପଣଙ୍କର ସହଯୋଗ ପ୍ରାର୍ଥନୀୟ ।

---

## ଗୋରୁଗାଈମାନଙ୍କୁ ମାତା ବା ଗୋବସନ୍ତରୁ ରକ୍ଷା କରନ୍ତୁ

ବସନ୍ତ ଗୋରୁଗାଈ ଓ ମଇଁଷମାନଙ୍କର ଗୋଟିଏ ମାରାତ୍ମକ ରୋଗ । ଏହା ପଶୁମାନଙ୍କୁ ଅଗ୍ନିଜଳ ଆକ୍ରମଣ କରେ । ଭାରତର ପ୍ରାୟ ସବୁ ଅଞ୍ଚଳରେ ଏହି ରୋଗ ଦେଖାଯାଏ ଓ ଥରେ ଆରମ୍ଭ ହେଲେ ମହାମାରୀ ପରି ବ୍ୟାପେ ।

ପ୍ରତିବର୍ଷ ପ୍ରାୟ ଦୁଇ ଲକ୍ଷ ଗୋରୁଗାଈ ଏହି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାନ୍ତି । ଯେଉଁଗୁଡ଼ିକ ବା ବଞ୍ଚି ରହନ୍ତି, ସେମାନଙ୍କର କାର୍ଯ୍ୟକ୍ଷମତା ଓ ଉତ୍ପାଦିକା ଶକ୍ତି ଯଥେଷ୍ଟ କମିଯାଏ । କୃଷିକାର୍ଯ୍ୟ ଓ ଦୁଗ୍ଧ ଉତ୍ପାଦନରେ ପ୍ରଚୁର କ୍ଷତି ହୁଏ । ଏଭଳି ଗୋରୁଗାଈଙ୍କୁ କେହି କିଣିବାକୁ ଚାହାନ୍ତି ନାହିଁ । ତେଣୁ ବହିର୍ବାଣିଜ୍ୟରେ କ୍ଷତି ଘଟେ । ଯେଉଁ ଦେଶମାନଙ୍କରେ ଭାରତୀୟ ପଶୁମାନଙ୍କର ଖୁବ୍ ଚାହିଦା ଅଛି, ସେମାନେ ଏହି ମାରାତ୍ମକ ରୋଗ ଭୟରେ ଆମ ଦେଶରୁ ଗୋରୁଗାଈ ନେବାକୁ ରାଜି ହୁଅନ୍ତି ନାହିଁ । ଫଳରେ ଆମ ଦେଶର ବାର୍ଷିକ ପ୍ରାୟ ତିରିଶ କୋଟି ଟଙ୍କା ହାନି ହୁଏ ।

ଏହି ମାରାତ୍ମକ ରୋଗରୁ ନିଜ ନିଜର ଗୋରୁଗାଈଙ୍କୁ ରକ୍ଷା କରିବା ପାଇଁ ଏକ ଉତ୍କୃଷ୍ଟ ପ୍ରତିଷେଧକ ଟୀକା ଆବିଷ୍କୃତ ହୋଇଅଛି । ଏହି ପ୍ରତିଷେଧକ ଟୀକା ସୁସ୍ଥ ପଶୁ ଦେହରେ ସ୍ଥାୟୀ "ରୋଗ-ନିରୋଧକ ଶକ୍ତି" ସଞ୍ଚାର କରେ । ଅତଏବ ଆପଣଙ୍କର ଗୋରୁଗାଈ-ମାନଙ୍କୁ "ଗୋ ବସନ୍ତ ବା ମାତା" କବଳରୁ ରକ୍ଷା କରିବା ପାଇଁ ଏହି ଟୀକା ଦିଆଇ ଦିଅନ୍ତୁ ।

ମନେ ରଖନ୍ତୁ, ବିନା ମୂଲ୍ୟରେ ଦେଶସାରା ସବୁ ଗୋରୁ ଓ ମଇଁଷମାନଙ୍କୁ ଟୀକା ଦେବାପାଇଁ ସରକାର ଗୋଟିଏ କାର୍ଯ୍ୟକ୍ରମ ସ୍ଥିର କରାଇଛନ୍ତି । ତାଲିମପ୍ରାପ୍ତ ପଶୁଡାକ୍ତରମାନେ ଗାଁ ଗାଁ ଯାଇ ପ୍ରତ୍ୟେକ ଗୋରୁ ଓ ମଇଁଷମାନଙ୍କୁ ଟୀକା ଦେବେ । ଖୁବ୍ ନିକଟରେ କର୍ମୀଦଳ ଆପଣଙ୍କ ଗାଁରେ ମଧ୍ୟ ପହଞ୍ଚିବେ । ଏ ବିଷୟରେ ଆପଣଙ୍କ ଗାଁକୁ ଆଗରୁ ଖବର ଯିବ । କର୍ମୀଦଳ ପହଞ୍ଚିଲା ପରେ ଆପଣଙ୍କର ସମସ୍ତ ଗାଈଗୋରୁ ଓ ମଇଁଷମାନଙ୍କୁ ଟୀକା ଦିଆଇ ଦିଅନ୍ତୁ ।

### ମନେ ରଖନ୍ତୁ

* ଏହି ଟୀକା ଦ୍ୱାରା କୌଣସି ପୀଡ଼ା ବା କ୍ଷତି ହୁଏ ନାହିଁ ।
* ଟୀକା ଦେବା ପରେ ମଧ୍ୟ କୌଣସି କୁଫଳ ହୁଏ ନାହିଁ ।
* ପଶୁମାନଙ୍କୁ କାମରୁ ଅନ୍ତର କରି ରଖିବାକୁ ପଡ଼େ ନାହିଁ ।
* ଗାଈର ଦୁଗ୍ଧର ପରିମାଣ କେବେ ବା ଦୁଇ-ଦିନ ପାଇଁ ଅତି ସାମାନ୍ୟ କମିଯାଇ ପୁଣି ପୂର୍ବାବସ୍ଥାକୁ ଫେରିଆସେ ।
* ଟୀକା ଦେଇଥିବା ପଶୁ ଗୋ-ବସନ୍ତ ଦ୍ୱାରା ମୋଟେ ଆକ୍ରାନ୍ତ ହୁଅନ୍ତି ନାହିଁ ।

ଟୀକା ନେବା ପରେ ପଶୁକାନରେ ଗୋଟିଏ ସ୍ୱତନ୍ତ୍ର ଚିହ୍ନ "O" ବସାଇ ଦିଆଯିବ । ଏହା ପଶୁର ରୋଗ ପ୍ରତିଷେଧକ ଶକ୍ତିର ସୂଚନା । ଏହି ସଙ୍କେତ ଥିଲେ ଆପଣଙ୍କ ଗାଈଗୋରୁ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହୋଇ ପାରିବେ ।

କର୍ମୀଦଳ ଆପଣଙ୍କ ଗାଁକୁ ଯାଉଥିବା ଦିନ ଓ ତାରିଖ ପାଇଁ ଅପେକ୍ଷା କରନ୍ତୁ । ନିଜ ନିଜର ଗୋରୁ ଓ ମଇଁଷମାନଙ୍କୁ ସେଦିନ ଟୀକା ଦିଆଇ "ଗୋବସନ୍ତ" କବଳରୁ ରକ୍ଷା କରନ୍ତୁ ।

---

## ଲୋକସହାୟକ ସେନା ଶିବିର

ଅକ୍ଟୋବର ପନ୍ଦରତାରୁ ସମ୍ବଲପୁରରେ ଏହି ଶିବିର ଖୋଲିବ ।

ଭାରତୀୟ ନାଗରିକମାନଙ୍କର ଶୃଙ୍ଖଳା-ଜ୍ଞାନ ଓ ଦାୟିତ୍ୱବୋଧର ବିକାଶ ପାଇଁ ଏବଂ ସେମାନଙ୍କୁ ସ୍ୱାଧୀନ ଦେଶର ନାଗରିକ କର୍ତ୍ତବ୍ୟ ପାଳନ ନିମିତ୍ତ ଅଧିକ ଉପଯୁକ୍ତ କରିବା ଉଦ୍ଦେଶ୍ୟରେ ଭାରତ ସରକାର ବହୁସଂଖ୍ୟକ ଯୁବକ ଓ କାର୍ଯ୍ୟକ୍ଷମ ଲୋକଙ୍କୁ ମୌଳିକ ସାମରିକ ଶିକ୍ଷା ଦେବା ପାଇଁ ସ୍ଥିର କରିଅଛନ୍ତି । ଏଥିପାଇଁ ସରକାର ଲୋକସହାୟକ ସେନା ଗଠନ କରିଛନ୍ତି । ଭାରତର ବିଭିନ୍ନ ସ୍ଥାନରେ ଏହି ସେନା ସଂଗଠନ ପାଇଁ ତାଲିମ ଶିବିରମାନ ସ୍ଥାପନ କରାଯାଇ ସେଠାରେ ବହୁସଂଖ୍ୟକ ନାଗରିକଙ୍କୁ ତାଲିମ ଦିଆଯାଉଅଛି ।

ମୟୂରଭଞ୍ଜ ଜିଲ୍ଲାର ନାଗରିକମାନଙ୍କୁ ଏହି ସୁଯୋଗ ଦେବା ଉଦ୍ଦେଶ୍ୟରେ ୧୯୫୮ ଅକ୍ଟୋବର ପହିଲାଠାରୁ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ଏକମାସ ପାଇଁ ରାଇରଙ୍ଗପୁରଠାରେ ଲୋକସହାୟକ ସେନା ତାଲିମ ଶିବିର ଖୋଲାଯାଉଅଛି । ୧୮ ବର୍ଷଠାରୁ ୪୦ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ଷମ ନାଗରିକ ଏ ସେନାରେ ଯୋଗଦାନ କରି ପାରିବେ । ସେମାନଙ୍କର ଉଚ୍ଚତା ଅନ୍ୟୂନ ୫ ଫୁଟ ଏବଂ ଛାତିର ମାପ ୨୯-୩୧ ଇଞ୍ଚ ହେବା ଆବଶ୍ୟକ ।

ଯେଉଁମାନେ ଆଗରୁ ସୈନିକ ଥିଲେ ବା ପୋଲିସ ବିଭାଗରେ କାର୍ଯ୍ୟ କରୁଥିଲେ ବା ଲୋକସହାୟକ ସେନା ଶିବିରରେ ଶିକ୍ଷା ପାଇଥିଲେ ଅଥବା ଏନ୍. ସି. ସି.ର ମେମ୍ବର ଥିଲେ, ସେମାନଙ୍କୁ ଶିବିରରେ ଗ୍ରହଣ କରାଯିବ ନାହିଁ । ଯେଉଁ ସ୍କୁଲଛାତ୍ରମାନେ ଲୋକସହାୟକ ସେନା ଶିବିରରେ ଯୋଗ ଦେବାକୁ ଚାହିଁବେ, ସେମାନେ ହେଡ୍‌ମାଷ୍ଟରଙ୍କଠାରୁ ସାର୍ଟିଫିକେଟ୍ ଆଣି ଦେଖାଇବେ । ସେହି ସାର୍ଟିଫିକେଟ୍‌ରେ ସ୍ପଷ୍ଟ ଲେଖାଥିବ ଯେ ସେମାନେ ଏନ୍. ସି. ସି. ବା ଏ. ସି. ସି. ର ମେମ୍ବର ନୁହନ୍ତି ଏବଂ ସ୍କୁଲ ରେଜିଷ୍ଟର ଅନୁଯାୟୀ ସେମାନଙ୍କର ବୟସ ୧୮ ବର୍ଷରୁ ଊଣା ନୁହେଁ ।

ଯେଉଁମାନେ ଏଥିରେ ଯୋଗଦେବେ, ସେମାନଙ୍କୁ ଉଲ୍ଲିଖିତ ତାଲିମ ଶିବିରରେ ତାଲିମ ଗ୍ରହଣ କରିବାକୁ ହେବ । ତାଲିମ ସମୟ ମଧ୍ୟରେ ଶିକ୍ଷାର୍ଥୀମାନଙ୍କୁ ବିନା ମୂଲ୍ୟରେ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଯୋଗାଇ ଦିଆଯିବ । ଶିକ୍ଷାର୍ଥୀମାନଙ୍କୁ ଶିବିରରେ ଯୋଗଦେବା ପାଇଁ କୌଣସି ଗସ୍ତଖର୍ଚ୍ଚ ଦିଆଯିବ ନାହିଁ । କେବଳ ସନ୍ତୋଷଜନକ ଭାବରେ ଶିକ୍ଷା ଶେଷ କଲେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ହାତଖର୍ଚ୍ଚ ପାଇଁ ଟ ୧୫୯ ଲେଖାଏଁ ଦିଆଯିବ ।

ଉଲ୍ଲିଖିତ ରାଇରଙ୍ଗପୁର ତାଲିମ ଶିବିରରେ ୬୨୫ ଜଣ ଶିକ୍ଷାର୍ଥୀଙ୍କ ପାଇଁ ତାଲିମ ବ୍ୟବସ୍ଥା କରାଯାଇଅଛି । ରାଇରଙ୍ଗପୁରଠାରେ ୧୯୫୮ ସେପ୍ଟେମ୍ବର ୨୯ ତାରିଖଠାରୁ ଅକ୍ଟୋବର ପହିଲା ପର୍ଯ୍ୟନ୍ତ ଶିବିରପାଇଁ ଶିକ୍ଷାର୍ଥୀ ମନୋନୟନ କରାଯିବ । ଆଶା କରାଯାଏ, ଉନ୍ନତକାମୀ ଯୁବକମାନେ ଉକ୍ତ ତାରିଖମାନଙ୍କରେ ରିକ୍ରୁଟିଂ ଅଫିସରଙ୍କୁ ସାକ୍ଷାତ କରି ତାଲିମ ଶିବିରରେ ଯୋଗଦେବା ନିମନ୍ତେ ନିଜ ନିଜର ନାମ ରେଜିଷ୍ଟ୍ରିଭୁକ୍ତ କରାଇନେବେ ।

---

## ଜାତୀୟ ସଙ୍ଗୀତର ଅନୁମୋଦିତ ପାଠ

"ଜନଗଣମନ" ଜାତୀୟ ସଙ୍ଗୀତର ଐକତାନିକ, ସମବେତ କଣ୍ଠ-ଗୀତ ଓ ସାମରିକ ବାଦ୍ୟ-ସମ୍ବଳିତ ଗାନ ଓ ବାଦନକୁ ପ୍ରମାଣୀକୃତ କରାଯାଇଛି । ଏହାର ଅନୁମୋଦିତ ପାଠ ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହୃତ ହେବା ସକାଶେ ଗ୍ରାମୋଫୋନ କମ୍ପାନୀମାନଙ୍କୁ ମିଳିବ ।

ଭାରତ ସରକାର ଦୃଢ଼ତାର ସହିତ ଘୋଷଣା କରିବାକୁ ଚାହାନ୍ତି ଯେ ଉଭୟ ସାଧାରଣ ଓ ବେସରକାରୀ ଉତ୍ସବମାନଙ୍କରେ ସର୍ବସାଧାରଣଙ୍କର ଏହାର କେବଳ ଅନୁମୋଦିତ ପାଠଟି ବ୍ୟବହାର କରିବା ଉଚିତ ।

ଯଦି କୌଣସି ଗ୍ରାମୋଫୋନ କମ୍ପାନୀ ଜାତୀୟ ସଙ୍ଗୀତର ଗୀତଗାନର ସମବେତ କଣ୍ଠ ଓ ସାମରିକ ବାଦ୍ୟର ପ୍ରାମାଣିକ ପାଠକୁ ରେକର୍ଡ଼ କରିବାକୁ ଚାହାନ୍ତି, ସେ "ଡିରେକ୍ଟର ଜେନେରାଲ, ଅଲ୍ ଇଣ୍ଡିଆ ରେଡ଼ିଓ, ବ୍ରଡ୍‌କାଷ୍ଟିଙ୍ଗ ହାଉସ, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆ ଦିଲ୍ଲୀଙ୍କ ସହିତ ପତ୍ରାଳାପ କରନ୍ତୁ । ଟ ୫୦୯ ଫିସ ଦାଖଲ କଲେ ସେ କୋମ୍ପାନୀଙ୍କୁ ଅନୁମୋଦିତ ପାଠର ଏକ ନକଲ ଯୋଗାଇ ଦିଆଯିବ ।

---

## କୃଷି ବିଭାଗରେ ଜଣେ ଡାଇରେକ୍ଟରର ନିଯୁକ୍ତି

ଓଡ଼ିଶା ସରକାରଙ୍କ ପ୍ରକାଶ ବିଭାଗ ଜଣାଇଛନ୍ତି:—

ଗତ କେତେ ଦିନ ହେଲା ଓଡ଼ିଶାର କେତେକ ସମ୍ବାଦପତ୍ରରେ ଓଡ଼ିଶାର କୃଷି ବିଭାଗରେ ଜଣେ ଡାଇରେକ୍ଟର ନିଯୁକ୍ତି ବିଷୟରେ କେତେକ କପୋଳକଳ୍ପିତ ସମ୍ବାଦ ପ୍ରକାଶ ପାଇଅଛି । ସରକାର ଜଣାଇ ଦେବାକୁ ଚାହାନ୍ତି ଯେ ଏ ସବୁ ସମ୍ବାଦରେ କିଛି ଭିତ୍ତି ନାହିଁ । ପ୍ରକୃତରେ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ମାତ୍ର ଜଏଣ୍ଟ ଡାଇରେକ୍ଟର ନିଯୁକ୍ତି ବିଷୟ ସରକାରଙ୍କ ବିବେଚନାଧୀନ ଅଛି । ଏହାର ସମସ୍ତ ବ୍ୟୟ ଭାରତ ସରକାର ତୁଲାଇବେ । ଏ ବିଷୟରେ କୌଣସି ଶେଷ ନିଷ୍ପତ୍ତି ଏ ପର୍ଯ୍ୟନ୍ତ ହୋଇନାହିଁ । ଏହାଛଡ଼ା ଆଉ କେତେ ସମ୍ବାଦ ଏ ବିଷୟରେ ବାହାରିଛି, ତାହା ମଧ୍ୟ ଭିତ୍ତିହୀନ ।

---

## 'ଏନ୍‌ଡ୍ରେକ୍‌ସ'ର ବ୍ୟବହାର ପ୍ରଣାଳୀ

ଓଡ଼ିଶାର କୃଷି ସମ୍ବାଦ ସରବରାହ ବିଭାଗ ଜଣାଇଛନ୍ତି :—

"ଏନ୍‌ଡ୍ରେକ୍‌ସ" ବିଭିନ୍ନ ପ୍ରକାର ଫସଲ ନଷ୍ଟ କରୁଥିବା ପୋକଙ୍କୁ ବିନାଶ କରିବାପାଇଁ ବ୍ୟବହାର କରାଯାଏ ।

ଏହା ଖୁବ୍ ଶକ୍ତିଶାଳୀ । ତେଣୁ ଅଳ୍ପ ପରିମାଣରେ ଏନ୍‌ଡ୍ରେକ୍‌ସ ବ୍ୟବହାର କରି ଫସଲକୁ ପୋକଦାଉରୁ ରକ୍ଷା କରାଯାଏ ।

ଏହା ଅନେକ ଦିନ ଫସଲରେ ଲାଗି ରହେ । ତେଣୁ ଧାନ ପ୍ରଭୃତି ଫସଲ ପାଇଁ ଏହାକୁ ୨।୩ ଥର ବ୍ୟବହାର କରିବାକୁ ପଡ଼େ ।

ଏହାକୁ ପାଉଡ଼ରର ଆକାରରେ ଓ ପାଣିରେ ଗୋଳାଇ ବ୍ୟବହାର କରାଯାଏ ।

(୧) ଧାନ ଗଣ୍ଡିକଟା ପୋକ ବା ବଗପଖିଆ [Stem-borer], (୨) ଭଣ୍ଡି ବା ପତ୍ରକଟା ପୋକ [ Rice-case .Worm ], (୩) ମଲ୍ଲିଓ ପୋକ ବା ଭଡ଼ିଆ [ Rice Hispa ], (୪) ମହୁଆ ବା ଗନ୍ଧି ପୋକ [ Rice Bug ] ଓ (୫) ବରଣୀ ବା ଦଳବଦ୍ଧ ପତଙ୍ଗ [ Army Worm ] ପ୍ରଭୃତିଙ୍କୁ ବିନାଶ କରିବାପାଇଁ ୧୨ ଆଉନ୍‌ସ ଏନ୍‌ଡ୍ରେକ୍‌ସ ( ସିଗାରେଟ୍ ଟିଣରେ ୧½ ଟିଣ ) ଯଥେଷ୍ଟ ପରିମାଣର ପାଣିରେ ମିଶାଇ ୧ ଏକର ଜମିରେ ପିଚକାରୀ କରିବାଦ୍ୱାରା ଏ ପୋକଗୁଡ଼ିକ ନଷ୍ଟ ହୋଇ ଯାଆନ୍ତି ।

୧୮ ଆଉନ୍‌ସ ଏନ୍‌ଡ୍ରେକ୍‌ସ ଯଥେଷ୍ଟ ପରିମାଣର ପାଣିରେ ଗୋଳାଇ ୧ ଏକର ଧାନ ଜମିରେ ପିଚକାରୀ କଲେ ଧାନର ଧଳିଆ ପୋକ ନଷ୍ଟ ହୋଇଯାଆନ୍ତି ।

ଏନ୍‌ଡ୍ରେକ୍‌ସ ୮ ଆଉନ୍‌ସ (ସିଗାରେଟ ଟିଣରେ ୧ ଟିଣ) ଯଥେଷ୍ଟ ପରିମାଣରେ ପାଣିରେ ମିଶାଇ ପିଚକାରୀ କଲେ ୧ ଏକର ଆଖୁ ଫସଲର ପାଇରିଲ (Pyrilla), ଧଳାମାଛି (White Fly) ଓ ଆଖୁ ଓଡ଼ଣ (Sugar Cane Ligacid Bug) ନଷ୍ଟ ହୁଅନ୍ତି ।

ଆମ୍ବ-ଡାଆଁଶି ( Mango Hopper ) ହାତରୁ ଆମ୍ବ ବଉଳକୁ ରକ୍ଷା କରିବାକୁ ହେଲେ ଗଛ

ପ୍ରତି ½ ଆଉନ୍ସ ଏନ୍‌ଡ୍ରେକ୍ସ ପାଣିରେ ମିଶାଇ ପିଚକାରି କରିବ ।

କଖାରୁ ଓ କାକୁଡ଼ି ପ୍ରଭୃତି ଅଧିକାଂଶ ଲୋକଙ୍କର ବ୍ୟବହାର୍ଯ୍ୟ ଫଳ । ତେଣୁ ସେମାନଙ୍କୁ ନଷ୍ଟ କରିବାପାଇଁ ଏନଡ୍ରେକ୍ସ ଗୁଣ୍ଡକୁ (Dusting) ସିଞ୍ଚ ଦିଆଯାଏ ।

ଖଇରିଆ ପାଗରେ ଏନଡ୍ରେକ୍ସ ଉପଯୋଗ କରିବ ।

ସତର୍କତା :—

ମଣିଷ ଓ ଜୀବଜନ୍ତୁଙ୍କ ପ୍ରତି ଏହା ଗୋଟିଏ ବିଷାକ୍ତ ପଦାର୍ଥ ହୋଇଥିବାରୁ ସାବଧାନତାସହକାରେ ଏହାକୁ ବ୍ୟବହାର କରିବ ।

ହାତରେ ନ ଗୋଳାଇ ଖଣ୍ଡେ ବାଡ଼ି ବା ଚାଟୁରେ ଗୋଳାଇବ, ଯେପରି କି ହାତରେ ବା କୌଣସି ଅଙ୍ଗ-ପ୍ରତ୍ୟଙ୍ଗରେ ଏହା ନ ଲାଗେ ।

ଯଦି ଏହା କୌଣସି ଅଙ୍ଗପ୍ରତ୍ୟଙ୍ଗ ବା ଲୁଗା-ପଟାରେ ଲାଗେ, ଶୀଘ୍ର ସାବୁନ ଦେଇ ସଫା କରିଦେବ ।

ନିଶ୍ୱାସରେ ଏହାର ବାମ୍ପ ଯେପରି ନ ଯାଏ, ସେଥିପ୍ରତି ସତର୍କ ହେବ । ଆଖିରେ ଏହାର କୌଣସି ଛିଟା ଲାଗିଲେ ୧୦ ମିନଟରୁ ଅଧିକ ସମୟ ପରିଷ୍କାର ପାଣିରେ ଆଖି ଧୋଇବ ଏବଂ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବ । କୌଣସି ପ୍ରକାରେ ଏହା ଖାଇ ହୋଇ ଯାଇଥିଲେ, ବାନ୍ତି କରାଇ ଏହାକୁ ପେଟରୁ ବାହାର କରିଦେବା ଆବଶ୍ୟକ ।

ନିକଟରେ କୌଣସି ଫସଲରେ ଏନ୍‌ଡ୍ରେକ୍ସ ପ୍ରୟୋଗ ହୋଇଥିଲେ ସେ ଫସଲକୁ ଗୋରୁଗାଈଙ୍କୁ ଖାଇବାକୁ ଦେବା ନିଷେଧ । ଏହା ପ୍ରୟୋଗ ହେବାର ଖୁବ୍ କମରେ ମାସକପରେ ସେ ଫସଲ ଗୋରୁଗାଈଙ୍କୁ ଖାଇବାକୁ ଦିଆଯାଇପାରେ ।

---

## ଉନ୍ନତ ପ୍ରଣାଳୀରେ ଧୂଆଁପତ୍ର ଚାଷ ସଂପର୍କରେ ତାଲିମ

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଅନୁସାରେ ଭର୍ଜିନିଆ ଧୂଆଁପତ୍ର ଉତ୍ପାଦନର ଉନ୍ନତ ପ୍ରଣାଳୀ ସଂପର୍କରେ ରାଜମହେନ୍ଦ୍ରୀଠାରେ ଥିବା ସେଣ୍ଟ୍ରାଲ ଟବାକୋ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ରେ ତାଲିମ ଦିଆଯିବ । ଯେଉଁମାନେ ଭର୍ଜିନିଆ ଧୂଆଁପତ୍ର ଉତ୍ପାଦନ ବିଷୟରେ ଆଗ୍ରହାନ୍ୱିତ ସେମାନଙ୍କୁ ଓ ବିଶେଷ କରି ଉନ୍ନତ ପ୍ରଣାଳୀରେ ତଳମୁଣ୍ଡା ଉଠାଇବା, ଚାଷ କରିବା, ରଖାଥିଆ କରିବା, ଝୁଣ୍ଟାଝୁଣ୍ଟି କରିବା ଓ ଶ୍ରେଣୀ ବିଭାଗ କରିବାକୁ ଇଚ୍ଛୁକ ଥିବା ଚାଷୀମାନଙ୍କୁ ତାଲିମ ଦେବା ହେଉଛି ଏହି ଅନୁଷ୍ଠାନର ଉଦ୍ଦେଶ୍ୟ । ଧୂଆଁପତ୍ର ଉତ୍ପାଦନରେ ନିମ୍ନଲିଖିତ ବିଷୟରେ ପୁସ୍ତକଗତ ଓ ବ୍ୟାବହାରିକ ଶିକ୍ଷା ଦିଆଯିବ ।

ତଳମୁଣ୍ଡା :—

(୧) ପଟାଳ ବିଆସ୍ତ ପ୍ରସ୍ତୁତ କରିବା, ଖତ ପକାଇବା, ରୋଗ ଓ ପୋକ ଦାଉରୁ ଚାରାକୁ ରକ୍ଷା କରିବା ।

(୨) ଗଛ ଲଗାଇବା, ପାଣି ଦେବା ଓ ଘାସ ବାଛିବା ।

(୩) ପୋକ ଓ ରୋଗ ନିୟନ୍ତ୍ରଣ ପାଇଁ ରାସାୟନିକ ସାର ବ୍ୟବହାର କରିବା ।

କ୍ଷେତ :—

(୧) ପ୍ରାରମ୍ଭିକ ଚାଷ ଓ ଖତ ପକାଇବା ।

(୨) ରୁଆରୋଇ କରିବା ଓ କ୍ଷେତ୍ରୁଆ ପକାଇବା ।

(୩) ବିଦାଦେବା ଓ ଘାସ ବାଛିବା ।

(୪) ଜମିକୁ ପରିଷ୍କାର ରଖିବା ଓ ରୋଗିଣା ଗଛ ଉପାଡ଼ି ଫୋପାଡ଼ିଦେବା ।

(୫) ରୋଗ ଓ ପୋକ ନିୟନ୍ତ୍ରଣ ।

ଅମଳ କରିବା ଓ ଜମିକୁ ପାଟେଇବା :—

(୪) ଅମଳ କରିବା, ଶୁଖାଇବା କରିବା, ମେଣ୍ଟା ସିଝେଇ କରିବା, ବସ୍ତାରେ ବାନ୍ଧିବା ଓ କାରଖାନାକୁ ପଠାଇବା ।

ଏଠାରେ ତେଲଗୁ ଓ ଇଂରାଜୀ ଭାଷାରେ ଶିକ୍ଷା ଦିଆଯିବ । ୧୯୫୮ ସେପ୍ଟେମ୍ବର ପହିଲାଠାରୁ ୧୯୫୮ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଶିକ୍ଷା ଦିଆଯିବ । କିନ୍ତୁ କେବଳ ଫସଲ ଅମଳ କରିବା ଓ ପାଟେଇବା ସଂପର୍କରେ ତାଲିମ ନେବାକୁ ଇଚ୍ଛା କରୁଥିବା ଶିକ୍ଷାର୍ଥୀମାନଙ୍କୁ ୧୯୫୯ ଜାନୁଆରୀ ୧୫ ତାରିଖଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଶିକ୍ଷା ଦିଆଯିବ । ଏହା ଛଡ଼ା ଉତ୍ପାଦନର ୩ଟି ପର୍ଯ୍ୟାୟ ମଧ୍ୟରୁ ପ୍ରତ୍ୟେକରେ ପ୍ରାୟ ଏକ ସପ୍ତାହ ପାଇଁ ସଂକ୍ଷିପ୍ତ ବ୍ୟାବହାରିକ ତାଲିମ ନେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ । ବିନା ଖର୍ଚ୍ଚରେ ତାଲିମ ଦିଆଯିବ; କିନ୍ତୁ ଶିକ୍ଷାର୍ଥୀମାନଙ୍କୁ ନିଜ ଖର୍ଚ୍ଚରେ ତାଲିମ ସମୟରେ ରହିବା, ଖାଇବା ଓ ଦରକାର ହେଲେ ଭ୍ରମଣ କରିବାର ବ୍ୟବସ୍ଥା କରିବାକୁ ହେବ । ଆଉ ମଧ୍ୟ ଶିକ୍ଷାର୍ଥୀମାନେ ରହିବା ଓ ଖାଇବା ପାଇଁ ନିଜେ ବ୍ୟବସ୍ଥା କରିବେ । ଶିକ୍ଷାର୍ଥୀମାନଙ୍କୁ କୌଣସି ବୃତ୍ତି ପ୍ରଦତ୍ତ ଦିଆଯିବ ନାହିଁ । ତାଲିମ ପାଇ ସାରିବା ପରେ ନିଯୁକ୍ତ ଦିଆଯିବ ବୋଲି କୌଣସି ପ୍ରତିଶ୍ରୁତି ଦିଆଯିବ ନାହିଁ ।

ଯେଉଁମାନେ ଉକ୍ତ ତାଲିମ ପାଇବାକୁ ଇଚ୍ଛା କରନ୍ତି, ସେମାନେ ଦରଖାସ୍ତ ପଠାନ୍ତୁ । ପ୍ରାର୍ଥୀମାନେ କିପରି ଲେଖିପଢ଼ି ପାରନ୍ତି, ତାଙ୍କ ନିଜ ପିତାମାତାଙ୍କ ହାତରେ କେତେ ଧୂଆଁପତ୍ର ଜମି ଅଛି, ସାଧାରଣ ଭାବରେ କୃଷିକାର୍ଯ୍ୟରେ ଓ ବିଶେଷ ଭାବରେ ଧୂଆଁପତ୍ର ଚାଷ କରିବା ଓ ପାଟେଇବା ସମ୍ପର୍କରେ ତାଙ୍କର କି ଅଭିଜ୍ଞତା ଅଛି, ସେ ସବୁ ଦରଖାସ୍ତରେ ଉଲ୍ଲେଖ କରିବାକୁ ହେବ । ଦରଖାସ୍ତଗୁଡ଼ିକ ୧୯୫୮ ଅଗଷ୍ଟ ୨୧ ତାରିଖ ପୂର୍ବରୁ "ଡିରେକ୍ଟର, ଟବାକୋ ରିସର୍ଚ୍ଚ, ସେଣ୍ଟ୍ରାଲ ଟବାକୋ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ରାଜମହେନ୍ଦ୍ରୀ"ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

## କେତୋଟି ଜାଣିବାର କଥା

ଗତ ୧୯୫୭ ମସିହାରେ ଭାରତର ବସ୍ତ୍ର ଉଦ୍ୟୋଗରେ ୭୩୫ କୋଟି ୨୦ ଲକ୍ଷ ଗଜରୁ ଅଧିକ ଲୁଗା ଉତ୍ପାଦିତ ହୋଇଛି । ଏଥିରୁ ୫୩୧ କୋଟି ୭୦ ଲକ୍ଷ ଗଜ ମିଲ୍‌ଗୁଡ଼ିକରେ ୩୦ କୋଟି ୩୦ ଲକ୍ଷ ଗଜ କଳ ତନ୍ତରେ ଏବଂ ୧୬୮ କୋଟି ଗଜ ହାତ ତନ୍ତରେ ଉତ୍ପାଦିତ ହୋଇଛି । ସାଧାରଣ ଖଦୀ ଉତ୍ପାଦନ ୪ କୋଟି ୧୧ ଲକ୍ଷ ୭୦ ହଜାର ଗଜ ଏବଂ ଅମ୍ବର ଖଦୀ ଉତ୍ପାଦନ ୧ କୋଟି ୯୦ ଲକ୍ଷ ୧୦ ହଜାର ଗଜ ହୋଇଛି ।

ଏହି ବର୍ଷ ୮୪ କୋଟି ୪୯ ଲକ୍ଷ ୭୦ ହଜାର ଗଜ କାର୍ପାସ ବସ୍ତ୍ର ରପ୍ତାନି ହୋଇଛି । ୧୯୫୫ ଓ ୧୯୫୬ ମସିହାର ରପ୍ତାନି ପରିମାଣ ଅପେକ୍ଷା ଏହା ଅଧିକ; ମାତ୍ର ୧୯୫୪ ମସିହାର ରପ୍ତାନି ପରିମାଣ ଅପେକ୍ଷା କମ୍ । ଗତ ଚାରି ବର୍ଷର ରପ୍ତାନି ପରିମାଣ ତୁଳନାରେ ୧୯୫୭ ମସିହାରେ ହାତତନ୍ତ ଲୁଗା ରପ୍ତାନିରେ ହ୍ରାସ ପରିଲକ୍ଷିତ ହୋଇଛି ।

## ପ୍ରଚଳିତ ମୁଦ୍ରା ଓ ନୂଆ ଦଶମିକ ମୁଦାର ଦେଣନେଣ ଫର୍ଦ୍ଦ

ପ୍ରଚଳିତ ୧ ପଇସା – ନୂଆ ୨ ପଇସା, ପ୍ରଚଳିତ ୨ ପଇସା – ନୂଆ ୩ ପଇସା, ପ୍ରଚଳିତ ୩ ପଇସା – ନୂଆ ୫ ପଇସା।
ପ୍ରଚଳିତ ଅଣାମାନ ଓ ଅଣାମାନଙ୍କ ଉପରକୁ ପଇସାମାନ ନୂଆ ପଇସା ହିସାବରେ କେତେ କେତେ, ତାହା ତଳଲିଖିତ ଫର୍ଦ୍ଦରେ ଦ୍ରଷ୍ଟବ୍ୟ।

| ପ୍ରଚଳିତ ଅଣା | ନୂଆ ପଇସା | ଅଣା ଉପରେ ଏକ ପଇସା | ଅଣା ଉପରେ ଦୁଇ ପଇସା | ଅଣା ଉପରେ ତିନ ପଇସା |
|---|---|---|---|---|
| ୧ | ୬ | ୮ | ୯ | ୧୧ |
| ୨ | ୧୨ | ୧୪ | ୧୬ | ୧୭ |
| ୩ | ୧୯ | ୨୦ | ୨୨ | ୨୩ |
| ୪ | ୨୫ | ୨୭ | ୨୮ | ୩୦ |
| ୫ | ୩୧ | ୩୩ | ୩୪ | ୩୬ |
| ୬ | ୩୭ | ୩୯ | ୪୧ | ୪୨ |
| ୭ | ୪୪ | ୪୫ | ୪୭ | ୪୮ |
| ୮ | ୫୦ | ୫୨ | ୫୩ | ୫୫ |
| ୯ | ୫୬ | ୫୮ | ୫୯ | ୬୧ |
| ୧୦ | ୬୨ | ୬୪ | ୬୬ | ୬୭ |
| ୧୧ | ୬୯ | ୭୦ | ୭୨ | ୭୩ |
| ୧୨ | ୭୫ | ୭୭ | ୭୮ | ୮୦ |
| ୧୩ | ୮୧ | ୮୩ | ୮୪ | ୮୬ |
| ୧୪ | ୮୭ | ୮୯ | ୯୧ | ୯୨ |
| ୧୫ | ୯୪ | ୯୫ | ୯୭ | ୯୮ |
| ୧୬ | ୧୦୦ | ... | ... | ... |

# ଆମ ଦେଶ



## ଡାକ-ତାର ବିଭାଗର ଅଗ୍ରଗତି

ଡାକ-ତାର ବିଭାଗର ବାର୍ଷିକ ରିପୋର୍ଟରୁ ଜଣାଯାଏ ଯେ ୧୯୫୬-୫୭ରେ ଏହି ବିଭାଗର ୬ କୋଟି ୩୨ ଲକ୍ଷ ଟଙ୍କା ଲାଭ ହୋଇଛି । ପୂର୍ବ-ବର୍ଷ ୩ କୋଟି ୪୭ ଲକ୍ଷ ଟଙ୍କା ଏବଂ ୧୯୫୪-୫୫ରେ ୨ କୋଟି ୬୦ ଲକ୍ଷ ଟଙ୍କା ଲାଭ ହୋଇଥିଲା ।

ଆଲୋଚ୍ୟ ବର୍ଷ ଡାକ, ଟେଲିଗ୍ରାଫ୍, ଟେଲିଫୋନ୍ ପ୍ରଭୃତି ଡାକ-ତାର ବିଭାଗର ସମସ୍ତ ଶାଖାର ବିଶେଷ ସଂପ୍ରସାରଣ ହୋଇଛି । ଏହି ସମୟ ମଧ୍ୟରେ ଭାରତର ଡାକଘରସଂଖ୍ୟା ୫୫,୦୪୨ରୁ ବୃଦ୍ଧି ପାଇ ୫୮,୮୭୧ ହୋଇଛି । ଟେଲିଫୋନ୍ ଏକ୍ସଚେଞ୍ଜ ସଂଖ୍ୟା ୫୮୩୦ରୁ ବୃଦ୍ଧି ପାଇ ୬,୨୦୨ ଏବଂ ଟେଲିଗ୍ରାଫ୍ ଅଫିସସଂଖ୍ୟା ୯୮୯୩ରୁ ବୃଦ୍ଧି ପାଇ ୧୦,୦୫୨ ହୋଇଛି ।

ଆଲୋଚ୍ୟ ବର୍ଷ ବିଭିନ୍ନ ଡାକଘରୁ ପଠାଯାଇ-ଥିବା ପାର୍ଶଲ ଆଦି ସଂଖ୍ୟା ପୂର୍ବ-ବର୍ଷ ଅପେକ୍ଷା ଶତକଡ଼ା ୮·୮ ଭାଗ ବୃଦ୍ଧି ପାଇଛି । ଟେଲିଗ୍ରାମ-ସଂଖ୍ୟା ୩୩ କୋଟି ୫୦ ଲକ୍ଷରୁ ବୃଦ୍ଧି ପାଇ ୩୪ କୋଟି ୫୦ ଲକ୍ଷ ଏବଂ ଟ୍ରଙ୍କକଲ୍ ସଂଖ୍ୟା ( ବିଭାଗୀୟ କଲଗୁଡ଼ିକୁ ମିଶାଇ ) ୧୮ କୋଟି ୬୦ ଲକ୍ଷରୁ ବୃଦ୍ଧି ପାଇ ୨୦ କୋଟି ୮୦ ଲକ୍ଷ ହୋଇଛି ।

ରିପୋର୍ଟରୁ ଜଣାଯାଏ ଯେ ଆଲୋଚ୍ୟ ବର୍ଷ ଡାକତାର ବିଭାଗର ଆୟ ଶତକଡ଼ା ୧୨.୩ ଭାଗ ବୃଦ୍ଧି ପାଇଛି । ୧୯୫୫-୫୬ରେ ଏହି ବିଭାଗର ଆୟ ୫୦ କୋଟି ୬ ଲକ୍ଷ ଟଙ୍କା ଥିଲା । ଆଲୋଚ୍ୟ ବର୍ଷ ଏହି ପରିମାଣ ୫୬ କୋଟି ୮୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ବିଭାଗର ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି ।

---

## ଭାରତରେ
## କୋଡ଼ିଏ ଲକ୍ଷ ଟନ୍ ଖତ ବ୍ୟବହାର

ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଖାଦ୍ୟ ଓ କୃଷି ମନ୍ତ୍ରୀ ଜଣାଇଥିଲେ ଯେ ୧୯୫୮-୫୯ ମସିହାରେ ଭାରତରେ ୨୦ ଲକ୍ଷ ଟନ୍ ଖତ ବ୍ୟବହୃତ ହେବ ବୋଲି ଅଟକଳ କରାଯାଇଛି ।

ସେ ଜଣାଇଥିଲେ ଯେ ୧୯୫୪-୫୫, ୧୯୫୫-୫୬ ଏବଂ ୧୯୫୬-୫୭ ମସିହାରେ ଭାରତରେ ବ୍ୟବହୃତ ହେବା ପାଇଁ ବିଭିନ୍ନ ଖତ କାରଖାନାରୁ ଯଥାକ୍ରମେ ୧୭ ଲକ୍ଷ ୨୩ ହଜାର ଟନ୍, ୧୯ ଲକ୍ଷ ୪୧ ହଜାର ଟନ୍ ଏବଂ ୧୯ ଲକ୍ଷ ୮୬ ହଜାର ଟନ୍ ଖତ ନିଆଯାଇଥିଲା ।

## ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ସମ୍ପର୍କୀୟ ରିପୋର୍ଟ ଅନୁଧ୍ୟାନ

* ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା କମିଟୀ ନିଯୁକ୍ତ *

ଲୋକସଭାରେ ଡାକ୍ତର ନୃସିଂହଚରଣ ସାମନ୍ତସିଂହାରଙ୍କ ଏକ ପ୍ରଶ୍ନର ଉତ୍ତରରେ ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀ ହୁମାୟୁନ କବିର ଜଣାଇଲେ ଯେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ସମ୍ପର୍କୀୟ ରିପୋର୍ଟ ଅନୁଧ୍ୟାନ କରିବା ପାଇଁ ସଙ୍ଗୀତ ନାଟକ ଏକାଡ଼େମୀ ଏକ ଆଠଜଣିଆ କମିଟୀ ନିଯୁକ୍ତ କରିଛନ୍ତି । ଏହି କମିଟୀରେ ଶ୍ରୀ କଳ୍ପାନନ୍ଦ କାନୁନ୍‌ଗୋ, ଶ୍ରୀମତୀ କମଳାଦେବୀ ଚଟ୍ଟୋପାଧ୍ୟାୟ, ଡକ୍ଟର ଭି. ରାଘବନ୍, ଶ୍ରୀମତୀ ରୁକ୍ମିଣୀ ଦେବୀ, ଶ୍ରୀ ଜି. ଭେଙ୍କଟାଚଲମ୍, ଶ୍ରୀ ଏମ୍. ଏସ୍. କଲ୍ୟାଣ ସୁନ୍ଦରମ୍, ଶ୍ରୀ ମୋହନ ଖୋକର ଏବଂ ଅଧ୍ୟାପକ ଏମ୍. ନିୟୋଗୀ ସଭ୍ୟ ଅଛନ୍ତି ।

ନୃତ୍ୟକଳାରେ ନିପୁଣ ଶିଳ୍ପୀମାନଙ୍କୁ ପୁରସ୍କାର ଦେବା ଏବଂ ଯେଉଁ ନୃତ୍ୟରେ ପୁରସ୍କାର ଦିଆଯିବ, ସେଗୁଡ଼ିକର ଶ୍ରେଣୀ ବିଭାଗ କରିବା ସମ୍ପର୍କରେ ଏକାଡ଼େମୀକୁ ପରାମର୍ଶ ଦେବାହିଁ ଉକ୍ତ କମିଟୀର କାର୍ଯ୍ୟ ହେବ ।

ଶ୍ରୀ କବିର କହିଲେ ଯେ ୧୯୫୮ ଅକ୍ଟୋବର ମାସରେ କମିଟୀର ପ୍ରଥମ ବୈଠକ ଅନୁଷ୍ଠିତ ହେବ ବୋଲି ଆଶା କରାଯାଏ ।

---

## ଭାରତରେ ସିନ୍‌କୋନା ଚାଷ

ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଡି. ପି. କର୍ମରକାର କହିଲେ ଯେ ପଶ୍ଚିମ ବଙ୍ଗରେ ସିନ୍‌କୋନା ଚାଷ କ୍ରମଶଃ ହ୍ରାସ ପାଉଛି । ସିନ୍‌କୋନା ଗଛ ନଷ୍ଟ ହୋଇ ଯାଉଥିବା ଅଞ୍ଚଳରେ ନୂତନ ଗଛ ଲଗା ନ ଯିବାରୁ ଏପରି ହୋଇଛି । ୧୯୫୩ ମସିହାଠାରୁ ମାନ୍ଦ୍ରାଜ ରାଜ୍ୟରେ ସିନ୍‌କୋନା ଚାଷ ଜମିର ପରିମାଣ ସମାନ ରହି ଆସିଛି । ୧୯୫୬ ମସିହାରେ ପଶ୍ଚିମ ବଙ୍ଗରୁ ୩୪୩୮ ପାଉଣ୍ଡ ଏବଂ ମାନ୍ଦ୍ରାଜରୁ ୧୯୧୦୦ ପାଉଣ୍ଡ କୁଇନାଇନ୍ ମିଳିଛି । ୧୯୫୭ ମସିହାରେ ପଶ୍ଚିମ ବଙ୍ଗରୁ ୩୫୩୮୦ ପାଉଣ୍ଡ, ମାନ୍ଦ୍ରାଜରୁ ୩୪୭୦୦ ପାଉଣ୍ଡ ଏବଂ ୧୯୫୮ ମସିହାରେ ପଶ୍ଚିମ-ବଙ୍ଗରୁ ୧୨୮୨୦ ପାଉଣ୍ଡ ଏବଂ ମାନ୍ଦ୍ରାଜରୁ ୪୮୩୦୦ ପାଉଣ୍ଡ କୁଇନାଇନ୍ ମିଳିଛି ।

୧୯୫୮ ମସିହାରେ ୧୪,୦୦୦ ପାଉଣ୍ଡ କୁଇନାଇନ୍ ରପ୍ତାନି କରାଯାଇଛି । ବର୍ଷକୁ ହାରାହାରି ପ୍ରାୟ ୨୦,୦୦୦ ପାଉଣ୍ଡ କୁଇନାଇନ୍ ଦେଶରେ ବ୍ୟବହୃତ ହେଉଥିବା ହିସାବରୁ ଜଣାଯାଇଛି ।

---

## ଗ୍ଲକ୍ଷ ଜଣ ବୈଦେଶିକ ଭାରତୀୟ ନାଗରିକ ହେଲେ

ରାଜ୍ୟସଭାରେ ଶ୍ରୀ ମହେଶ୍ୱର ନାୟକଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମନ୍ତ୍ରୀ ଶ୍ରୀ ବି. ଏନ୍. ଦାତାର ଜଣାଇଲେ ଯେ ଗତ ପାଞ୍ଚବର୍ଷ ମଧ୍ୟରେ କମନ୍‌ୱେଲ୍‌ଥ୍ ବହିର୍ଭୂତ ଗ୍ଲକ୍ଷ ଜଣ ବୈଦେଶିକଙ୍କୁ ଭାରତୀୟ ନାଗରିକରୂପେ ଗ୍ରହଣ କରାଯାଇଛି । ପାକିସ୍ଥାନରୁ ଆସିଥିବା ବାସ୍ତୁଚ୍ୟୁତ ଲୋକଙ୍କ ଛଡ଼ା କମନ୍‌ୱେଲ୍‌ଥର ଅନ୍ୟ କୌଣସି ଦେଶର ଲୋକଙ୍କୁ ଉକ୍ତ ସମୟ ମଧ୍ୟରେ ଏହି ସୁବିଧା ଦିଆଯାଇନାହିଁ । ୧୯୫୫ ମସିହା ନାଗରିକ ଆଇନ ଅନୁସାରେ ପାକିସ୍ଥାନୀ ବାସ୍ତୁଚ୍ୟୁତ ଲୋକଙ୍କୁ ଭାରତୀୟ ନାଗରିକରୂପେ ରେଜିଷ୍ଟ୍ରି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ।

---

## କ୍ଷୁଦ୍ର ଉତ୍ପାଦନକାରୀମାନଙ୍କୁ ତମ୍ବା ଯୋଗାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

* ଛଅମାସ ମଧ୍ୟରେ ୬,୫୦୦ ଟନ୍ ଯୋଗାଇଦିଆଯିବ *

ବୈଦ୍ୟୁତିକ ତମ୍ବା ତାର, ତମ୍ବା ବାସନ ଏବଂ କୃତ୍ରିମ ଜରି ପଦାର୍ଥ ପ୍ରସ୍ତୁତ କରୁଥିବା କ୍ଷୁଦ୍ର ଉତ୍ପାଦନକାରୀମାନଙ୍କୁ ତମ୍ବା ଯୋଗାଇ ଦେବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି ।

୧୯୫୭ ମସିହାର ତମ୍ବା ବ୍ୟବହାର ଅନୁଯାୟୀ ୧୯୫୮ ଏପ୍ରିଲ ମାସଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ମୋଟରେ ୬,୫୦୦ ଟନ୍ ତମ୍ବା କ୍ଷୁଦ୍ର ଉତ୍ପାଦନକାରୀମାନଙ୍କୁ ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି । ୧୯୫୭ ମସିହାରେ ଏହି ଶ୍ରେଣୀର ଉତ୍ପାଦନକାରୀମାନେ ୧୧,୦୦୦ ଟନ୍ ତମ୍ବା ବ୍ୟବହାର କରିଥିଲେ ।

କ୍ଷୁଦ୍ର ଉତ୍ପାଦନକାରୀମାନଙ୍କୁ ଯେଉଁ ୬,୫୦୦ ଟନ୍ ତମ୍ବା ଯୋଗାଇ ଦିଆଯିବା କଥା, ସେଥିରୁ ୪,୫୦୦ ଟନ୍ ଯୋଗାଇ ଦିଆଗଲାଣି ।

---

## ଟୋକିଓଠାରେ କୃଷି ସଂସ୍ଥାର ଆଞ୍ଚଳିକ ସମ୍ମିଳନୀ

* ଡକ୍ଟର ଦେଶମୁଖ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ଗ୍ରହଣ କରିବେ *

ଆସନ୍ତା ଅକ୍ଟୋବର ୩ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଏସିଆ ଓ ସୁଦୂର ପ୍ରାଚ୍ୟ ପାଇଁ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ଚତୁର୍ଥ ଆଞ୍ଚଳିକ ସମ୍ମିଳନୀ ଏବଂ ଆନ୍ତର୍ଜାତିକ ଧାନ କମିଶନ୍‌ର ଷଷ୍ଠ ଅଧିବେଶନ ବସିବ । ଏଥିପାଇଁ ଚଳିତ ସେପ୍ଟେମ୍ବର ୨୮ ତାରିଖ ଦିନ ଭାରତୀୟ ପ୍ରତିନିଧି ଦଳ ନୂଆଦିଲ୍ଲୀଠାରୁ ଯାତ୍ରା କରିବେ । କେନ୍ଦ୍ର ସମବାୟ ମନ୍ତ୍ରୀ ଡକ୍ଟର ପଞ୍ଜାବରାଓ ଏସ୍. ଦେଶମୁଖ ଏହି ପ୍ରତିନିଧି ଦଳର ନେତୃତ୍ୱ ଗ୍ରହଣ କରିବେ ।

---

# ବିଭିନ୍ନ ଜିଲ୍ଲାର ଅଗ୍ରଗତି

## ସମ୍ବଲପୁର ଜିଲା

* ପଦ୍ମପୁର ସମୂହବିକାଶ ବ୍ଲକର କାର୍ଯ୍ୟକଳାପ *

ଗତ ୧୯୫୮ ମସିହା ଜୁଲାଇ ମାସରେ ପଦ୍ମପୁର ସମୂହବିକାଶ କେନ୍ଦ୍ରରେ ସନ୍ତୋଷଜନକ ଭାବରେ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବାର ସମ୍ବାଦ ମିଳିଥିଲା ।

୯୯ଟି କମ୍ପୋଷ୍ଟ ଖାତ ଖୋଳା ହୋଇଥିଲା, ୮୦୨·୮ ସେର ସାର ଓ ୨୧୨·୧୭ ସେର ବିହନ ବଣ୍ଟାଯାଇଥିଲା । ୧·୮୦ ଏକର ଜମିରେ ଫଳବୃକ୍ଷ ଓ ୩୮୫୦ ଏକର ଜମିରେ ପନିପରିବା ଚାଷ ହୋଇଥିଲା । ୪ଟି ପ୍ରଦର୍ଶନୀ ଫାର୍ମ ଖୋଲାଯାଇଥିଲା । ୮·୭୫ ଏକର ପଡ଼ିଆ ଜମି ଉଠିଆ କରାଯାଇଥିଲା ଓ ୭୫୦୦ କ୍ୟୁ: ଫୁଟ ଜମିରେ ସବୁଜସାରବିଶିଷ୍ଟ ଚଳ ପଡ଼ିଥିଲା ।

ଟ୧,୫୯,୮୧୦୯ ଋଣସୂତ୍ରରେ ଦିଆଯାଇଥିଲା । ୧୯୫ଟି ବାହୁସି ଧରଣ ହୋଇଥିଲେ, ୮୦ଟି ଗାଈଙ୍କଠାରେ କୃତ୍ରିମ ପ୍ରଜନନ ଉପାୟ ଅବଲମ୍ବନ କରାଯାଇଥିଲା ଓ ୯୩୬ଟି ଗୋରୁ ଚିକିତ୍ସିତ ହୋଇଥିଲେ ।

୧୦ଟି ପାଣିଶୋଷା ଖାତ, ୨ଟି ଗାଁଉଲି ପାଇଖାନା ଏବଂ ୨୯୭୦ ଗଜ କଚ୍ଚା ନର୍ଦ୍ଦମା ଖୋଳାଯାଇଥିଲା । ୧୭୭ଟି ମଞ୍ଜି ବୃକ୍ଷ ଛୁଆଯାଇଥିଲା ଓ ୧୫୦ଟି କଲମି ବୃକ୍ଷ ବଣ୍ଟାଯାଇଥିଲା ।

୬ଟି ସାମାଜିକ ମେଳାମହୋତ୍ସବର ଆୟୋଜନ କରାଯାଇଥିଲା । ୩୨୬୩ଟି ଜଣ ରୋଗୀ ଚିକିତ୍ସିତ ହୋଇଥିଲେ ଓ ୫୮୩୭ ଜଣଙ୍କୁ ପ୍ରତିଷେଧକ ଟୀକା ଓ ଇଞ୍ଜେକସନ ଦିଆଯାଇଥିଲା । ୨୮୧ ପାଉଣ୍ଡ ଦୁଗ୍ଧଚୂର୍ଣ୍ଣ ବଣ୍ଟାଯାଇଥିଲା ।

ଲୋକମାନେ ଶ୍ରମ ଆକାରରେ ଟ ୨୦୦୯ ଦେଇଥିଲେ । ମାସରେ ସରକାରୀ ଖର୍ଚ୍ଚ ଟ୨୦,୯୭୦·୫୭ ନୂ: ପ: ହୋଇଥିଲା ।

---

## ବଲାଙ୍ଗୀର ଜିଲା

* ଜାପାନୀ ପ୍ରଣାଳୀ ଚାଷ *

୧୯୫୮-୫୯ ମସିହାରେ ବଲାଙ୍ଗୀର ଜାତୀୟ ସମ୍ପ୍ରସାରଣ ଯୋଜନା ବ୍ଲକ ଅନ୍ତର୍ଗତ ୧୦,୦୦୦ ଏକର ଜମିରେ ଜାପାନୀ ପ୍ରଣାଳୀରେ ଚାଷ କରାଯିବ ବୋଲି ସ୍ଥିର କରାଯାଇଅଛି ।

---

## ବାଲେଶ୍ୱର ଜିଲା

* ବ୍ଲକ ଉନ୍ନୟନ କମିଟୀ ବୈଠକ *

କିଛି ଦିନ ତଳେ ଖଇରା ଓ ସିମୁଳିଆ ଜାତୀୟ ସଂପ୍ରସାରଣ ଯୋଜନା ବ୍ଲକ ପରାମର୍ଶଦାତା କମିଟୀର ଗୋଟିଏ ବୈଠକ ହୋଇ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସକାଶେ ଆଲୋଚନା ହୋଇଥିଲା । ମନ୍ଦୁ

ଅବସ୍ଥାର ପ୍ରତିକାର ନିମନ୍ତେ ସର୍ଭେ କରିବା ଲାଗି ଓ ସେହି ଅଞ୍ଚଳରେ ୧୦ଟି ନଳକୂଅ ବସାଇବା ଲାଗି ସ୍ଥିର କରାଯାଇଥିଲା ।

## ଢେଙ୍କାନାଳ ଜିଲା

* ଆଦିବାସୀଙ୍କ ମଧ୍ୟରେ କୁଟୀରଶିଳ୍ପର ବିକାଶ *

ଜାମସା, କୋଲପାଲ, ମୁକ୍ତାପୁର, ବଳମୁଣ୍ଡା ଓ ସାମର୍ପରେ ରହୁଥିବା ଆଦିବାସୀମାନଙ୍କୁ ବୋଣ୍ଡ, ମସିଣାବୁଣା ଓ ଦଉଡ଼ିବଳା ଏବଂ ତାଡ଼ପତ୍ର ପ୍ରଭୃତି କ୍ଷୁଦ୍ର କୁଟୀରଶିଳ୍ପର ଉନ୍ନତିବିଧାନ ପାଇଁ ଉତ୍ସାହିତ କରାଯାଉଅଛି । ଏଥିପାଇଁ ସରକାର ଟ ୭୫୦ ମଞ୍ଜୁର କରିଅଛନ୍ତି ।

## ପୁରୀ ଜିଲା

* ଜିଲା ଉନ୍ନୟନ ବୋର୍ଡ଼ର ନିଷ୍ପତ୍ତି *

ଚଳିତ ବର୍ଷର କାର୍ଯ୍ୟକ୍ରମ, ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଓ ମରୁଡ଼ି ସମ୍ପର୍କରେ କାର୍ଯ୍ୟର ପୁନରାଲୋଚନା ପାଇଁ ଜିଲା ଉନ୍ନୟନ ବୋର୍ଡ଼ର ଗୋଟିଏ ସଭା ହୋଇଥିଲା । ଦେଖାଯାଇଥିଲା ଯେ ଜିଲାର ମରୁଡ଼ିଗ୍ରସ୍ତ ଅଞ୍ଚଳ ପାଇଁ ମଞ୍ଜୁର ହୋଇଥିବା ୧୦୦ଟି ନଳକୂଅ ମଧ୍ୟରୁ କେବଳ ୩୦ଟି ଆସିଛି । ବହୁତ ସ୍ଥାନରେ ଲୁଣିପାଣିଯୋଗୁ ନଳକୂଅ ବସିପାରୁ ନାହିଁ । ଚଳିତ ବର୍ଷ ମଧ୍ୟରେ ୯୬ଟି ନିମ୍ନପ୍ରାଥମିକ ସ୍କୁଲ ଖୋଲିବାପାଇଁ ନିଷ୍ପତ୍ତି କରାଯାଇଥିଲା ଏବଂ ସ୍ୱାସ୍ଥ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ।

ଏହି କାଳରେ ଗୋଟିଏ ଉନ୍ନୟନ-ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଜିଲା ଉନ୍ନୟନ ବୋର୍ଡ଼ର ସଭ୍ୟ, ସରପଞ୍ଚ ଓ ଗ୍ରାମସେବକମାନେ ଏଥିରେ ଯୋଗ ଦେଇଥିଲେ । ଉଦ୍‌ଘାଟନରେ ସୁପ୍ରସିଦ୍ଧ

ବିକାଶମୂଳକ କାର୍ଯ୍ୟ କରିବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା ।

## ସୁନ୍ଦରଗଡ଼ ଜିଲା

* ସୁନ୍ଦରଗଡ଼ ବହୁଳବିକାଶ ବ୍ଲକର କାର୍ଯ୍ୟାବଳୀ *

ଗତ ୧୯୫୮ ମସିହା ଜୁଲାଇ ମାସରେ ସୁନ୍ଦରଗଡ଼ ବହୁଳବିକାଶ ବ୍ଲକରେ ସନ୍ତୋଷଜନକଭାବେ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବାର ସମ୍ବାଦ ମିଳିଥିଲା ।

୫୧ଟି କମ୍ପୋଷ୍ଟ ଖାତ ଖୋଳାଯାଇଥିଲା ଓ ୧୨ଟି ଚୁଲ୍ଲୀ ହୋଇଥିଲା । ୧୬୧ ମହଣ ୮ ସେର ରସାୟନିକ ସାର, ୭ ସେର ପୋକମାଛି ମାରିବା ପାଇଁ ଗାମାକସିନ ପାଉଡ଼ର ଓ ୭୩ ମହଣ ୨୦ ସେର ଉନ୍ନତଧରଣର ବିହନ ବଣ୍ଟାଯାଇଥିଲା । ହାଡ଼ଗୁଣ୍ଡି ପ୍ରସ୍ତୁତ କରିବା ପାଇଁ ୨୦ ମହଣ ହାଡ଼ ସଂଗ୍ରହ କରାଯାଇଥିଲା । ୩୪ ଏକର ଜମିରେ ଧନିଚା, ୩୭ ଏକରରେ ଛଣପଟ ଓ ୧୦ ଏକର ଜମିରେ କପାଚାଷ କରାଯାଇଥିଲା । ୫ ଏକର ପଡ଼ିଆ ଜମି ଉଠିଆ କରାଯାଇଥିଲା । ଅଧିକା ୨୭ ଏକର ଜମିରେ ପନିପରିବା ଚାଷ କରାଯାଇଥିଲା ଏବଂ ୪୦½ ଏକର ଜମିରେ ଜାପାନୀ ପ୍ରଣାଳୀରେ ଚାଷ କରାଯାଇଥିଲା । ଦୁଇ ଏକର ବିଶିଷ୍ଟ ଦୁଇଟି ଜମିରେ ପ୍ରଦର୍ଶନୀ ଫାର୍ମ ଖୋଲାଯାଇଥିଲା ।

ଗୁରୁଲକୋର ଜଳସେଚନ ଯୋଜନା ପାଇଁ ନିର୍ମିତ ହେଉଥିବା ବନ୍ଧର ଉପରପଟେ କେନାଲ ଖୋଳା ଚାଲିଛି ଓ ସେଥିପାଇଁ ହେଉଥିବା ପଥର କାମ ସରି ଆସିଲାଣି । ବନ୍ଧର ଉପରଭାଗକୁ ସମତଳ କରିବା କାମ ଆଗେଇ ଚାଲିଛି । ପୂର୍ବୋକ୍ତ କ୍ଷୁଦ୍ର ଜଳସେଚନ ଯୋଜନା ପାଇଁ ଖୋଳା ହେଉଥିବା ପୋଖରୀର ମାଟିକାମ ସରି ଆସିଲାଣି ।

ସୁନ୍ଦରଗଡ଼ ସେଣ୍ଟ୍ରାଲ ବ୍ୟାଙ୍କ ସମବାୟ ସମିତି ଗୁଡ଼ିକରୁ ୪୩୨ ମହଣ ଧାନ ଦେଇଥିଲା । ଟ ୩୮୮୦୯ ଋଣ ସୂତ୍ରରେ ଦିଆଯାଇଥିଲା ଏବଂ ଟ ୩୩୪୭.୭୨ ନୂଆ ପଇସା ଫେରସ୍ତ କରାଯାଇଥିଲା । ଟ ୩୫୫୯ରେ ଅଂଶ ମୂଳଧନ କିଣାଯାଇଥିଲା ଓ ୧୮ ଜଣ ନୂଆ ସଭ୍ୟ ସମବାୟ ସମିତିର ସଭ୍ୟଶ୍ରେଣୀଭୁକ୍ତ ହୋଇଥିଲେ ।

୨ଟି ବାହୁଙ୍ଗ ଧର୍ଷଣ ହୋଇଥିଲେ, ୩୨ଟି ଗୋରୁ ଟିକାପ୍ରାପ୍ତ ହୋଇଥିଲେ ଓ ୧୪ଟି ଗୁହାଳ ତିଆରି ହୋଇଥିଲା । ଶରୁବର ଗ୍ରାମସେବକ କେନ୍ଦ୍ରରେ ୩୦୦୦ ଯାଆଁଳ ବଣ୍ଟାଯାଇଥିଲା ।

୪ଟି ପାଣିଶୋଷା ଖାତ, ୮ଟି ଗାଉଁଲି ପାଇଖାନା, ୧୩୦ ଗଜର ନର୍ଦ୍ଦମା ଓ ୫ଟି କୂଅ ଖୋଳାଯାଇଥିଲା । ୩ ଥର ଗ୍ରାମସଫେଇ ହୋଇଥିଲା ଓ ୧୨ଟି କୂଅ ବିଶୋଧିତ କରାଯାଇଥିଲା ।

ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ୧୫ ଜଣ ନୂଆ ବୟସ୍କ ଲୋକଙ୍କୁ ଗ୍ରହଣ କରାଯାଇଥିଲା । ୧୪ଟି ସାମାଜିକ ମେଳାମହୋତ୍ସବ ଓ ୨୧ଟି ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ଦୁଇଟି ନାରୀ-କଲ୍ୟାଣ ସମିତି ଗଠନ କରାଯାଇଥିଲା ।

୨ ମାଇଲର କଚ୍ଚା ରାସ୍ତା ଓ ୧୮ଟି ନୂଆ ଘର ନିର୍ମାଣ କରାଯାଇଥିଲା ଏବଂ ୯ଟି ଘର ମରାମତି କରାଯାଇଥିଲା । ୪୩୩ଟି କଲମ ଗଛ ରୁଆ ହୋଇଥିଲା ।

ଲୋକମାନେ ଶ୍ରମସୂତ୍ରରେ ଟ ୨୦୨୭୯ ଦେଇଥିଲେ । ସରକାରୀ ଖର୍ଚ୍ଚ ଟ ୨୨୪୦.୬୩ ନୂଆ ପଇସା ହୋଇଥିଲା ।

---

# କଳାହାଣ୍ଡି ଜିଲା

※ ଜୁନାଗଡ଼ ଉପୁଲବିକାଶ ବ୍ଲକ ※

୧୯୫୮ ମସିହା ଜୁଲାଇ ମାସରେ ଜୁନାଗଡ଼ ବ୍ଲକ-କାର୍ଯ୍ୟରେ ସନ୍ତୋଷଜନକ ଅଗ୍ରଗତି ହୋଇଥିଲା ।

(କ) ଉକ୍ତ ସମୟ ମଧ୍ୟରେ ୧୫ଟି କମ୍ପୋଷ୍ଟ ଖାତ ଖୋଳା ହୋଇଥିଲା । ନିମ୍ନଲିଖିତ ପରିମାଣର ବିଭିନ୍ନ କୃଷିଦ୍ରବ୍ୟ ବିତରଣ କରାଯାଇଥିଲା ।

କୃଷକମାନଙ୍କୁ ବିତରଣ :—

ଧାନ ବିହନ—୭୮ ମହଣ; ଧନିଆ ମଞ୍ଜି—୨୪ ମହଣ; ଛଣପଟ ମଞ୍ଜି—୨୪ ମହଣ, ନଳିତା ମଞ୍ଜି ୧୦ ସେର; କାଜୁବାଦାମ ମଞ୍ଜି—୩ ମହଣ ୨୫ ସେର, କପା ମଞ୍ଜି—୨ ମହଣ; ବର୍ଷାଦିନଆ ପରିବା ମଞ୍ଜି—୨୭ ପାଉଣ୍ଡ ୬ ଆଉନ୍ସ; ଆମୋନିଅମ ସଲ୍‌ଫେଟ୍—୩୫ ବସ୍ତା; ସୁପରଫସଫେଟ୍—୨୫ ବସ୍ତା; ଉକ୍ରସାର ୧୦ ସେର, N. P. R. ସାର ୯୯ଟି, ପୁରୁଣା ଖତ—୭୮ ବସ୍ତା; ୪୭ ଗଛ, ୨୫୦ କଦଳୀପୁଆ ଓ ୨ ଆଉନ୍ସ ପପେୟା ମଞ୍ଜି, ୨୭ ମହଣ ୨୦ ସେର ଉନ୍ନତ ବିହନରୁ ମିଳିଥିବା ଧାନଚାଲ ବଦଳ ଦିଆଯାଇଥିଲା ।

କେତେକ ଉଦ୍ୟାନ ମାଳୀଙ୍କୁ ବିତରଣ :—

କାଜୁବାଦାମ ମଞ୍ଜି—୨୦ ସେର; ବର୍ଷାଦିନଆ ପରିବା ମଞ୍ଜି—୧୮୧ ଆଉନ୍ସ, ୧୯୫୮-୫୯ ପାଇଁ ଶୀତଦିନଆ ପରିବା ମଞ୍ଜି—୧୬ ଆଉନ୍ସ; ପ୍ରୋଫେସର ଜଟ୍ ଫ୍ଲୋର ମଞ୍ଜି—୫ ସେର ।

୧୬ଟି ସ୍କୁଲକୁ ଯୋଗାଇ ଦିଆଗଲା :—

କାଜୁବାଦାମ ମଞ୍ଜି—୧ ମହଣ ୨ ସେର; ବର୍ଷାଦିନଆ ପରିବା ମଞ୍ଜି—୨୫୬½ ଆଉନ୍ସ; ଶୀତଦିନଆ ପରିବା ମଞ୍ଜି—୧୦୪¾ ଆଉନ୍ସ, ଖରାଦିନଆ ପରିବା—ମଞ୍ଜି ୧୩୬ ଆଉନ୍ସ; ୨୨୪ଟି ଗଛ; ୮୦୦ କଦଳୀପୁଆ; ୪୪ ଆଉନ୍ସ ପପେୟା

ମଞ୍ଜି ଓ ଭେଣ୍ଡି କରିବା ପାଇଁ ୫୪ ସେର ପ୍ରୋସାଣସ୍ ଲୁହ୍ ଫ୍ଳୋରା ମଞ୍ଜି ।

ବନମହୋତ୍ସବ ସମୟରେ ୧୭୬୮ ଫଳଗଛ ଓ ୩୧୯୫ଟି ଅନ୍ୟାନ୍ୟ ବୃକ୍ଷରୋପଣ କରାଯାଇଥିଲା । ୧୧୨୪ ଏକର ଧାନ ଜମିରେ ଜାପାନୀ ପ୍ରଣାଳୀରେ ଧାନ ରୁଆ ଯାଇଥିଲା । ଉଦ୍ଭିଦ ସଂରକ୍ଷଣ ଯୋଜନାନୁସାରେ ୩ ଏକର ଜମିରେ ୨୦ ସେର ଗାମାକ୍ସିନ ଓ ୬୦ ଆଉନ୍ସ ଏଣ୍ଡ୍ରେନ୍ ବ୍ୟବହୃତ ହୋଇଥିଲା ।

(ଖ) ଅନ୍ୟାନ୍ୟ କାର୍ଯ୍ୟ:—୫୦ଟି ବାହୁଙ୍ଗା ଧରା ହୋଇଥିଲେ, ୯୦୬ଟି ଗୋରୁଙ୍କୁ ଟୀକା ଦିଆଯାଇଥିଲା ଓ ୫୨୬ଟି ଗୋରୁଙ୍କର ଖଶୀ କରାଯାଇଥିଲା । ୨୬ଟି ପାଣିଶୋଷା ଖାତ ଖୋଳାଯାଇଥିଲା; ୯ଟି ଗାଉଁଲି ପାଇଖାନା ଓ ୫୪୦ ଗଜ ନର୍ଦ୍ଦମା ଓ ୯୧୦ ଗଜ ଗାଉଁଲି ରାସ୍ତା ତିଆରି କରାଯାଇଥିଲା । ଏଥିରେ ଲୋକେ ସହଯୋଗ କରିଥିଲେ ଓ ୨୭ ଥର ଗ୍ରାମସଫେଇ ପ୍ରଭୃତି ଶ୍ରମଦାନ କାର୍ଯ୍ୟ କରାଯାଇଥିଲା । ସଞ୍ଜିଆ ଗ୍ରାମରେ ଗୋଟିଏ ନୂଆ ପ୍ରାଇମେରୀ ସ୍କୁଲ ଖୋଲାଗଲା । ମହିଳା ସମିତିମାନେ (୩ଟି) ୪୫ ପାଉଣ୍ଡ ଗୁଣ୍ଡଦୁଧ ବାଣ୍ଟିଥିଲେ ଓ ସ୍କୁଲ ଛାତ୍ରମାନଙ୍କୁ ୫୦୮ ପାଉଣ୍ଡ ଗୁଣ୍ଡଦୁଧ ବଣ୍ଟାଯାଇଥିଲା । ୧୫ଟି ଗୋଷ୍ଠୀ-ବିନୋଦନ କାର୍ଯ୍ୟ, ୪୭ ଆଲୋଚନା ଚକ୍ର ଓ ଆଡିଗାଁରେ ୬୫ଜଣ ଶିଶୁଙ୍କୁ ନେଇ ଏକ ଶିଶୁ-ସଙ୍ଗଠନ ସଂଗଠିତ ହୋଇଥିଲା । ଜଳସେଚନ ଯୋଜନାରେ ୨,୫୦,୦୦୦ ଘନଫୁଟ ମାଟିକାମ କରାଯାଇଥିଲା । ବେହେରା ଓ ରତି ଯୋଡ଼ ଜଳସେଚନ ଯୋଜନାର ଡାହାଣ ପାଖ କେନାଲରେ ୩୦ଟି ନଳା ବସାଯାଇଥିଲା । ହଠାତ୍ ବର୍ଷାଯୋଗୁଁ ମାଟିବନ୍ଧ ଧସିପଡ଼ିବା ଫଳରେ ପ୍ରାୟ ଟ୩୦୦୦୯ର ମାଟିକାମ ନଷ୍ଟ ହୋଇଥିଲା । ସରେଇ ଲୋକମାନଙ୍କ ଦ୍ୱାରା ୪ଟି ଘର ତିଆରି ହୋଇଥିଲା ।

ଉକ୍ତ ମାସରେ ସରକାରୀ ଖର୍ଚ୍ଚ ଟ୩୫୦୯.୧୬ ନୂଆ ପଇସା ହୋଇଥିଲା । ଲୋକମାନଙ୍କଠାରୁ ଶ୍ରମ ଓ ଚାନ୍ଦା ଆକାରରେ ଟ୧୯୪୬୯ ମିଳିଥିଲା ।

## କେତୋଟି ଜାଣିବାର କଥା

ବର୍ତ୍ତମାନ ଭାରତରେ ୬୫୦ କୋଟି ଟଙ୍କା ମୂଲ୍ୟର ବୈଦେଶିକ ମୂଳଧନ ବିନିଯୋଗ ହୋଇଥିବାର ବେସରକାରୀ ହିସାବରୁ ଜଣାଯାଏ । ୧୯୫୫ ମସିହାର ପରିମାଣ ଅପେକ୍ଷା ଏହା ୧୭୦ କୋଟି ଟଙ୍କା ଅଧିକ ।

୧୯୧୪ ମସିହାରେ ଭାରତରେ ପ୍ରାୟ ୪୫୦ କୋଟି ଟଙ୍କା ମୂଲ୍ୟର ବୈଦେଶିକ ମୂଳଧନ ବିନିଯୋଗ କରାଯାଇଥିଲା । ୧୯୩୦ ମସିହାରେ ଏହି ପରିମାଣ ପ୍ରାୟ ୯୩୩ କୋଟି ଟଙ୍କା ମୂଲ୍ୟର ଥିଲା ବୋଲି ଏକ ହିସାବରୁ ଜଣାଯାଏ ।

୧୯୬୮ ମସିହାରେ ଭାରତର ରିଜର୍ଭ ବ୍ୟାଙ୍କ ପକ୍ଷରୁ କରାଯାଇଥିବା ଏକ ହିସାବରୁ ଜଣାଯାଏ ଯେ ଭାରତରେ ସେହି ବର୍ଷ ଜୁନ ମାସ ଶେଷ ସୁଦ୍ଧା ୨୮ କୋଟି ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ବିଭିନ୍ନ ବ୍ୟବସାୟରେ ବିନିଯୋଗ କରାଯାଇଥିଲା ।

# ହାତତନ୍ତ ଶିଳ୍ପ ଆଗେଇ ଚାଲିଛି

୧ । ଭାରତରେ ୨୮ ଲକ୍ଷ ହାତତନ୍ତ ଅଛି ।

୨ । ପ୍ରତ୍ୟେକ ହାତତନ୍ତ ନ୍ୟୁନପକ୍ଷେ ୩ ଜଣ ଲୋକଙ୍କୁ କାମ ଯୋଗାଉଅଛି ।

୩ । ପ୍ରାୟ ୭୫ ଲକ୍ଷ ଲୋକ ଏହି ହାତତନ୍ତ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ବ୍ୟବସାୟ ପାଇଁ ନିଯୁକ୍ତ ଅଛନ୍ତି । ଅନ୍ୟାନ୍ୟ କୁଟୀରଶିଳ୍ପରେ ଯେତେ ଲୋକ କାମ କରୁଛନ୍ତି, କେବଳ ହାତତନ୍ତରେ ସେତକ ଲୋକ କାମ କରନ୍ତି ।

୪ । ହାତତନ୍ତରେ ୧୫୦ କୋଟି ଗଜ ଲୁଗା ବର୍ଷକୁ ପ୍ରସ୍ତୁତ ହୁଏ; ଅର୍ଥାତ୍ ସମସ୍ତ ଲୁଗାକଲର ଆମଦାନିର ଏକ-ତୃତୀୟାଂଶ ହାତତନ୍ତରେ ହୁଏ ।

୫ । ୫୦୦୦ ତନ୍ତୁବାୟ ସମିତି ଦେଶମଧ୍ୟରେ କାର୍ଯ୍ୟ କରୁଅଛି, ତହିଁରେ ୧୦ ଲକ୍ଷ ତନ୍ତ ଚଳୁଅଛି ।

୬ । ଡିସେମ୍ବର ୧୯୫୨ ମସିହାଠାରୁ ପ୍ରାୟ ୨୨ କୋଟି ଟଙ୍କା ହାତତନ୍ତ ଉନ୍ନୟନ ନିମନ୍ତେ ଖରଚ ହୋଇଅଛି ।

୭ । ପ୍ରାଚୀନ କାଳରୁ ହାତତନ୍ତ ଲୁଗାର ଚାହିଦା ଅଛି ଏବଂ ଏବେ ମଧ୍ୟ ହାତତନ୍ତ ଲୁଗାର ଆଦର ରହିଛି ।

୮ । ପୃଥିବୀ ମଧ୍ୟରେ ଭାରତବର୍ଷହିଁ ହାତତନ୍ତ ଲୁଗା ପାଇଁ ପ୍ରସିଦ୍ଧ ।

୯ । କେବଳ ସୂତା ପ୍ରସ୍ତୁତକାରୀ ମିଲ୍ ଯେ ହାତ-ତନ୍ତକୁ ସୂତା ଯୋଗାଉଛି ତାହା ନୁହେଁ; ଅନ୍ୟ ଲୁଗା ମିଲ୍ ମଧ୍ୟ ହାତତନ୍ତ ନିମନ୍ତେ ସୂତା ପ୍ରସ୍ତୁତ କରେ ।

୧୦ । ତନ୍ତୁବାୟ ସମିତିମାନଙ୍କ ପାଇଁ ଦୁଇଟି ସମବାୟ ସୂତାକଲ ଚାଲୁ ହୋଇଛି । ଆଉ ୪ଟି ସମବାୟ ସୂତାକଲ ହେବା ସ୍ଥିର ହୋଇଛି ।

୧୧ । ରଙ୍ଗୀନ ଶାଢ଼ୀ, ଅଧଇଞ୍ଚ ଧଡ଼ିବିଶିଷ୍ଟ ଧୋତି, ତଉଲିଆ, ବିଛଣା ଚଦର, ହ୍ୱମନ୍ତୁ କ୍ଲଥ, ଲୁଙ୍ଗି, ଟେବୁଲ କ୍ଲଥ, ଟରକସ ତଉଲିଆ, ଗାମୁଛା ଇତ୍ୟାଦିର ଉତ୍ପାଦନ ମିଲ କରିପାରିବେ ନାହିଁ । ଏହା ହାତତନ୍ତ ନିମନ୍ତେ ସୁରକ୍ଷିତ ହୋଇଅଛି ।

୧୨ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷବେଳକୁ ବାର୍ଷିକ ୨୨୦ କୋଟି ଗଜ ଲୁଗା ହାତତନ୍ତ କରିବ ବୋଲି ଧାର୍ଯ୍ୟ କରାଯାଇଛି; ଅର୍ଥାତ ବର୍ତ୍ତମାନ ଉତ୍ପାଦନଠାରୁ ୭୦ କୋଟି ଗଜ ବେଶି ହେବ ବୋଲି ସ୍ଥିର ହୋଇଛି ।

୧୩ । ଦେଶ ମଧ୍ୟରେ ୧୪୫୦ ଗୋଟି ସମବାୟ ବିକ୍ରୟ କେନ୍ଦ୍ର ଖୋଲା ହୋଇ ସାରିଛି ଏବଂ ୨୨ଟି ଆନ୍ତର୍ଦେଶୀୟ ବିକ୍ରୟ ଅନୁଷ୍ଠାନ କାର୍ଯ୍ୟ କରୁଅଛି ।

୧୪ । ଗାଁଗହଳରେ ହାତତନ୍ତ ଲୁଗା ବିକ୍ରୟ ନିମନ୍ତେ ଦେଶରେ ୩୬ଟି ଭ୍ରାମ୍ୟମାଣ ବିକ୍ରୟ କେନ୍ଦ୍ର ମଟର ଗାଡ଼ି ସାହାଯ୍ୟରେ ଚାଲୁ କରାହୋଇ ଅଛି ।

୧୫ । ୮ କୋଟି ବିଦେଶୀ ମୁଦ୍ରା ପ୍ରତିବର୍ଷ ହାତତନ୍ତ ଲୁଗା ବିନିମୟରେ ଦେଶକୁ ଆସୁଅଛି ।

୧୬ । ଆମ ହାତତନ୍ତ ଲୁଗା ବିଶେଷ ପରିମାଣରେ ଲଙ୍କା, ସିଙ୍ଗାପୁର, ବ୍ୟାଙ୍ଗ୍‌କକ୍ ଇତ୍ୟାଦି ଦେଶକୁ ଯାଉଅଛି ।

୧୭ । ସରକାର ଲଙ୍କା, ସିଙ୍ଗାପୁର, ଏଡେ଼ନ୍ ବ୍ୟାଙ୍ଗ୍‌କକ୍ ଓ ରେଙ୍ଗୁନରେ ଖୋଲା ହୋଇଥିବା ହାତତନ୍ତ ଲୁଗା ବିକ୍ରୟ ଅନୁଷ୍ଠାନମାନଙ୍କୁ ସାହାଯ୍ୟ ଦେଉ ଅଛନ୍ତି ।

୧୮ । ଆମ ହାତତନ୍ତ ଲୁଗାର ଚାହିଦା ଆମେରିକା, ଜର୍ମାନୀ ଏବଂ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶ-ମାନଙ୍କରେ ମଧ୍ୟ ଯଥେଷ୍ଟ ରହିଛି ।

୧୯ । ହାତତନ୍ତ ଲୁଗାର ପ୍ରସାର ନିମନ୍ତେ ହେଣ୍ଡଲୁମ୍ ଫାବ୍ରିକ ମାର୍କେଟିଙ୍ଗ ସୋସାଇଟି ପ୍ରତିଷ୍ଠା କରା ହୋଇଅଛି ।

୨୦ । ଗତ ୭ ବର୍ଷ ମଧ୍ୟରେ ହାତତନ୍ତ ଲୁଗାର ଉତ୍ପାଦନ ପ୍ରାୟ ଦୁଇଗୁଣ ହୋଇଛି ।


# ମୋର ପୂର୍ବ ପୁରୁଷଙ୍କର ଜମି-ଆଜି ଆପଣଙ୍କର



ଗ୍ରାମ ଦାନ ଗୋଟିଏ ଖୁବ୍ ଗୁରୁତ୍ୱ ପୂର୍ଣ୍ଣ ଅହିଂସା ବିପ୍ଳବ । ପାଞ୍ଚବର୍ଷ ତଳେ କିଏ ଭାବିଥିଲା ଯେ, ଗାଁ ଜମିଦାରମାନେ ତାଙ୍କର ସବୁ ଜମିଜମା ଦେଇ ଦେବେ ଓ ତା ବଦଳରେ ତାଙ୍କ ପରିବାରକୁ ମୁଣ୍ଡି ଜମି ପାଇ ଖୁସିରେ ରହିବେ ।


ଗ୍ରାମ୍ୟ ଜୀବନର ପରିବର୍ତ୍ତନ ହେଉଛି । ଅନେକ ଲୋକଙ୍କର ଅବସ୍ଥା ଭଲ ହେବ । ତେବେ ପୁରୁଣାକାଳିଆ ପ୍ରଥା ଓ ବିଶ୍ୱାସ ଲୋପ ପାଇ ଆସୁଛି । ଖାଦ୍ୟ ପଦାର୍ଥ ଓ ସ୍ୱାସ୍ଥ୍ୟ ପ୍ରତି ଲୋକମାନେ ନଜର ଦେଉଛନ୍ତି । ବର୍ତ୍ତମାନ ଅଧିକରୁ ଅଧିକ ଲୋକ ବୁଝି ପାରୁଛନ୍ତି ଯେ, ଖାଦ୍ୟ ପଦାର୍ଥ ପୁଷ୍ଟିକର ହେବାକୁ ହେଲେ ଏହା ସୁଷମ ହେବା ଉଚିତ । କେବଳ ପେଟ ଭରିଲେ ହେବ ନାହିଁ । ସୁଷମ ଖାଦ୍ୟରେ ଫଳ, ପନିପରିବା ଓ ସମସ୍ୱାନୁସାରେ ମାଛ ରହିବା ଉଚିତ । ଏହା ସ୍ୱାସ୍ଥ୍ୟକର ଓ ଏଥିରେ କମ ଖର୍ଚ୍ଚ ।

ସ୍ନେହ ଜାତୀୟ ପଦାର୍ଥ ସୁଷମ ଖାଦ୍ୟର ଗୋଟିଏ ପ୍ରଧାନ ଅଂଶ । ଏହା ଗହମ ଓ ଭାତ ଦେଉଥିବା ଶକ୍ତିର ଅତିରିକ୍ତ ପୁଣ ଶକ୍ତି ଦିଏ । ଏହା ଭିଟାମିନ 'ଏ' ଓ 'ଡି' ଯୋଗାଏ । ଶରୀର ଗଠନକାରୀ ଏହି ଭିଟାମିନ ବର୍ଦ୍ଧନଶୀଳ ଖାଦ୍ୟ ଶିଶୁଙ୍କର ସ୍ୱାସ୍ଥ୍ୟ ପାଇଁ ଓ କଠିନ ପରିଶ୍ରମ କରୁଥିବା ଲୋକଙ୍କ ପାଇଁ ଏକାନ୍ତ ଦରକାର । ଏଇଥିପାଇଁ ବୁଦ୍ଧିମତୀ ଗୃହିଣୀମାନେ ଡାଲଡ଼ା ବନସ୍ପତି ବ୍ୟବହାର କରୁଛନ୍ତି । ଭଲ ଘିଅରେ ଯେତିକି ଭିଟାମିନ 'ଏ' ଅଛି 'ଡାଲଡ଼ାରେ' ମଧ୍ୟ ସେତିକି 'ଭିଟାମିନ 'ଏ' ମିଶା ଯାଇଛି । ସୂର୍ଯ୍ୟ କିରଣ ଦ୍ୱାରା ଦେଉଥିବା ଭିଟାମିନ 'ଡି' ମଧ୍ୟ ମିଶା ଯାଇଛି । ଏଣୁ ଏହା ରନ୍ଧିବାପାଇଁ ବ୍ୟବହାରଯୋଗ୍ୟ ଅଧିକ ପୁଷ୍ଟିକର ସ୍ନେହ ଜାତୀୟ ପଦାର୍ଥ । ରନ୍ଧନରେ ଏହା ଅନେକ ପରିବର୍ତ୍ତନ ଆଣିଛି—କାରଣ ଏଥିରେ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ସୃଷ୍ଟି ହେଉଛି ।




## ହିନ୍ଦୁସ୍ଥାନ ଲିଭର ଲିମିଟେଡ୍, ବମ୍ବେ


DL. 330-X52 RY



# ମାଟିର ମଣିଷ

ଭାରତରେ ଅନ୍ନ—ବସ୍ତ୍ର ସବୁଙ୍କ ଲାଗି ଚାଷ—ବାସରେ ହେଉଥାଏ ଚାଷୀଙ୍କ ଓ ସହିତ ସବୁଙ୍କ ଏତ କାମ। କୃଷିମାନେ ମାଟିର ମଣିଷ। କୃଷକମାନଙ୍କର କଠିନ ଓ ଅକ୍ଳାନ୍ତ ପରିଶ୍ରମଦ୍ୱାରା ପୃଥିବୀ ବୁକୁରେ ଫଳି ଉଠେ ସବୁଜ ଫସଲ। ସେହି ଫସଲ ଉପରେ ଆମ ଦେଶ ଭରସା ଓ ଭଲ। ଏବଂ ଗ୍ରାମାଞ୍ଚଳର କୃଷକ-ମାନଙ୍କର ସାମର୍ଥ୍ୟ ଓ ଅଭିଜ୍ଞତା ସବୁଠାରୁ ପାଇଁ ମୂଳ ହେବ। ଏହି କୃଷକମାନଙ୍କୁ ଆମ ଦେଶର ଲକ୍ଷ ଲକ୍ଷ ଉନ୍ନତି କରନ୍ତି। ତବୁ ଦେଶର ଜୀବନ ସବୁ ଦିନ ଅତି କୃଷକମାନେ ଦରିଦ୍ର ଓ ସ୍ୱାସ୍ଥ୍ୟବାନ ହୁଅନ୍ତି। ତେବେ ତାଙ୍କ ପକ୍ଷେ ଓ ଭଲ ଖାଦ୍ୟ ପାଇଁ ସ୍ୱାସ୍ଥ୍ୟବାନ ରହିବା ସହଜ ନାହିଁ। କାରଣ ଅଧିକାଂଶ ସମୟରେ ସେମାନେ ଧୂଳିରେ କାମ କରନ୍ତି। ଧୂଳି ଓ ମଇଳାରେ ରୋଗ ଉତ୍ପାଦକ-କାରୀ ଜୀବାଣୁ ଅଛନ୍ତି ଯେଉଁମାନେ ତାଙ୍କର ସ୍ୱାସ୍ଥ୍ୟର ପରମ ଶତ୍ରୁ। ସେଥିପାଇଁ ତାଙ୍କର ଦରକାର ସାବୁନ ଯାହାକି ଜୀବାଣୁ ଧୋଇ ସଫା କରିଦେବ ଓ ଦେହକୁ ପରିଷ୍କାର କରିବ। ଏ ସାବୁନ ହେଲା ଲାଇଫବଏ ସାବୁନ—ମୁହଁ ହାତ ଧୋଇବାପାଇଁ ସର୍ବ-ଦେଶର ଲୋକ ଲାଇଫବଏ ସାବୁନ ବ୍ୟବହାର କରିବା ଉଚିତ। ଲାଇଫବଏ ସାବୁନ ଆପଣଙ୍କ ସ୍ୱାସ୍ଥ୍ୟ ରକ୍ଷା କରେ।

**ଲାଇଫବଏ ସାବୁନ**



License No. C. R. N. P. 5, Licensed to post without p

# ମେଟ୍ରିକ୍ ଓଜନ ବଟକରା

ମେଟ୍ରିକ୍ ଓଜନ୍
୫୦ କିଲୋଗ୍ରାମ୍, ୨୦ କିଲୋଗ୍ରାମ୍, ୧୦ କିଲୋଗ୍ରାମ୍, ୫ କିଲୋଗ୍ରାମ୍
୨ କିଲୋଗ୍ରାମ୍, ୧ କିଲୋଗ୍ରାମ୍, ( ୧୦୦୦ଗ୍ରାମ୍ )
୫୦୦ଗ୍ରାମ୍, ୨୦୦ ଗ୍ରାମ୍, ଓ ୧୦୦ଗ୍ରାମ୍
ପ୍ରଚଳିତ ହେବ ।



| ମେଟ୍ରିକ୍ ଓଜନ | କାଲେକ୍ଟରୀ ଓଜନ | ପାଉଣ୍ଡ ଓଜନ |
|---|---|---|
| ୫୦ କିଲୋଗ୍ରାମ୍ | ୫୩ ସେର ୪୫ ତୋଲା | ୧୧୦ ପାଉଣ୍ଡ ୪ ଆଉନ୍ସ |
| ୨୦ କିଲୋଗ୍ରାମ୍ | ୨୧ ସେର ୩୫ ତୋଲା | ୪୪ ପାଉଣ୍ଡ ୧ ଆଉନ୍ସ |
| ୧୦ କିଲୋଗ୍ରାମ୍ | ୧୦ ସେର ୫୭ ତୋଲା | ୨୨ ପାଉଣ୍ଡ ୧ ଆଉନ୍ସ |
| ୫ କିଲୋଗ୍ରାମ୍ | ୫ ସେର ୨୯ ତୋଲା | ୧୧ ପାଉଣ୍ଡ |
| ୨ କିଲୋଗ୍ରାମ୍ | ୨ ସେର ୧୧ ତୋଲା | ୪ ପାଉଣ୍ଡ ୭ ଆଉନ୍ସ |
| ୧ କିଲୋଗ୍ରାମ୍ ବା (୧୦୦୦ଗ୍ରାମ୍) | ୧ ସେର ୬ ତୋଲା | ୨ ପାଉଣ୍ଡ ୩ ଆଉନ୍ସ |
| ୫୦୦ ଗ୍ରାମ୍ | ୪୩ ତୋଲା | ୧ ପାଉଣ୍ଡ ୧½ ଆଉନ୍ସ |
| ୨୦୦ ଗ୍ରାମ୍ | ୧୭ ତୋଲା | ୭ ଆଉନ୍ସ |
| ୧୦୦ ଗ୍ରାମ୍ | ୮½ ତୋଲା | ୩½ ଆଉନ୍ସ |

କାଲେକ୍ଟରୀ ୧ ମହଣ—୩୭.୩ କିଲୋ
କାଲେକ୍ଟରୀ ୧ ସେର—୯୩୩ ଗ୍ରାମ୍

୧ କ୍ୱିଣ୍ଟାଲ—୧୦୦ କିଲୋଗ୍ରାମ୍—୧୦୭.୧୭ ସେର (କାଲେକ୍ଟରୀ)— ୨୨୦ ପାଉଣ୍ଡ ୭ ଆଉନ୍ସ
୧୦ କ୍ୱିଣ୍ଟାଲ—୧ ମେଟ୍ରିକ୍ ଟନ୍ —୧୦୭୧.୭ ସେର " — ୨୨୦୪ ପାଉଣ୍ଡ ୧୦ ,,
୧ Cwt. (ହନ୍ଦର)—୫୦.୮୦ କିଲୋଗ୍ରାମ୍
୧ ପାଉଣ୍ଡ = ୪୫୪ ଗ୍ରାମ୍

Published by the Home ( Public Relations ) Department,
Cover block engraved and printed by ... LTD.